
ହୃଦୟ-27

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


❋ ଷଷ୍ଠ ପୁଷ୍ପ ❋ ଦ୍ୱିତୀୟ ପାଖୁଡ଼ା ❋ ସପ୍ତବିଂଶତିତମ ସଂଖ୍ୟା ❋

ସଂପାଦକ : କେଶବ ଦାସ

ପ୍ରକାଶକ : କେଶବ ସାମଲ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

✻ କେଶବାବ୍ଦ ଚତୁଶ୍ଚତ୍ୱାରିଂଶତ୍ ✻ ପୁତ୍ରଦା ମାସ ✻ ପଞ୍ଚ ପୂର୍ଣ୍ଣିମା

# ପ୍ରବେଶ ପରିଚିତି

✻ ଷଷ୍ଠ ପୁଷ୍ପ ✻

ଦ୍ୱିତୀୟ ପାଖୁଡ଼ା

ସପ୍ତବିଂଶତିତମ ସଂଖ୍ୟା

ତୃତୀୟ ସଂସ୍କରଣ - ୨୦୧୩

### ❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ ।
ବସୁନ୍ଧରା ବାରି ବିମାନ ବହ୍ନିଃବାୟୁ
ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦ ପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ଜ୍ୟୋତିଃ ଭଜନ | ୨ |
| ତୁମେ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଚରମରେ ଚିନ୍ତନ : ଏ ପାଖୁଡ଼ାରେ | ୫ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୭ |
| ପୁରାଣ ପୃଷ୍ଠାରୁ (ଗଳ୍ପାଂଶ) : | ୮ |
| ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୦ |
| **ଗରୁଡସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୪ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚି | ୧୬ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୧୯ |
| ଜିଜ୍ଞାସା : ଜିଜ୍ଞାସୁ | ୨୨ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୫ |
| କେଶବ କୈବଲ୍ୟ କଣିକା | ୩୦ |
| କଲ୍ୟାଣ ଦେଲି ତୋତେ | ୩୩ |
| 'ଚରମ' ନଂ୨୬ରେ ପ୍ରକାଶିତ କବିତାର ବ୍ୟାଖ୍ୟା | ୩୫ |
| 'ଚରମ' ନଂ୨୬ରେ ପ୍ରକାଶିତ ପ୍ରଶ୍ନର ମୀମାଂସାଖଣ୍ଡ | ୩୮ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୪୧ |
| ଫଲ୍ଗୁ ସୌରୀ ଗତି ତୀର୍ଥ | ୪୩ |
| ଆଶ୍ରମ ସନ୍ଦେଶ | ୪୭ |


## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ।।



| | |
|---|---|
| ମୂଳାଧାର କର୍ଣ୍ଣଧାର | ସ୍ୱାଧୀଷ୍ଠାନେ ସ୍ୱାଧୀନ । |
| ମଣିପୁର ପୁରୋହିତ | ଅନାହତ ପ୍ରବୀଣ ।। |
| ବିଶୁଦ୍ଧରେ ଶୁଦ୍ଧଚିର | ଆଜ୍ଞାଚକ୍ର ଅନୁଜ୍ଞା । |
| ସହସ୍ରାର ସାର ଏକା | ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।। |

# ଅରୁଣସ୍ତମ୍ଭ



**ମଙ୍ଗଳାଚରଣ**

ପାଦୁକା ଗୁରୁଦେବସ୍ୟ ସାକ୍ଷାତ୍‌ଗୁରୁ ପ୍ରକୀର୍ତ୍ତିତଃ
ତାଂ ବନ୍ଦାମହେ ନିତ୍ୟଂ ହି ଯା ତାପତ୍ରୟନାଶକଃ ।
ସା ମେ ପାତୁ ଜଗତ୍ ପାତୁ ପାତୁ ସକଳ ସଜ୍ଜନାନ୍
ଯଚାମହେ ଦଦାତୁ ମେ ମଙ୍ଗଳଂ ସକଳଂ ସୁଖମ୍ ।।

## ଶ୍ରୀପାଦୁକା ସ୍ତୁତି

ଶ୍ରୀପାଦ ପୀଠରେ କରଇ ସ୍ତୁତି ।
ଶ୍ରୀପାଦ ଯୁଗଳ ଘେନ ମିନତି ।।୧।।
ଶ୍ରୀପାଦୁକା ଯୁଗ୍ମ ପ୍ରତ୍ୟକ୍ଷ ଗୁରୁ ।
ଶ୍ରୀପାଦୁକା ପୂଜି ଜୀବନ ସରୁ ।।୨।।
ଶ୍ରୀପାଦପଦ୍ମରେ କରୁଛି ଅଳି ।
ଶ୍ରୀପାଦପଦ୍ମ ଚୁମୁ ମନ ଅଳି ।।୩।।
ଶ୍ରୀପାଦୁକା ପୀଠେ କରେ ମିନତି ।
ଶ୍ରୀପାଦୁକା ଘେନା କର ଆରତି ।।୪।।
ଶ୍ରୀପାଦରୁ କ୍ଷରି ଅଛି ଅକ୍ଷର ।
ଶ୍ରୀପାଦ ବିପଦୁ ଉଦ୍ଧାର କର ।।୫।।
ଶ୍ରୀପାଦୁକା ପାଦପଦ୍ମ ଭୂଷଣ ।
ଶ୍ରୀପାଦପାଦୁକା ଫେଡ଼ୁ କଷଣ ।।୬।।
ଶ୍ରୀପାଦ ରହୁ ମୋ ଧ୍ୟାନ ନୟନେ ।
ଶ୍ରୀପାଦ କଢ଼ାଇ ନେଉ ଅୟନେ ।।୭।।
ଶ୍ରୀପାଦୁକା ଦିଅ ଗତି ମୁକତି ।
ଶ୍ରୀପାଦ ଧରେ ଅସୀମ ଶକତି ।।୮।।
ଶ୍ରୀପାଦ ଧ୍ୟାନରେ ବିତୁ ଜୀବନ ।
ଶ୍ରୀପାଦୁକା ଦିଅ ନବ ଜୀବନ ।।୯।।
ଶ୍ରୀପାଦ ପାଦୁକା ପୂଜାର ମୂଳ ।
ଶ୍ରୀପାଦେ ଅଶେଷ ବିଭୂତି ଠୁଳ ।।୧୦।।
ଶ୍ରୀପାଦରୁ ଝରେ କଲ୍ୟାଣ ଧାରା ।
ଶ୍ରୀପାଦୁକା ଶ୍ରୀଗୁରୁସ୍ୱାମୀ ପରା ।।୧୧।।
ଶ୍ରୀପାଦ ଦାସର ସେବାର ମୂଳ ।
ଶ୍ରୀପାଦୁକା ପୂଜାର୍ଚ୍ଚନା ସୟଳ ।।୧୨।।
ଶ୍ରୀପାଦ କଢ଼ାଇ ନିଅଇ ପଥ ।
ଶ୍ରୀପାଦୁକା ଭକ୍ତ ଜୀବନ-ରଥ ।।୧୩।।
ଶ୍ରୀପାଦ ଆସୀନ ହୃଦ ଆସନେ ।
ଶ୍ରୀପାଦୁକା ନାଚେ ଦୃଷ୍ଟି ଅୟନେ ।।୧୪।।
ଶ୍ରୀପାଦ ସଂସାର ସାଗରେ ନାବ ।
ଶ୍ରୀପାଦୁକା ଦିଏ ଅଶେଷ ଭାବ ।।୧୫।।
ଶ୍ରୀପାଦ ପାଦୁକା ଚିନ୍ତଇ ମନେ ।
ଶ୍ରୀପାଦ ପାଦୁକା ନାଚେ ନୟନେ ।।୧୬।।
ଶ୍ରୀପାଦ ରଖଇ ତ୍ରିତାପ ଜାଲୁ ।
ଶ୍ରୀପାଦୁକା ଶିରେ କରୁଣା ଢ଼ାଳୁ ।।୧୭।।
ଶ୍ରୀପାଦରେ ଠୁଳ ଅଶେଷ ବଳ ।
ଶ୍ରୀପାଦୁକା କରେ ମନ ନିର୍ମଳ ।।୧୮।।
ଶ୍ରୀପାଦ ଯୁଗଳ ଭକ୍ତ ସମ୍ପତ୍ତି ।
ଶ୍ରୀପାଦ ଖଣ୍ଡଇ ସର୍ବ ବିପତ୍ତି ।।୧୯।।
ଶ୍ରୀପାଦୁକା ଗୁରୁସ୍ୱାମୀ ପ୍ରତ୍ୟକ୍ଷ ।
ଶ୍ରୀପାଦୁକା ଯୁଗ୍ମ ଅରକ୍ଷରକ୍ଷ ।।୨୦।।
ଶ୍ରୀପାଦପଦ୍ମରେ କୋଟି ପ୍ରଣାମ ।
ଶ୍ରୀପାଦ କଳିରେ ସତ୍ୟ ଅନାମ ।।୨୧।।
ଶ୍ରୀପାଦ ଅଚ୍ୟୁତ କେଶବ ରାମ ।
ଶ୍ରୀପାଦୁକା ବହେ ଶ୍ରୀଗୁରୁ ନାମ ।।୨୨।।
ଶ୍ରୀପାଦପଦ୍ମ ମୋ ଘେନ ଶରଣ ।
ଶ୍ରୀପାଦୁକା ଘେନ ପୂଜା ଅର୍ଚ୍ଚନ ।।୨୩।।
ଶ୍ରୀପାଦପାଦୁକା ଘେନ ମୋ ସ୍ତୁତି ।
ଶ୍ରୀପାଦପାଦୁକା ଖଣ୍ଡ ଦୁର୍ଗତି ।।୨୪।।

# ସିଂହଦ୍ୱାର

## ଜ୍ୟୋତିଃ ଭଜନ

ମନ, କର ଦର୍ଶନ,
ଧ୍ୟାନାସନରେ ମୁଦି ନୟନରେ ।। ଘୋଷା ।।

କଳ୍ପନା ନେତ୍ରରେ ଯାହା ତୁ' ଦେଖୁଛୁ ନୁହଁଇ ତା' ସତ୍ୟ ଗତ,
ଧ୍ୟାନାସନେ ଧ୍ୟାନ ମୁଦ୍ରାରେ ଲୟ ତୁ ଲଗାଇ ହୁଅ ବିସ୍ମୃତ;
ସତ୍ୟ ଜ୍ୟୋତି ତେବେ ଦର୍ଶନ କରିବୁ ଗୁରୁ ହେଲେ ପରସନରେ ।।୧।।

ଚାନ୍ଦ୍ରାୟଣ ଶ୍ୱାସ ପ୍ରଶସ୍ତ ଅଟଇ ସାଧ ପ୍ରାଣାୟାମ ସୂତ୍ରେ,
ମନ୍ତ୍ରର ମନନ ରଖି ତାଳ ଜ୍ଞାନ ବ୍ରହ୍ମାଣ୍ଡ ଦେଖ ତୋ' ଗାତ୍ରେ;
ବ୍ରହ୍ମଦଣ୍ଡ ମଧ୍ୟେ ବ୍ରହ୍ମରସ ଟେକି କୁଣ୍ଡଳିନୀ ଜାଗରଣରେ ।।୨।।

ଧାରଣା ଲଗାଅ ଗୋଲହାଟରେ ତୁ' ଧ୍ୟାନକର ବଙ୍କନାଳେ,
ତ୍ରିକୂଟ ସନ୍ଧିରେ ଲୟ ରଖିଥିଲେ ନ ପଡ଼ିବୁ ମାୟାଜାଲେ;
ମନ ଇନ୍ଦ୍ରିୟର ବିଯୋଗେ ବିଷୟା ନ କରିବ ସମ୍ମୋହନରେ ।।୩।।

ବାୟୁଟେକି ଉର୍ଦ୍ଧେ ରନ୍ଧ୍ରରେ ଆଘାତ ଦେଉଥିଲେ ବାରବାର;
ବ୍ରହ୍ମାଣ୍ଡ ମତରେ ପିଣ୍ଡ ମଧ୍ୟରେ ତୁ'ଦେଖିବୁ ତା' କାରବାର;
ଭବିଷ୍ୟତ ଆଉ ଅନ୍ଧାର ନୋହିବ ସଫଳ ହେବ ସାଧନରେ ।।୪।।

ପରାତ୍ପର ଗୁରୁ ପରମେଶ୍ୱର ବ୍ରହ୍ମମୟ ଶକ୍ତିଧର
ଧ୍ୟାନାସନେ ତୋତେ ନିମିଷମାତ୍ରକେ କରିବେ ସର୍ବଗୋଚର;
ଦୃଢ଼ଚିତ୍ତେ ଦୃଢ଼ ଯୋଗାସନେ ବସି କର ଜ୍ୟୋତି ଦରଶନରେ ।।୫।।

୦୦୦

# ତୁମେ

ତୁମେ ଭକତ କପାଳେ ବିନ୍ଦୁଟିଏ
ତୁମେ ନୀଳ ଆକାଶର ଇନ୍ଦୁଟିଏ
ତୁମେ ଭାବସଂସାରର ସିନ୍ଧୁଟିଏ
ତୁମେ ମୋ' ଚଲାପଥର ବନ୍ଧୁଟିଏ ।।୧।।

ତୁମେ ନୀଳସରସୀର କଇଁଟିଏ
ତୁମେ ଅଖିଳ ବିଶ୍ୱର ସାଇଁଟିଏ
ତୁମ ଭକତ ହୃଦୟ ପାଇଁ କି ହେ
ତୁମ ନୀଳନେତ୍ର ବେନି ଚାହିଁ ରହେ ।।୨।।

ତୁମେ ଉଷା ଆକାଶର କୁଆଁତାରା
ତୁମେ ପ୍ରଦୋଷ ଆକାଶେ ସଂଧ୍ୟାତାରା
ତୁମେ ବିହଗ କଣ୍ଠର ସୁର ପରା
ଝରେ ଦାସ ପାଇଁ ତୁମ କୃପା ଧାରା ।।୩।।

ତୁମେ ମଉନାବତୀର ରୂପଟିଏ
ତୁମେ ବିଷବନ୍ଧନର କୂପଟିଏ
ତୁମେ ମୋହ ଅନ୍ଧାରର ଯୂପଟିଏ
ତୁମେ ଅଖିଳ ବିଶ୍ୱର ଭୂପଟିଏ ।।୪।।

ତୁମେ ହୃଦ ମନ୍ଦିରର ଦୀପଟିଏ
ତୁମେ ମନ ବୃନ୍ଦାବନ ନୀପଟିଏ
ତୁମେ ବିମଳମନର ଧୂପଟିଏ
ତୁମେ ଧ୍ୟାନ ଦରଶନ ରୂପଟିଏ ।।୫।।

ତୁମେ ଭକ୍ତ ଅଭିମାନ ଭାଷାଟିଏ
ତୁମେ ଦାସହୃଦୟର ତୃଷାଟିଏ
ତୁମେ ରାଗ ଅନୁରାଗ ରଂଗ ଟିଏ
ତୁମେ ଆମ ଚଲାପଥ ସାଙ୍ଗଟିଏ ।।୬।।

ତୁମେ କରୁଣା କଲ୍ୟାଣ ସିନ୍ଧୁଟିଏ
ତୁମେ ପୂନେଇଁ ଆକାଶେ ଇନ୍ଦୁଟିଏ
ତୁମେ ମୋ ଲଲାଟସାର ବିନ୍ଦୁଟିଏ
ତୁମେ ସତେ ହାତଧରା ବନ୍ଧୁ ଟିଏ ।।୭।।

୦୦୦

# ମୁଖ୍ୟପାଳ ସଂପାଦକୀୟ



ପୁଣ୍ୟାତ୍ମା ନିତ୍ୟ ସ୍ମରଣୀୟା ଚିର ଆରାଧ୍ୟା ମମତାମୟୀ ଠାକୁମା' ସୁକାନ୍ତି ଦେବୀଙ୍କ
ପୁଣ୍ୟାହରେ ସେହି ଅମର ଅମ୍ଳାନ ଆତ୍ମା ପ୍ରତି "ଚରମ" ପରିବାରର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି,

ଶୋକାକୁଳ "ଚରମ" ପରିବାର

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## କ୍ରୋଧ

(ପୂର୍ବାନୁଶ୍ରୁତିରୁ)

ଯେ କୌଣସି ପ୍ରକାରର ସ୍ୱଭାବଜନିତ ଅଭ୍ୟସ୍ତ କ୍ରିୟାରେ ବାଧା ଉପୁଜିଲେ, ଜୀବର ସ୍ୱଭାବରେ ପ୍ରଚଣ୍ଡ ଆଘାତ ଲାଗେ । ଏହି ଆଘାତର ପ୍ରତିକ୍ରିୟା ସ୍ୱରୂପ କ୍ରୋଧ ଜାତ ହୁଏ । ଜୀବର ସ୍ୱାଭାବିକ ବୋଧ କ୍ରୋଧ ସହିତ ସମ୍ମିଶ୍ରିତ ହୋଇ ପର୍ଯ୍ୟାୟକ୍ରମରେ ବିବର୍ତ୍ତନ ଚକ୍ରରେ ଈର୍ଷା, ହିଂସା, ଏକ ତରଫା (ପକ୍ଷପାତ) ନିଷ୍ପତ୍ତିରେ ପରିଣତ ହୋଇ ଘୋର ସଙ୍କଟ ସୃଷ୍ଟି କରେ । ମଧୁମୟ ସୃଷ୍ଟିକୁ ଧ୍ୱଂସ ମୁଖକୁ ଟାଣିନିଏ । ଏହାଦ୍ୱାରା ଜୀବର ତଥା ଜୀବଜଗତର ବିପୁଳ କ୍ଷତି ଘଟିଥାଏ । କାରଣ, ଜୀବର ସ୍ୱାଭାବିକ ବୋଧ ଜ୍ଞାନରେ ଗୁରୁଜ୍ଞାନ ମିଶି ନ ଥାଏ । ଫଳରେ ସେହି ବୋଧଜ୍ଞାନରେ ମୂଢ଼ତାରୂପୀ ଆବରଣ ରହିଥିବା ହେତୁ ମୂଢ଼ଜୀବ ନିଜ ନିଷ୍ପତ୍ତିରେ ଅଟଳ ରହେ ଏବଂ ଅନ୍ୟକୁ ବା ଅନ୍ୟ ବିଚାରଧାରାକୁ ବୁଝିବାର କ୍ଷମତା ହରାଇଥାଏ । ଏ ପର୍ଯ୍ୟାୟର କ୍ରୋଧ ଅତ୍ୟନ୍ତ କ୍ଷତିକାରକ ଓ ମାରାତ୍ମକ । ଏହା ସର୍ବତ୍ର ବିଭତ୍ସତା ଆଣିଥାଏ । ଏଥିରେ ହିଂସା, ପ୍ରତିହିଂସା, ପରଶ୍ରୀକାତରତା, ଅହଂଭାବାପନ୍ନ ଆତ୍ମବଡ଼ିମା ଯୁକ୍ତ ହୋଇଥିବାରୁ ଏହା ସାଂସାରିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ନାନାଦି ବିଭ୍ରାଟ ସୃଷ୍ଟି କରେ ।

ଅନ୍ୟପକ୍ଷରେ କ୍ରୋଧ ସହିତ ଗୁରୁଜ୍ଞାନ ବୋଧ ମିଶ୍ରିତ ହେଲେ ପ୍ରାକୃତିକ ପ୍ରକ୍ରିୟା ବଳରେ ଏକ ନୂତନ ଭାବର ସୃଷ୍ଟି ହୁଏ । କଟୁତିକ୍ତ ମିଶି ମଧୁରତା/ମାଧୁର୍ଯ୍ୟ ସୃଷ୍ଟି କଲା ଭଳି କ୍ରୋଧ ଓ ଗୁରୁଜ୍ଞାନ ବୋଧ ଏକତ୍ର ସମ୍ମିଶ୍ରିତ ହୋଇ ନିଷ୍ଠା, ତ୍ୟାଗ, ଅଧ୍ୟାତ୍ମପଥରେ ଦୃଢ଼ତା ରୂପକ ବୀରତ୍ୱ ଆଦି ଶୁଭଲକ୍ଷଣ ପର୍ଯ୍ୟାୟକ୍ରମରେ 'ଭାବ'ରେ ରୂପାନ୍ତରିତ ହୁଏ ଓ ଜୀବ ମଧ୍ୟରେ ସୂକ୍ଷ୍ମ ସ୍ୱରୂପରେ ବିରାଜିତ ହେବାପରେ ସ୍ଥୂଳତଃ କ୍ରିୟାଶୀଳ ହୋଇଥାଏ । ଜୀବର ନିଜସ୍ୱ ଚୈତନ୍ୟ ବୋଧରେ ଗୁରୁଜ୍ଞାନ ବୋଧର ସଂଯୋଗ ହେଲେ, ଗଙ୍ଗାଯମୁନାର ସଙ୍ଗମ ଭଳି ବୁଦ୍ଧିରେ ଜ୍ଞାନ ଉଦୟ ହୁଏ । ଏହା ଜୀବକୁ ଅନ୍ୟର ବିଚାରଧାରା ବୁଝିବାକୁ ପ୍ରେରଣା ଯୋଗାଏ । ବୋଧରେ ଜ୍ଞାନ ମିଶି ଯେଉଁ ଚୈତନ୍ୟର ଉଦୟ ହୁଏ, ସେହି ଚୈତନ୍ୟ ଚରିତ୍ର ଗଠନରେ ସହାୟକ ହୋଇଥାଏ । ଏହି ପର୍ଯ୍ୟାୟର କ୍ରୋଧ କ୍ଷତିକାରକ ନ ହୋଇ ବରଂ ସହାୟକ ହୋଇଥାଏ । ଜୀବ ଏହି ପର୍ଯ୍ୟାୟରେ ହିଂସା, ଈର୍ଷା, ପ୍ରତିହିଂସା, ପରଶ୍ରୀକାତରତା, ଏକତରଫା (ପକ୍ଷପାତ) ନିଷ୍ପତ୍ତି ଆଦିରୁ ମୁକ୍ତ ରହେ । ଆଧ୍ୟାତ୍ମିକ କ୍ଷେତ୍ରରେ ମର୍ଯ୍ୟାଦାହାନି ହେବା ଭଳି ଭାବ, ଅବସ୍ଥା, ଘଟଣା, କାର୍ଯ୍ୟ ଆଦି ଉପୁଜିଲେ ଅନୁଗତ ଦାସର କ୍ରୋଧାଗ୍ନି ପ୍ରଜ୍ଜ୍ୱଳିତ ହୋଇ ଅଗ୍ନିବଳୟ ସୃଷ୍ଟି କରେ ସତ; ମାତ୍ର କ୍ରୋଧ ସହିତ ଗୁରୁଙ୍କର ବୋଧ ସମ୍ମିଶ୍ରିତ ହୋଇଥିବାରୁ ତାହା ଜୀବର ବା ଜୀବଜଗତର କ୍ଷତି ସାଧନ ନ କରି କଲ୍ୟାଣ ସାଧନ କରିଥାଏ ।

ଜୀବ ଧରାଧାମରେ ପରମାର୍ଥ ସାଧନ ନିମନ୍ତେ ଧାରାଗ୍ରହଣ କରେ । ମାତ୍ର, ଧାରା ଧରି ମୂଢ଼ତାବଶତଃ ଆପଣାର ପରମାର୍ଥ ସାଧନ ପଥରେ ପାଦ ନ ଦେଇ ସାଂସାରିକ /ପାରିବାରିକ / ଜାଗତିକ କ୍ଷେତ୍ରରେ ଅନିତ୍ୟ ବସ୍ତୁ ପ୍ରାପ୍ତି / ଅର୍ଥ-ଅନର୍ଥ ପ୍ରାପ୍ତି ପଥରେ ଦ୍ରୁତ ଗତିରେ ଧାବମାନ ହୁଏ । ଅନିତ୍ୟ ବସ୍ତୁ ଆଦିରୁ କେବଳ ଅନିତ୍ୟ ସୁଖ, ଶାନ୍ତି, ଆନନ୍ଦ ମିଳିଥାଏ । ଅନିତ୍ୟରୁ ନିତ୍ୟ ଆନନ୍ଦ ବା ମିଳିବ କିପରି ? ମୂଢ଼ତା ହେତୁ ଜୀବ ଅନିତ୍ୟରୁ ନିତ୍ୟ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତିର ଆଶା ଓ କାମନା ରଖେ । ତେଣୁ ହତାଶ ହୁଏ, ନିରାଶ ହୁଏ । ସ୍ୱଭାବ ଜନିତ ଅଭ୍ୟସ୍ତ କ୍ରିୟା /କାମନାରେ ବାଧା ଉପୁଜେ । ସ୍ୱଭାବରେ ପ୍ରଚଣ୍ଡ ଆଘାତ ଲାଗେ । ପ୍ରତିକ୍ରିୟା ସ୍ୱରୂପ କ୍ରୋଧଜାତ ହୁଏ । କ୍ରୋଧାଗ୍ନି

ପ୍ରଜ୍ଜ୍ୱଳିତ ହେବା ବେଳକୁ ବୋଧ (ଗୁରୁଜ୍ଞାନ)ର ଅଭାବ ରହିଥାଏ । ଜୀବର କ୍ରୋଧ ସହିତ ସ୍ୱାଭାବିକ ବୋଧ (ଜୀବଜ୍ଞାନ)ର ମିଶ୍ରଣ ଘଟି ଭୟଙ୍କର ବିସ୍ଫୋରଣ ହୁଏ । ହିଂସା, ପ୍ରତିହିଂସା, ପ୍ରତିଶୋଧପରାୟଣତା, ପକ୍ଷପାତ ନିଷ୍ପତ୍ତି ଉଭୟ ଜୀବ ଓ ଜୀବଜଗତପାଇଁ ସାଂସାରିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଘୋରତର ସଙ୍କଟ ସୃଷ୍ଟି କରେ । କ୍ରୋଧ ଅଗ୍ନିସ୍ୱରୂପ । କ୍ରୋଧ ସହିତ ଜୀବଜ୍ଞାନବୋଧ ମିଶ୍ରିତ ହେଲେ, ଏହି କ୍ରୋଧାଗ୍ନି ସକଳ ମାନବିକ ଓ ଦୈବିକ ଭାବସମ୍ଭାରକୁ ଭସ୍ମ କରି ମଣିଷକୁ ପଶୁ, ରାକ୍ଷସରେ ପରିଣତ କରି ଦେଇପାରେ । ସେହିପରି କ୍ରୋଧ ସହିତ ଗୁରୁଜ୍ଞାନ ବୋଧ ସମ୍ମିଶ୍ରିତ ହେଲେ, ଏହି କ୍ରୋଧାଗ୍ନି ପୁଣି ଜୀବର ଓ ଜୀବଜଗତର ସକଳ ଆସୁରିକ ଓ ପାଶବିକ ଭାବସମ୍ଭାରକୁ ଭସ୍ମୀଭୂତ କରି ଜୀବକୁ ଦିବ୍ୟାତ୍ମାରେ ରୂପାନ୍ତର କରିପାରେ ।

ଏବେ ପ୍ରତ୍ୟେକେ ନିଚ୍ଛୁଡ଼ା ନିରୋଳା ମୁହୂର୍ତ୍ତରେ ନିଜକୁ ସମୀକ୍ଷା କରି, ନିଜ ଅନ୍ତରକୁ ଅନୁଧ୍ୟାନ କଲେ, ତୁମ ଭିତରେ କେଉଁ ପର୍ଯ୍ୟାୟର କ୍ରୋଧ କେତେ ପରିମାଣରେ ରହିଛି; ତାହା ଜାଣି ପାରିବ । ଥରେ ନିର୍ଭୁଲ ଭାବରେ ଆତ୍ମ ସମୀକ୍ଷା ଓ ଆତ୍ମାନୁଧ୍ୟାନରୁ ଏହା ନିରୂପଣ କରିପାରିଲେ, ତୁମର ସାଧନ କ୍ଷେତ୍ର ଓ ମାର୍ଗ ପ୍ରସ୍ତୁତ ଏବଂ ପ୍ରଶସ୍ତ ହୋଇଯିବ । ନିର୍ଭୁଲ ନିରୂପଣ ହେଲେ, ଅର୍ଥ ତ୍ୟାଗ କରି ପରମାର୍ଥ, ଅନିତ୍ୟ ତ୍ୟାଗ କରି ନିତ୍ୟ, ପଦପଦବୀ ତ୍ୟାଗ କରି ପଦ୍ମପାଦ ପ୍ରାପ୍ତି ପଥରେ ସୁନିଶ୍ଚିତ ଦ୍ରୁତଗତିରେ ଧାବମାନ ହେବ ହିଁ ହେବ, ଏଥିରେ ସନ୍ଦେହ ନାହିଁ । ''ଦଶମୋଦକ''ର ଚରିତ୍ର ଗଠନ ପ୍ରକ୍ରିୟାରେ ଏହା ପୂର୍ଣ୍ଣ ସହାୟତା କରିବ - ଏଥିରେ ମଧ୍ୟ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ । ଏହାହିଁ ଚରମ ସତ୍ୟ, ଏହାହିଁ ଚରମ ଋତ ।


ମନୁଷ୍ୟ ଜୀବନ ସଂଗ୍ରାମ ଓ ସଂଘର୍ଷପୂର୍ଣ୍ଣ । ଏହି ସଂଗ୍ରାମ ଓ ସଂଘର୍ଷ ମଧ୍ୟରେ ପ୍ରତି ମୁହୂର୍ତ୍ତରେ ନୈରାଶ୍ୟ, ବିଫଳତା, ଅବିଶ୍ୱାସ ଓ ଅନିଶ୍ଚିତତା ଅବଶ୍ୟ ରହିଛି; ରହିବା ସ୍ୱାଭାବିକ ମଧ୍ୟ । ଏ ସକଳ ବୈପରିତ୍ୟ ସହିତ ମାନସିକ ଓ ଶାରୀରିକ ଧୈର୍ଯ୍ୟହୀନତା ହେତୁ କ୍ରୋଧ ଜନ୍ମ ନେଇ ବୃଦ୍ଧି ପାଉଛି । କ୍ରୋଧ ସହିତ ଗୁରୁଜ୍ଞାନ ବୋଧର ଅଭାବ ଓ ଜୀବଜ୍ଞାନ ବୋଧର ମିଶ୍ରଣ ଘଟି ତାହା କ୍ରମେ ପ୍ରଳୟଙ୍କରୀ ରୂପ ଧାରଣ କରି ମନୁଷ୍ୟର ବୁଦ୍ଧିନାଶ କରେ, କରୁଛି । ଫଳତଃ, ମନୁଷ୍ୟ ନିଜର ସ୍ୱାଭାବିକ ଗୁଣଧର୍ମ ତ୍ୟାଗ କରି ଅତି ନିମ୍ନସ୍ତରକୁ ଖସିଯାଇ ନିଜେ ନିଜର ବିନିଷ୍ଟ ସାଧନ କରୁଛି । ସାଂସାରିକ ବା ଆଧ୍ୟାତ୍ମିକ ହେଉ, ଜୀବର ପ୍ରତି ପଦକ୍ଷେପରେ ବାଧା ପ୍ରତିବନ୍ଧ ରୂପେ ଛିଡ଼ାହୁଏ । ଯେଉଁ ବ୍ୟକ୍ତି ଯେତେ ପରିମାଣରେ ବାଧାପ୍ରାପ୍ତ ବା ପ୍ରତିକୂଳ ପରିବେଶ ଓ ପରିସ୍ଥିତି ଦେଇ ଗତି କରନ୍ତି, ସେ ସାଧାରଣତଃ ସେତେ ଅଧିକ କ୍ରୋଧ ଜର୍ଜରିତ ହୋଇପଡ଼ନ୍ତି । ଫଳରେ କ୍ରୋଧୀ ବ୍ୟକ୍ତିର କଣ୍ଠସ୍ୱର ମଧ୍ୟ ପରିବର୍ତ୍ତନ ହୋଇଯାଏ । କ୍ରୋଧୀବ୍ୟକ୍ତିର ବଚନଭଙ୍ଗୀରେ ଲାଳିତ୍ୟ ନ ଥିବାରୁ ଶ୍ରୋତାମାନେ କ୍ରୋଧୀର କର୍କଶ କଥା ଓ ସ୍ୱରରେ ବିରକ୍ତି ପ୍ରକାଶ କରନ୍ତି । ତେଣୁ ଅନେକ କ୍ଷେତ୍ରରେ କ୍ରୋଧୀବ୍ୟକ୍ତି ସହିତ ଅନ୍ୟମାନଙ୍କର ବିନା କାରଣରେ କଳହ ହୁଏ । କଳହରୁ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହୋଇ ସାଙ୍ଗଠନିକ, ସାଂସାରିକ, ପାରିବାରିକ, ଦାମ୍ପତ୍ୟ, ସାମାଜିକ ଜୀବନ ଆଦି ଦୁର୍ବିସହ ହୋଇ ଉଠେ ।

ଏ ସକଳ କାରଣରୁ କ୍ରୋଧୀ ବ୍ୟକ୍ତି ତ୍ୟାଗୀ ହୋଇପାରେ ନାହିଁ କିମ୍ବା ପ୍ରେମୀ ମଧ୍ୟ ହୋଇ ପାରେ ନାହିଁ । ହିଂସା, ପ୍ରତିହିଂସା, ପ୍ରତିଶୋଧ ପରାୟଣତା, ଈର୍ଷା, ପରଶ୍ରୀକାତରତା, ସ୍ୱାର୍ଥପରତା ଆଦି ଦୋଷରେ ଦୁଷ୍ଟ ହୋଇ ସେ ସାମାଜିକ ମୂଲ୍ୟବୋଧ ହରାଇ ବସେ, ସେ ନା ତ୍ୟାଗ କରିପାରେ, ନା ଭୋଗ କରିପାରେ ! ନା ସେ ଅନ୍ୟକୁ ପ୍ରେମ କରିପାରେ, ନା ଅନ୍ୟର ପ୍ରେମଜୟ କରିପାରେ !! ଏହାହିଁ ସଂକ୍ଷେପରେ କ୍ରୋଧ ଓ କ୍ରୋଧୀର ଫଳଶ୍ରୁତି ।

(କ୍ରମଶଃ)

ooo

# ଶ୍ରୀମନ୍ଦିର



## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

*ଯୋଗଶାସ୍ତ୍ର ନିପୁଣ ପରମଯୋଗୀ, ପ୍ରେମ ଓ ପ୍ରଜ୍ଞାର ପ୍ରଚଣ୍ଡ ପୁରୁଷାକାର ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଆଧାତ୍ମିକ ଚିନ୍ତା ଚେତନାର ଯଥାର୍ଥ ବାର୍ତ୍ତାବହ, ଦିଗ୍‌ଦର୍ଶକ, ପ୍ରଖ୍ୟାପକ ଓ ସଂସ୍କାରକ ଥିଲେ। ବହୁ ଅଲୌକିକ କାହାଣୀର ନାୟକ ତଥା ଭବିଷ୍ୟତ ଦ୍ରଷ୍ଟା ମହାପୁରୁଷ ଅଚ୍ୟୁତ ଥିଲେ ଜଣେ ଶ୍ରେଷ୍ଠ ଦାର୍ଶନିକ। ମଣିଷ ଓ ମଣିଷବାଦର ରସ ପ୍ରାଚୁର୍ଯ୍ୟରେ ରସାଣିତ ତାଙ୍କର ଜୀବନ। ଓଡ଼ିଶାର ପୁରପଲ୍ଲୀରେ ଅଚ୍ୟୁତାନନ୍ଦ ମହାପୁରୁଷ 'ନେମାଳ ଗୋସେଇଁ', 'ବଟ ଠାକୁର' ନାମରେ ସୁପରିଚିତ। ବହୁକାଳରେ ତାଙ୍କର ସୃଷ୍ଟିସମ୍ଭାରରେ ଯୋଗ ରହସ୍ୟର ନିଗୂଢ଼ ସୂତ୍ର ପ୍ରତିଫଳିତ। ''ଚରମ''ର ଏହି ପାଖୁଡ଼ାରେ ଅଚ୍ୟୁତଙ୍କର ଶିବକଳ୍ପ-ଦ୍ୱାଦଶ ନିର୍ଘଣ୍ଟରୁ ଏଗାର ଗୋଟି ପଦଉଦ୍ଧୃତ ହୋଇ ପତ୍ରସ୍ଥ କରାଯାଇଛି। ପାଠକ/ପାଠିକାମାନେ ଏହାର ରସ ଉପଲବ୍ଧି କରିପାରିଲେ, ଶ୍ରମ ସାର୍ଥକ ହେବ।*

## ଶିବକଳ୍ପ : ଦ୍ୱାଦଶ ନିର୍ଘଣ୍ଟରୁ ଉଦ୍ଧୃତ

ଶନିସ୍ଥାପି ଶବଦକୁ ଲେଖ ଦକ୍ଷିଣରେ ।
ବୀଜମନ୍ତ୍ର ପ୍ରାପ୍ତ ହେବ ଭକ୍ତଙ୍କୁ ସେକାଳେ ॥

ଭକତମାନଙ୍କ ପାଇଁ ଲୀଳା ପ୍ରକାଶିବ ।
ଗୁପତ ଭକତପାଇଁ ମହିମା ବାସିବ ॥

ଦେବଗଣ ମେଳିହେବେ ଖଣ୍ଡଗିରି ଠାରେ ।
ଗୁପତ ଖେଳ ଖେଳିବେ ଭକ୍ତଙ୍କ ସଙ୍ଗରେ ॥

ଅଗ୍ନିମୁହାଁ ଦେବୀ ସେହି ଗ୍ରାମରେ ଅଛନ୍ତି ।
ସିଦ୍ଧ ମାଂସ ଖାଇବାକୁ ଯୋଗ ସାଧୁଛନ୍ତି ॥

ମୁଣ୍ଡମାଳ ଧଣ୍ଡାପରି ଗଳେ ଲମ୍ବାଇବ ।
ଦେବୀଙ୍କ ପଛେ ଗୋଡ଼ାଇ ସଂସାର ଖେଦିବ ॥

ଯୋଗ୍ନୀମାନେ ଗୋଡ଼ାଇବେ ତାଙ୍କର ପଛରେ ।
କିଳିକିଳା ନାଦ କରି ମୋଡ଼ିବେ ପାମରେ ॥

ବହୁ ସଂଖ୍ୟା ମ୍ଳେଚ୍ଛମାନେ ନିଧନ ହୋଇବେ ।
ମନ୍ଦବୃଷ୍ଟି ନିତିହେବ ମୀନଶନି ଯୋଗେ ॥


କାମପରାବୀଜ ବେନି ଠିକଣା ତୁ କର ।
ଓଁ କାର ଆକାର ଘେନି ବ୍ରହ୍ମସୂତ୍ର ଧର ॥

ଧ୍ଲିଂପ୍ଲିଂ ବୋଲିଣ ଯେ ଓମିତି ଯୋଗର ।
ଓଲଟି ଶବଦ ବ୍ରହ୍ମ ଶୂନ୍ୟରେ ବିହାର ॥

ଉକାର ଆକାରଯୋଗ ଶବଦକୁ ପୁଣି ।
ହ୍ଲୀଂଶ୍ଲୀଂ ଉକାର ଯେ ମକାରକୁ ଘେନି ॥

ବିଜୟୀ ଶବଦ ଜ୍ୟୋତି ଶୂନ୍ୟର ଉପର ।
ନାମ ମାତ୍ରା ଭଜନ ଯେ ସାରସ୍ୱତବୀର ॥

ଏହାର ସରଳ ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ ହୋଇଛି ।




# ଗଳ୍ପାଂଶ
## ଗଳ୍ପାଂଶ

ମନ୍ଦିର ମାଳିନୀ ପରି ଉତ୍କଳର ପୁରାଣବିଭବ ଯଶସ୍ୱିନୀ । ପଞ୍ଚଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ନ୍ୟୁନାଧିକ ପଚାଶଟି ପୁରାଣଗ୍ରନ୍ଥ ଓଡ଼ିଆ ଭାଷାରେ ରଚିତ ହୋଇଛି । ଏହି ଗ୍ରନ୍ଥରାଜି ଓଡ଼ିଆ ସାହିତ୍ୟର ଅଙ୍ଗସଜ୍ଜା ଓ ଆତ୍ମିକ ବର୍ଦ୍ଧନରେ କେବଳ କୀର୍ତ୍ତିମୟ ନୁହଁନ୍ତି, ଅଧିକନ୍ତୁ ଓଡ଼ିଆ ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ଗଠନରେ ଅନନ୍ୟ ଭୂମିକା ନେଇଛନ୍ତି । ଗ୍ରନ୍ଥଗୁଡ଼ିକର ଆଦର ଏତେ ବ୍ୟାପକ ଥିଲା ଯେ ପଡ଼ୋଶୀ ପ୍ରଦେଶରେ ତାଙ୍କ ଲିପିରେ ଲିଖିତ ଓ ପଠିତ ହେଉଥିଲା । ପୁରାଣ ଗ୍ରନ୍ଥ ଓଡ଼ିଆରେ ଶୁଷ୍କ ଉପଦେଶାତ୍ମକ କାହାଣୀଧର୍ମୀ ଗ୍ରନ୍ଥ ନୁହେଁ । ଏହା ଆଧ୍ୟାତ୍ମିକ ତଥା ଧର୍ମ ସମ୍ବନ୍ଧୀୟ ସାହିତ୍ୟ କୃତି । ସାହିତ୍ୟ ଓ ଧର୍ମ ଉଭୟ କଳାର ସବୁ ଐଶ୍ୱର୍ଯ୍ୟ ଓ ଲକ୍ଷଣରେ ଏହା ପରିପୂର୍ଣ୍ଣ । ''ତରଙ୍ଗ''ର ଏହି ପାଖୁଡ଼ାରେ 'ବ୍ରହ୍ମବୈବର୍ତ୍ତ ପୁରାଣ'ରୁ ଉଦ୍ଧୃତ ''ଶଙ୍ଖଚୂଡ଼ ବୃତ୍ତାନ୍ତ'' ପତ୍ରସ୍ଥ କରାଯାଇଅଛି । ସହୃଦୟ ପାଠକପାଠିକାମାନେ ଏହା ପାଠ କରି ନିୟମିତ ପୁରାଣ ପଠନରେ ଶ୍ରଦ୍ଧାଶୀଳ ହେଲେ ଏବଂ ପ୍ରକୃତ ଅର୍ଥରେ ପ୍ରକୃଷ୍ଟ ଭାବରେ ଆଧ୍ୟାତ୍ମିକ ଜୀବନଯାପନରେ ବ୍ରତୀ ହେଲେ, ଶ୍ରମ ସାର୍ଥକ ହେବ ।

## ଶଙ୍ଖଚୂଡ଼ ବୃତ୍ତାନ୍ତ

ଧର୍ମଧ୍ୱଜଙ୍କର ଯୁବତୀ କନ୍ୟା ତୁଳସୀ ରାଧାମନ୍ତ୍ର ପାଇ ସନ୍ତୁଷ୍ଟ ହୋଇ ମାନସ ପ୍ରକ୍ରିୟାରେ ମନ୍ତ୍ର ସାଧନ କଲେ । ଏଣେ ମହାମତି ଶଙ୍ଖଚୂଡ଼ ବ୍ରହ୍ମାଙ୍କ ଠାରୁ କୃଷ୍ଣମନ୍ତ୍ର ଲାଭ କରି ପୁଷ୍କରରେ ତପ କରି ସିଦ୍ଧିଲାଭ ପରେ ଏକ ମନୋରମା ନାରୀ ଅନ୍ୱେଷଣରେ ବାହାରି ଥାଆନ୍ତି । ବ୍ରହ୍ମାଙ୍କ ଆଦେଶରେ ସେ ଗଳାରେ ମଙ୍ଗଳକବଚ ଧାରଣ କରି ବଦରିକା ବନରେ ପୁଲକିତ ମନରେ ଭ୍ରମଣ କରୁକରୁ ଅକସ୍ମାତ୍ ଯୁବତୀ ତୁଳସୀଙ୍କୁ ଦର୍ଶନ କଲେ । ଶଙ୍ଖଚୂଡ଼ ସେହିଠାରେ ହିଁ ତୁଳସୀଙ୍କର ପରିଚୟ ପାଇ ଆପଣାର ପରିଚୟ ପ୍ରଦାନ କରି କହିଲେ, -ଏବେ ଦନୁଜବଂଶରେ ମୋର ଜନ୍ମ, ନାମ ମୋର ଶଙ୍ଖଚୂଡ଼ । ପୂର୍ବେ ଗୋଲୋକଧାମରେ ମୋର ବସତି ଥିଲା । ସେତେବେଳେ ମୋର ନାମ ଥିଲା ସୁଦାମ । ରାଧାଙ୍କ ଅଭିଶାପ ବଳରେ ଏବେ ମୁଁ ଦାନବ କୁଳରେ ଜନ୍ମଲାଭ କରିଅଛି । ନିରନ୍ତର କୃଷ୍ଣମନ୍ତ୍ର ହୃଦୟରେ ସ୍ମରଣ କରି ମୁଁ ଜାତିସ୍ମର ଅଟେ । ହେ ସୁନ୍ଦରୀ, ତୁମ୍ଭଙ୍କୁ ଗାନ୍ଧର୍ବମତରେ ଗ୍ରହଣ କରିବା ପାଇଁ ମୁଁ ଇଚ୍ଛା କରୁଅଛି । ତୁଳସୀ ଏବଂ ଶଙ୍ଖଚୂଡ଼ଙ୍କ କଥାବାର୍ତ୍ତା ମଧ୍ୟରେ ସେଠାରେ ଆସି ବେଦପତି ବ୍ରହ୍ମା ଉପସ୍ଥିତ ହେଲେ । ଉଭୟେ ତାଙ୍କୁ ପ୍ରଣାମ କଲେ । ବ୍ରହ୍ମା ତୁଳସୀଙ୍କୁ ସମ୍ବୋଧନ କରି କହିଲେ, - ତୁମ୍ଭେ ଏହାଙ୍କୁ ପତିରୂପରେ ବରଣକର । ଏହାଙ୍କ ସହିତ ସୁଖମୟ ଦାମ୍ପତ୍ୟ ଜୀବନ ଅତିବାହିତ କରି ତୁମ୍ଭେ ଗୋଲୋକ ନଗରକୁ ଯାଇପାରିବ, ସେଠାରେ କୃଷ୍ଣଙ୍କୁ ପାଇବ, ବୈକୁଣ୍ଠ ଯାଇ ନାରାୟଣଙ୍କୁ ଦର୍ଶନ କରିବ, ସେହି ନାରାୟଣ ହିଁ କୃଷ୍ଣଙ୍କର ଅଂଶ ବିଶେଷ ଅଟନ୍ତି । ବ୍ରହ୍ମା ଶଙ୍ଖଚୂଡ଼ଙ୍କୁ ଆଦେଶ ଦେଲେ, ଏହି ଯୁବତୀ ତୁଳସୀଙ୍କୁ ତୁମ୍ଭେ ଗାନ୍ଧର୍ବ ବିଧିରେ ଆତ୍ମ ସମ୍ମୁଖରେ ପତ୍ନୀ ରୂପରେ ଗ୍ରହଣ କର ।

ବ୍ରହ୍ମାଙ୍କ ଆଦେଶରେ ଶଙ୍ଖଚୂଡ଼ ଓ ତୁଳସୀଙ୍କର ଗାନ୍ଧର୍ବମତରେ ବିବାହ ହେଲା । ବ୍ରହ୍ମା ଉଭୟଙ୍କୁ ଆଶୀର୍ବାଦ କରି ଆପଣା ଭୁବନକୁ ବାହୁଡ଼ିଗଲେ । ବିବାହାନ୍ତେ ଦେବଲୋକରେ ଦୁନ୍ଦୁଭି ନିନାଦ ହେଲା, ଧରାପୃଷ୍ଠରେ ଅବିରତ ପୁଷ୍ପବୃଷ୍ଟି

ହେଲା। ଶଙ୍ଖଚୂଡ଼ ଏବଂ ତୁଳସୀ ସୁଖମୟ ଦାମ୍ପତ୍ୟଜୀବନ ଅତିବାହିତ କଲେ । ପ୍ରଜାମାନଙ୍କୁ ପ୍ରତିପାଳନ କଲେ । ଦେବତାମାନଙ୍କୁ ଯୁଦ୍ଧରେ ପରାସ୍ତ କରି ସେମାନଙ୍କର ଯଜ୍ଞଭାଗକୁ ହରଣ କରିନେଲେ । ଦେବତାମାନେ ଭିକ୍ଷୁକପ୍ରାୟ ହୋଇ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ ଓ ସମସ୍ତ କଥା ତାଙ୍କୁ କହିଲେ। ତହୁଁ ବ୍ରହ୍ମା ଦେବଗଣଙ୍କୁ ଧରି କୈଳାସପୁରରେ ଶିବଙ୍କ ସନ୍ନିଧାନରେ ଉପନୀତ ହୋଇ ସମସ୍ତ ବର୍ଣ୍ଣନା କଲେ । ସେଠାରୁ ବ୍ରହ୍ମା ଓ ଦେବଗଣଙ୍କ ସହିତ ଦେବଦେବ ମହାଦେବ ଯାଇ ହରିଙ୍କ ନିକଟରେ ଉପସ୍ଥିତ ହୋଇ ଦୁଃଖମୋଚନ ନିମନ୍ତେ ନିବେଦନ କଲେ ।

ଶ୍ରୀହରି ସମସ୍ତ କଥା ଶୁଣିବା ପୂର୍ବରୁ କହିଲେ-ହେ ପଦ୍ମାସନ, ମୋତେ ସମସ୍ତ ବୃତ୍ତାନ୍ତ ଜଣାଅଛି । ଶଙ୍ଖଚୂଡ଼ ମୋର ଭୁବନବିଦିତ ଭକ୍ତ ଅଟେ । ଯେ ଗୋଲୋକରେ ସୁଦାମ ନାମ ଧାରଣ କରି କୃଷ୍ଣଙ୍କ ପାର୍ଷଦ ରୂପେ ଥିଲେ । ମାତ୍ର ରାଧାଙ୍କର ଅଭିଶାପରେ ଅସୁର କୁଳରେ ଜନ୍ମ ଲଭିଅଛି । ସେ ମଙ୍ଗଳକବଚ ଗଳାରେ ଧାରଣ କରିଥିବାରୁ ତ୍ରିଭୁବନ ଜୟ କରିପାରିଛି। ଯେତେଦିନ ପର୍ଯ୍ୟନ୍ତ ସେ ତାହା କଣ୍ଠରେ ଧାରଣ କରିଥିବ, ସେତେଦିନ ପର୍ଯ୍ୟନ୍ତ ତାହାର ମୃତ୍ୟୁ ନାହିଁ । ତେଣୁ, ମୁଁ ବିପ୍ରରୂପରେ ଯାଇ ତା'ଠାରୁ କବଚ ଗ୍ରହଣ କରିବି । ପୁଣି ବିଷ୍ଣୁ କହିଲେ, ହେ ବ୍ରହ୍ମା ! ତୁମ୍ଭେ ତାଙ୍କୁ ଏ ବର ମଧ ଦେଇଛ ଯେ, ତା'ର ପତ୍ନୀର ସତୀତ୍ୱ ନ ଭାଙ୍ଗିବା ପର୍ଯ୍ୟନ୍ତ ତା'ର ମୃତ୍ୟୁ ହେବ ନାହିଁ । ତେଣୁ, ମୁଁ ଯାଇ ତା'ର ପତ୍ନୀର ସତୀତ୍ୱ ଭାଙ୍ଗିବି । ତତ୍‌ପରେ ଦୈତ୍ୟ ଶଙ୍ଖଚୂଡ଼ର ମୃତ୍ୟୁ ହେବ । ତତ୍‌ପରେ ତା'ର ସ୍ତ୍ରୀ ମଧ ଜୀବନ ତ୍ୟାଗ କରିବ ଓ ମୋର ପ୍ରିୟତମା ହୋଇ ରହିବ । ଏହା କହି ଶ୍ରୀହରି ଦେବଦେବ ମହାଦେବଙ୍କୁ ତ୍ରିଶୂଳ ଦେଇ ଶଙ୍ଖଚୂଡ଼ ସହିତ ଯୁଦ୍ଧ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ ।

ଶିବ ଶଙ୍ଖଚୂଡ଼ ଦୈତ୍ୟ ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । ପୁଷ୍ପଦନ୍ତ ନାମକ ଗନ୍ଧର୍ବଙ୍କୁ ଶଙ୍ଖଚୂଡ଼ ନିକଟକୁ ଦୂତ ରୂପେ ପଠାଇଲେ। ପୁଷ୍ପଦନ୍ତ ଶଙ୍ଖଚୂଡ଼ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ କହିଲେ ଓ ଦେବତାମାନଙ୍କୁ ତାଙ୍କ ରାଜ୍ୟ ଫେରସ୍ତ ଦେବା ପାଇଁ ଅନୁରୋଧ କଲେ । ମାତ୍ର ଶଙ୍ଖଚୂଡ଼ ସ୍ୱର୍ଗରାଜ୍ୟ ଫେରାଇବା ପରିବର୍ତ୍ତେ ଯୁଦ୍ଧ କରିବା ପାଇଁ ଶିବଙ୍କ ନିକଟକୁ ପୁଷ୍ପଦନ୍ତ ଗନ୍ଧର୍ବଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କଲେ । ଏଣେ କାର୍ତ୍ତିକ ଆଦି ଦେବଗଣ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଲେ । ଶଙ୍ଖଚୂଡ଼ ମଧ ଏକାନ୍ତ ଅନ୍ତରରେ ଶ୍ରୀନାରାୟଣଙ୍କୁ ଚିନ୍ତା କରି ଯୁଦ୍ଧଯାତ୍ରା କଲେ । ମହେଶ୍ୱର ଏବଂ ଶଙ୍ଖଚୂଡ଼ ଯୁଦ୍ଧକ୍ଷେତ୍ରରେ ନିଜନିଜର ସୈନ୍ୟାଦି ସହିତ ଉପସ୍ଥିତ । ଶଙ୍ଖଚୂଡ଼ ମହେଶ୍ୱରଙ୍କୁ ସାକ୍ଷାତ୍ କରି ପ୍ରଣାମ ନିବେଦନ କଲେ । ତହୁଁ ଉଭୟଙ୍କ ମଧ୍ୟରେ ମହାଘୋର ଯୁଦ୍ଧହେଲା। ଏ ଯୁଦ୍ଧ ବହୁଦିନ ପର୍ଯ୍ୟନ୍ତ ଚାଲିଲା।

ଯୁଦ୍ଧ ସମୟର ଦିନକର ଘଟଣା। ଜଣେ ବୃଦ୍ଧବ୍ରାହ୍ମଣ ଶଙ୍ଖଚୂଡ଼ଙ୍କ ସମୀପରେ ଉପନୀତ ହୋଇ କହିଲେ- ହେ ଦାନବରାଜ, ମୁଁ କ୍ଷୁଧା ତୃଷାତୁର ଦରିଦ୍ର ବ୍ରାହ୍ମଣ। ଆପଣଙ୍କ ଠାରୁ କିଛି ଭିକ୍ଷା ଗ୍ରହଣ କରିବା ଆଶାରେ ଆସିଛି। ଆପଣ ଅଙ୍ଗୀକାର କଲେ, ମୁଁ ଭିକ୍ଷା ମାଗିବି। ଦୈତ୍ୟ ଅଧିପତି ଶଙ୍ଖଚୂଡ଼ ଭିକ୍ଷା ଦେବା ପାଇଁ ପ୍ରତିଜ୍ଞା କରିବା ପରେ ବୃଦ୍ଧ ବ୍ରାହ୍ମଣ ବେଶୀ ମାୟାଧର ନାରାୟଣ କହିଲେ- ତୁମ୍ଭ ଗଳାରେ ଥିବା କବଚ ମୋତେ ଭିକ୍ଷା ଦିଅ । ଶଙ୍ଖଚୂଡ଼ ଚିହ୍ନିଲା ଯେ ଏ ହେଉଛନ୍ତି ଚକ୍ରୀ ନାରାୟଣ। ତହୁଁ ବିନା ଦ୍ୱିଧାରେ କଣ୍ଠରୁ କବଚ କାଢ଼ି ନାରାୟଣଙ୍କୁ ପ୍ରଦାନ କଲା । କମଳାପତି ନାରାୟଣ ଛଳନା କରି କବଚ ନେବା ପରେ ଶଙ୍ଖଚୂଡ଼ ରୂପ ଧରି ତୁଳସୀଙ୍କ ପୁରକୁ ଯାଇ ତାଙ୍କୁ ରମଣ କଲେ ଓ ମାୟାଛଳରେ ସତୀଙ୍କ ଗର୍ଭରେ ବୀର୍ଯ୍ୟାଧାନ କଲେ। ଏଣେ ତୁଳସୀ ଗର୍ଭରେ ରେତପାତ ହୁଅନ୍ତେ, ତେଣେ ଆକାଶମାର୍ଗରୁ ଶୂନ୍ୟବାଣୀ ହେଲା- ହେ ତ୍ରିନୟନ ମହାଦେବ, ଆଉ ସମୟ ନଷ୍ଟ ନ କରି ଶୂଳରେ ଆଘାତ କରି ଦୈତ୍ୟଙ୍କୁ ନିଧନ କର। ବିଷ୍ଣୁ ଦତ୍ତ ଶୂଳ ଆଘାତରେ ଦୈତ୍ୟପତି ଶଙ୍ଖଚୂଡ଼ ପ୍ରାଣ ତ୍ୟାଗ କଲା। ପ୍ରାଣତ୍ୟାଗ ପୂର୍ବରୁ ଦୈତ୍ୟ ଯୋଗାସନରେ ବସି ରହିଲା। ପ୍ରାଣ ତ୍ୟାଗ ପରେ ଶଙ୍ଖଚୂଡ଼ ଗୋପ ବେଶ ଧରି ନାନା ବିଭୂଷଣରେ ମଣ୍ଡିତ ହୋଇ ବିଚିତ୍ର ବିମାନରେ ଚଢ଼ି କୋଟି ଗୋପଙ୍କ ମେଳରେ ଗୋଲୋକ ଭୁବନକୁ ଗମନ କଲା। ସେଠାରେ ରାଧାକୃଷ୍ଣଙ୍କୁ ଦର୍ଶନ କରି ଭକ୍ତି ସହକାରେ ପ୍ରଣାମ ନିବେଦନ କଲା। ରାସ ବୃନ୍ଦାବନରେ ସୁମଙ୍ଗଳ ଧାମରେ ସକଳେ ସୁଦାମଙ୍କୁ ଦେଖି ଉଲ୍ଲସିତ ହେଲେ ।

*(ପ୍ରକାଶ ଥାଉକି-ମହାଦେବ ଶଙ୍ଖଚୂଡ଼ର ଅସ୍ଥି ସବୁ ଲବଣ ସାଗରରେ ନିକ୍ଷେପ କଲେ। ଶଙ୍ଖଚୂଡ଼ର ଅସ୍ଥିରୁ ଶଙ୍ଖ ଉତ୍ପନ୍ନ ହେଲା। ସେହି ଶଙ୍ଖ ଦେବଦେବୀଙ୍କ ପୂଜାରେ ଲାଗିଲା । ଶିବଙ୍କ ବ୍ୟତୀତ ଅନ୍ୟ ସମସ୍ତ ଦେବଦେବୀ ପ୍ରୀତ ହୁଅନ୍ତି। ଶଙ୍ଖଜଳରେ ସର୍ବତୀର୍ଥଙ୍କର ସର୍ବଦା ଓ ସର୍ବଥା ଅଧିଷ୍ଠାନ କରନ୍ତି। ଶଙ୍ଖଧ୍ୱନି ଯେଉଁଠି, ମା' ଲକ୍ଷ୍ମୀ ସେଠାରେ ସ୍ଥିର ହୋଇ ରହନ୍ତି। ଶଙ୍ଖଧ୍ୱନିରେ ସବୁ ଅମଙ୍ଗଳର ବିନାଶ ହୁଏ ।)*

ଏହାର ସରଳ ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ଆଲୋଚିତ କରାଯାଇଅଛି ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



*ମୋହାବିଷ୍ଟ ଜୀବ ଧରାପୃଷ୍ଠରେ ମାନବଲୀଳା କାଳରେ ବହୁଭାବରେ ବହୁ କ୍ଷେତ୍ରରେ ଭ୍ରମର ଭଉଁରୀରେ ପଡି ପଥଭ୍ରଷ୍ଟ ହୁଏ, ହେବା ସ୍ୱାଭାବିକ ମଧ୍ୟ । ଜୀବ ସ୍ୱଭାବରେ ଖେଳି ଜ୍ୱାଳା ଯନ୍ତ୍ରଣା, ରୋଗଶୋକରେ ଦଗ୍ଧମାନ ହୁଏ । ବିଶେଷ କରି ପରମାର୍ଥ ଜୀବନଚର୍ଯ୍ୟାରେ ଏବଂ ଆଧ୍ୟାତ୍ମିକ ଚିନ୍ତା ଚେତନାରେ ମୋହ ଅନେକଙ୍କୁ ଯୋଗଭ୍ରଷ୍ଟ, ପଥଚ୍ୟୁତ କରିଥାଏ, ଏହାର ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଏତାଦୃଶ ପ୍ରମାଦରୁ ଆମମାନଙ୍କୁ ରକ୍ଷା କରିବା ପାଇଁ ପରମଦୟାଳୁ ପରମପୁରୁଷ ଚରମପାଦ ଠାକୁରେ ଅସୀମ କରୁଣା କରି ମୋହପାଶକୁ ଶିଥିଳ କରିବାର ଉପାୟ ଦର୍ଶାଇ ଦେଇଛନ୍ତି । ତାହାର ଫଳଶ୍ରୁତି ସ୍ୱରୂପ ଏଥରକ "ଚରମ" ପୃଷ୍ଠାରେ ପତ୍ରସ୍ଥ ହୋଇଛି-କ୍ଷରିତ ମୋହ ଏବଂ ଅନୁକ୍ଷରିତ ମୋହ ।*

## କ୍ଷରିତ ମୋହ

ଗୁର୍ବାଗଂଜନ ମୋହର ଊନବିଂଶ (୧୯) ପ୍ରକରଣ କ୍ଷରିତ ମୋହ ସମ୍ପର୍କରେ ଜିଜ୍ଞାସା କରି ଜିଜ୍ଞାସୁ ଭକ୍ତ ପୁଚ୍ଛା କରନ୍ତି :

**ଶିଷ୍ୟ ଉବାଚ :**

କ୍ଷରିତ ମୋହ ବ୍ୟାଖ୍ୟା କରି । କୁହ ହେ ପ୍ରଭୁ ତୋଷ କରି ।।

**ଜିଜ୍ଞାସୁ ଭକ୍ତ (ଶିଷ୍ୟ)** ର ଜିଜ୍ଞାସା ସମାଧାନ ନିମନ୍ତେ ଶ୍ରୀଶ୍ରୀଗୁରୁସ୍ୱାମୀ ସ୍ମିତହାସ୍ୟର ସହିତ ପରମ ଶାନ୍ତି ଓ ସନ୍ତୋଷରେ ସୁମଧୁର ଭାଷାରେ ସୁକୋମଳ ସ୍ୱରରେ କହନ୍ତି;

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରାଣୀ ସୂକ୍ଷ୍ମାତି ସୂକ୍ଷ୍ମଗତ । ହୋଇଣ ସୂକ୍ଷ୍ମାଦି ଜଗତ ।।
ଦର୍ଶନ ଅବସ୍ଥାରେ ରହି । ଆତ୍ମା ସହିତ ଲଗ୍ନ ହୋଇ ।।
କରେ ଯେ ଜ୍ଞାନ ଆହରଣ । କ୍ଷରିତ ମୋହ ବୋଲି ଜାଣ ।।

**ବ୍ୟକ୍ତି** ଯେତେବେଳେ ସୂକ୍ଷ୍ମାତିସୂକ୍ଷ୍ମ ଜଗତର ଦର୍ଶନ ଅବସ୍ଥାରେ ପହଞ୍ଚି ଆତ୍ମା ସହିତ ଜଡ଼ିତ ଥାଇ ଜ୍ଞାନ ଆହରଣ କରେ, ସେତେବେଳେ ତାହାର ସେହି ସ୍ଥିତାବସ୍ଥାକୁ 'କ୍ଷରିତ ମୋହ' କୁହାଯାଏ । ଏହା କ୍ଷରିତ ଅଂଶ ମୋହ (ଚରମ ୨୩ ସଂଖ୍ୟା ଦ୍ରଷ୍ଟବ୍ୟ) ଠାରୁ ଉଚ୍ଚତର ସୋପାନ ଅଟେ । କ୍ଷରିତ ମୋହ ସୋପାନରେ ବ୍ୟକ୍ତି ମାତୃଘଟ ନିରୂପଣ (ଅର୍ଥାତ୍ ପରବର୍ତ୍ତୀ ଜନ୍ମରେ ବ୍ୟକ୍ତି କେଉଁ ମା'ର ଗର୍ଭରେ ବିନ୍ଦୁରୂପରେ ପ୍ରବେଶ କରି ଧରାଧାମରେ ଭୂମିଷ୍ଠ ହେବାକୁ ଇଚ୍ଛୁକ ତାହା ସ୍ପଷ୍ଟଭାବରେ ନିରୂପଣ କରିବାର ଶକ୍ତି ଲାଭ କରି ପାରିଥାଏ),

ଆତ୍ମାର ପୂର୍ଣାଙ୍ଗ ସ୍ୱରୂପ ଦର୍ଶନ ଏବଂ ନୀତି ଶିକ୍ଷାମୂଳକ ନାମଭଜନରେ ଜ୍ଞାନଲାଭ କରିଥାଏ । କ୍ଷରିତ ମୋହର ଛଅ ଗୋଟି ସୋପାନ ରହିଅଛି ।

ଯଥା : (୧) ସୂକ୍ଷ୍ମାଦି ସାହିତ୍ୟ, (୨) ସୂକ୍ଷ୍ମାଦି କାବ୍ୟ କବିତା, (୩) ସୂକ୍ଷ୍ମାଦି କଥକ, (୪) ସୂକ୍ଷ୍ମାଦି ନୃତ୍ୟ, (୫) ସୂକ୍ଷ୍ମାଦି ନାଟ୍ୟ ଏବଂ (୬) ସୂକ୍ଷ୍ମାଦି ଚାରୁଚିତ୍ର କଳା ।

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଏହାର ଷଡ଼ାଙ୍ଗ ସୋପାନ । କହୁଛି ବତ୍ସ ଧୀରେ ଶୁଣ ॥
ପ୍ରଥମେ ସୂକ୍ଷ୍ମାଦି ସାହିତ୍ୟ । ପ୍ରାଣୀର ଯାହା ସାଧେ ହିତ ॥
ଦର୍ଶନ ଯୋଗୀ ଯେତେଛନ୍ତି । ସାହିତ୍ୟେ ଭାବ ସୃଜିଛନ୍ତି ॥
ଦ୍ୱିତୀୟ ସୁକାବ୍ୟ କବିତା । ସୂକ୍ଷ୍ମାଦି କାବ୍ୟ ଅନିନ୍ଦିତା ॥
ତୃତୀୟ ସୂକ୍ଷ୍ମାଦି କଥକ । ତାଳର ପ୍ରତିଶବ୍ଦ ଡାକ ॥
ନୃତ୍ୟ, ସଙ୍ଗୀତ, ତାଳ, ଡାକ । ତାହାକୁ କହନ୍ତି କଥକ ॥
ଚତୁର୍ଥେ ସୂକ୍ଷ୍ମ ଆଦି ନୃତ୍ୟ । ନୃତ୍ୟରେ ଅଙ୍ଗର ଇଙ୍ଗିତ ॥
ପ୍ରତ୍ୟେକ ସୂତ୍ର ଏଥି ଅଛି । ଯେ ଯାହା ନେଇ ପାରେ ବାଛି ॥
ପଞ୍ଚମେ ସୂକ୍ଷ୍ମ ନାଟ୍ୟମୋଦ । ଅଭିନୟରେ ଶ୍ରେଣୀ ଭେଦ ॥
ଷଷ୍ଠରେ ଚାରୁ ଚିତ୍ର କଳା । ନାନାଦି ଭାବରେ ଉଭଳା ॥
ଏସବୁ ଏହି ଜଗତରେ । ପ୍ରାଣୀ ହିଁ ହୃଦଗତେ ଧରେ ॥
କୋଟିକୁ କୋଟି ପ୍ରାଣୀ ଜାଣ । ଏ ଭାବ କରନ୍ତି ଗ୍ରହଣ ॥
ଯେହୁ ଗ୍ରହଣ ନ କରଇ । ତା'କୁ କି ମାନବାତ୍ମା କହି ??

## ଅନୁକ୍ଷରିତ ମୋହ

**ଶିଷ୍ୟ ଉବାଚ :**

ଅନୁକ୍ଷରିତ ମୋହ ଆଖ୍ୟା । ଧରଇ କିଏ କର ବ୍ୟାଖ୍ୟା ॥
ପଦ୍ମପାଦରେ ଅର୍ଜି କରି । ଜିଜ୍ଞାସା ମନ ମଧ୍ୟେ ଧରି ॥
ଫେଡ଼ି ମୋ ଜିଜ୍ଞାସା କଷଣ । ହେ ଦେବ, କର ହେ କଲ୍ୟାଣ ॥

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ପ୍ରାଣୀ ଯେ ଅବସ୍ଥା ଚକ୍ରରେ । ଚିତ୍ତରେ ଅତିକ୍ରମ କରେ ॥
ଚିତ୍ତରେ ସେ ସବୁ ଅବସ୍ଥା । ଅନୁମାନ ଜ୍ଞାନ ବ୍ୟବସ୍ଥା ॥

ଆନୁମାନିକ ସୂତ୍ର ଦ୍ୱାରା । ଜ୍ଞାନ ଦର୍ଶାଇ ଥାଏ ପରା ॥
ଚିଉର ଅବସ୍ଥାଟି ଏହା । ଅନୁକ୍ଷରିତ ମୋହ ତାହା ॥

ଅର୍ଥାତ୍ ବ୍ୟକ୍ତି ଚିଉରେ ଅବସ୍ଥା ଅତିକ୍ରମ କରି ଆନୁମାନିକ ସୂତ୍ର ଦ୍ୱାରା ଯେଉଁ ଜ୍ଞାନ ଯେତିକି ଯେପରି ଦର୍ଶାଇଥାଏ, ତାହାକୁ 'ଅନୁକ୍ଷରିତ ମୋହ' କହନ୍ତି । ଏ ଧରାପୃଷ୍ଠରେ ଅନେକେ ଅଛନ୍ତି ଯେଉଁମାନେ ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଜ୍ଞାନ ଆହରଣ ନ କରି, କେବଳ ମାତ୍ର ଅନୁମାନ ବଳରେ ବା ନାନାଦି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଜ୍ଞାନ ସଂଗ୍ରହ କରି, ସେ ସକଳ ଆନୁମାନିକ ବା / ଓ ସଂଗୃହୀତ ଜ୍ଞାନକୁ ଲୋକ ସମାଜରେ ପ୍ରବଚନ ମାଧ୍ୟମରେ ପ୍ରଚାର ପ୍ରସାର କରନ୍ତି । ଏହା ତାଙ୍କର କ୍ଷରିତ ଜ୍ଞାନ ହୋଇ ନ ଥିବାରୁ, ଏହାକୁ 'ଅନୁକ୍ଷରିତ ମୋହ' କୁହାଯାଏ ।

**ଶ୍ରୀଗୁରୁସ୍ୱାମୀ ଉବାଚ :**

ପ୍ରାଣୀ ଏ ସୋପାନେ ପହଞ୍ଚି । ନ ଥାଏ ପୂର୍ଣ୍ଣଜ୍ଞାନ ସଞ୍ଚି ॥
ନ ଥାଏ ତା' ହୋଇ କ୍ଷରିତ । ଅର୍ଦ୍ଧେକ ଅଂଶ ହିଁ ବିହିତ ॥
ଅର୍ଦ୍ଧେକ ଅଂଶ ଲିପି ହୋଇ । ଦେବନାଗରୀ ଶ୍ଳୋକେ ରହି ॥
ଅର୍ଦ୍ଧାଂଶ ଶ୍ଳୋକ ଲେଖା ହୋଇ । ସାଧକ ଅପେକ୍ଷାରେ ରହି ॥
କର୍ମଯୋଗ ମନ୍ତ୍ର ମନନ । ହୁଅଇ ତା'ର ବିସ୍ମରଣ ॥
ପୁନଶ୍ଚ ମନ୍ତ୍ରର ଅଭ୍ୟାସେ । ଅବଶିଷ୍ଟାଂଶ ଚାଲି ଆସେ ॥
ଲିପି ମଧ୍ୟକୁ ଆସି ତାହା । ପ୍ରାଣୀକୁ ମାର୍ଗେ ନିଏ ଯାହା ॥
ଯୋଗ ବିଧିରେ ମାର୍ଗ ପାଳି । ସାଧକ ସିଦ୍ଧିପଥେ ଚଳି ॥
ନାମ ଭଜନ କରୁଥାଇ । ଆତ୍ମାର ନିକଟ ହୁଅଇ ॥
ଯେତେ ସେ ହୁଅଇ ନିକଟ । ଜ୍ଞାନ ତା' ହୃଦୟେ ପ୍ରକଟ ॥
ଏକକୁ ଏକ ଅଂଶ ଜ୍ଞାନ । ତା' ହୃଦେ ହୁଅଇ କ୍ଷରଣ ॥
ନାମ ଭଜନ ଛାଡ଼ି ଦେଇ । ଏ ଦିଗେ ମନକୁ ବଳାଇ ॥
ଜ୍ଞାନ ପ୍ରାପ୍ତିରେ ହୁଏ ବଦ୍ଧ । ହୁଅଇ ଗତିପଥ ରୁଦ୍ଧ ॥
ଜ୍ଞାନ କ୍ଷରିତ ହୁଏ ନାହିଁ । ନାମ ଛାଡ଼ିଲେ ଜ୍ଞାନ ପାଇଁ ॥
ଦୃଶ୍ୟ ଜ୍ଞାନକୁ ଛାଡ଼ି ନାମ । ମନନ କଲେ ବଢ଼େ କାମ ॥
ପୁଣି ଭଜନେ ମନ ଦେଲେ । ଜ୍ଞାନ କ୍ଷରଣ ହୁଏ ଭଲେ ॥
ଅବଶିଷ୍ଟାଂଶ କ୍ଷରି ଯାଏ । ସଂପୂର୍ଣ୍ଣ ଜ୍ଞାନ ଯେ ଉଦୟେ ॥
ଅନୁକ୍ଷରିତ ମୋହ ଏହି । ସ୍ମରଣେ ରଖ ଯାହା କହି ॥


ବିକ୍ଷରିତ ଅଂଶ ମୋହ ('ଚରମ'-୨୨ ସଂଖ୍ୟା ଦ୍ରଷ୍ଟବ୍ୟ) ଅନୁକ୍ଷରିତ ମୋହର ପ୍ରାଥମିକ ଅବସ୍ଥା କହିଲେ ଅତ୍ୟୁକ୍ତି ହେବ ନାହିଁ । 'ବିକ୍ଷରିତ ଅଂଶ ମୋହ'ରେ ପଡ଼ି ଜୀବ ନିଷ୍ଠା, ବିଶ୍ୱାସ, ଅନୁରକ୍ତି ଓ ଭକ୍ତିର ସହିତ ଧାରା ଧରି ସାଧନ ମାର୍ଗରେ ମଗ୍ନ ହୋଇ ରହିଥାଏ, ସାଧନା ପଥରୁ ବିଚ୍ୟୁତ ହୁଏ ନାହିଁ । ଏହି କର୍ମଯୋଗ ପ୍ରକ୍ରିୟାରେ ଦୀର୍ଘଦିନ ଲାଖି ରହିବା ପରେ ସାଧକର 'ଅନୁକ୍ଷରିତ ମୋହ' ଜାଗ୍ରତ ହୁଏ । ଏହି ଅବସ୍ଥାରେ ପହଞ୍ଚିଲେ, ବ୍ୟକ୍ତିଠାରେ ପୂର୍ଣ୍ଣାଙ୍ଗ ଜ୍ଞାନ କ୍ଷରିତ ହୁଏ ନାହିଁ ସତ୍ୟ, ମାତ୍ର କ୍ଷରିତ ଜ୍ଞାନର ଅର୍ଦ୍ଧେକ ଅଂଶ ଲିପିବଦ୍ଧ ହୋଇଯାଏ । ଏହି ସମୟ ମଧ୍ୟରେ ବ୍ୟକ୍ତି ଅବଶିଷ୍ଟ ଅର୍ଦ୍ଧେକାଂଶ ଜ୍ଞାନ ପ୍ରାପ୍ତି ପାଇଁ ବାରମ୍ବାର ମନ ବଳାଇଥାଏ ଏବଂ ଅନ୍ୟପକ୍ଷରେ ଯେତେବେଳେ ଅନ୍ୟ ଅର୍ଦ୍ଧେକ ଅଂଶ ଜ୍ଞାନ କ୍ଷରଣକୁ ଅପେକ୍ଷା କରିଥାଏ, ସେତେବେଳେ ସେ ତାହାର କର୍ମଯୋଗର ମନ୍ତ୍ର ମନନକୁ ପାଶୋରି ଦିଏ । ଫଳତଃ ଏହି ପ୍ରକ୍ରିୟାରେ ଦୀର୍ଘ ମାସ ମାସ/ବର୍ଷ ବର୍ଷ ଧରି କର୍ମପଥରୁ ବିଚ୍ୟୁତ ହୁଏ । ପର୍ଯ୍ୟାୟ ଭୋଗ ପରେ ପୁନରାୟ ମନ୍ତ୍ର ମନନ ପୂର୍ବକ କର୍ମଯୋଗରେ ମନ ଦେଇ ନିବିଷ୍ଟ ହେଲେ, ଅବଶିଷ୍ଟ ଜ୍ଞାନ ଉଦୟ ହୋଇଥାଏ ଓ କ୍ଷରିତ ଜ୍ଞାନ ପୂର୍ଣ୍ଣାଙ୍ଗ ହୁଏ । ଅନୁକ୍ଷରିତ ମୋହ କ୍ଷରିତ ମୋହର ପୂର୍ବାବସ୍ଥା ଅଟେ । ଏହି ସୋପାନରେ ସାଧକ ସୂକ୍ଷ୍ମ ଜଗତରେ ପହଞ୍ଚି ପୂର୍ଣ୍ଣଜ୍ଞାନ ଆହରଣ ନ କରି କର୍ମଯୋଗରେ ରତ ଥାଏ । କର୍ମଯୋଗରେ ଲିପ୍ତ ଓ ନିବିଷ୍ଟ ଥିବା ଅବସ୍ଥାରେ ବ୍ୟକ୍ତି ପ୍ରଭୁଙ୍କ ଅପାର କରୁଣା ଓ କଲ୍ୟାଣରୁ ଯେଉଁ ଶବ୍ଦସମୂହ ଲାଭ କରିଥାଏ, ସେ ସବୁକୁ ଲିପିବଦ୍ଧ କରିଥାଏ ।

୦୦୦

*''କେବଳ ଇଶ୍ୱରଙ୍କ ଠାରେ ଈଶ୍ୱରତ୍ୱ ସ୍ୱୀକାର କରି ଭକ୍ତି, ପ୍ରେମ, ବିଶ୍ୱାସ, ତ୍ୟାଗ ନିବେଦନ କରିବା ସହଜ ହୋଇପାରେ । କାରଣ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ରୂପ/ବସ୍ତୁ/ବିଗ୍ରହରେ ସସୀମ ଭାବରେ ଗ୍ରହଣ କରି ଏକାଗ୍ରତା ଅଭ୍ୟାସ କରାଯାଇଥାଏ । କିନ୍ତୁ ତାଙ୍କ ସୃଷ୍ଟିର ପ୍ରତ୍ୟେକ ବସ୍ତୁ/ଜୀବଜନ୍ତୁ/ଭୂତ, ମହାଭୂତ ତଥା ସର୍ବବ୍ୟାପକ ଅବସ୍ଥାରେ ତାଙ୍କର ଅସୀମତାକୁ ଗ୍ରହଣ କରି ସେମାନଙ୍କ ଠାରେ ସମଦୃଷ୍ଟିରେ, ସମଭାବରେ ଈଶ୍ୱରତ୍ୱ ଆରୋପ କରି ଭକ୍ତି ନିବେଦନ କରିବା ବହୁତ କଠିନ । ମାତ୍ର ଏହି ଭାବଯୁକ୍ତଭକ୍ତ ଅସୀମ ଶକ୍ତିର ଅଧିକାରୀ ହୋଇ ଧରାପୃଷ୍ଠରେ ଠିକ୍ ଈଶ୍ୱରଙ୍କ ପରି ପୂଜିତ ହୁଏ । ତାହା ମାଧ୍ୟମରେ ଈଶ୍ୱରଙ୍କର ସମସ୍ତ କଳା ପ୍ରକାଶିତ ହୁଏ । ଉଦାହରଣ : ଲକ୍ଷ୍ମଣ ଏବଂ ହନୁ । ଉଭୟଙ୍କ ତ୍ୟାଗର ସୀମା ନାହିଁ । କିନ୍ତୁ ଲକ୍ଷ୍ମଣ କେବଳ ରାମଙ୍କ ଠାରେ ଈଶ୍ୱରତ୍ୱ ସ୍ୱୀକାର କରିଥିଲେ । ସେଥିପାଇଁ ବନବାସ ସମୟରେ ରାଜ୍ୟରେ ରହି ଭରତଙ୍କୁ ରାଜକାର୍ଯ୍ୟରେ ସହାୟ ହେବାପାଇଁ ଦେଇଥିବା ରାମଙ୍କ ଉପଦେଶକୁ ପ୍ରତ୍ୟାଖ୍ୟାନ କରି ରାମଙ୍କ ସଙ୍ଗେ ବନବାସୀ ହେବାକୁ ବାଧ କରିଥିଲେ । ମାତ୍ର ହନୁ ସର୍ବଦା ସର୍ବଠାରେ ରାମଙ୍କ ଅସ୍ତିତ୍ୱ ସ୍ୱୀକାର କରି କେବଳ ତାଙ୍କର ଇଚ୍ଛାକୁ କାର୍ଯ୍ୟକାରୀ କରିବାକୁ ବାଂଛା କରିଥିଲେ ଏବଂ ବସ୍ତୁତଃ ତାହାହିଁ କରିଥିଲେ । ତେଣୁ ଉଭୟେ ପ୍ରଭୁଙ୍କର ପ୍ରିୟଭାଜନ ହୋଇଥିଲେ ମଧ୍ୟ ହନୁଙ୍କର ସ୍ଥାନ ଲକ୍ଷ୍ମଣଙ୍କ ଠାରୁ ଅନେକ ଉର୍ଦ୍ଧ୍ୱରେ ।''*

*- ଶ୍ରୀଶ୍ରୀଶ୍ରୀ ଠାକୁର*

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ :

ହିରଣ୍ୟ ଗର୍ଭରୁ ଜନମ । ତହିଁରୁ ସତ୍ତ୍ୱ, ରଜ, ତମ ॥
ତ୍ରିଗୁଣ ରଜ୍ଜୁ ଧରି କରେ । ଜନନୀ ଜୀବେ ଖେଳ କରେ ॥
ତା ବିନା ମାୟାମୁକ୍ତି ନାହିଁ । ସକଳ ଭାବ ଅଟେ ସେହି ॥
ତା କୃପାବଳେ ବଦ୍ଧଜୀବ । ଜ୍ଞାନରେ ପାରି ହୁଏ ଭବ ॥

*ନାରୀ ହିଁ ପ୍ରକୃତି । ପ୍ରକୃତି ହିଁ ନାରୀ । ଏହି ଉକ୍ତି ସର୍ବଲୋକରେ ଗୃହୀତ । କିନ୍ତୁ କେଉଁ କାରଣରୁ ସେହି ପ୍ରକୃତି ସ୍ୱରୂପିଣୀ ନାରୀ ଭିତରେ ବିଚ୍ଛିନ୍ନତା ? ମମତାର ଭାଣ୍ଡରେ କିପରି ବିଷର କଳସୀ ରୋପିତ ? ପୁରୁଷ ସହିତ ତା'ର କି ସମ୍ପର୍କ ? ମମତା ପରିବର୍ତ୍ତେ ନିଷ୍ଠୁରତା, ସ୍ନେହ ବଦଳରେ ହିଂସା, ଦ୍ୱେଷ, ପରଶ୍ରୀକାତରତା ଯେତେବେଳେ ତା ହୃଦୟରେ ସ୍ଥାନ ପାଉଛି, ସେ ପାଇଁ ଦାୟୀ ସିଏ ନା ଆଉ କିଏ ? ଏଥର ପରିବର୍ତ୍ତନ ହୋଇ ନାରୀ ତା'ର ସ୍ଥିତାବସ୍ଥା ଫେରାଇ ଆଣିବାକୁ ସକ୍ଷମ ? ଏ ଯାବତ୍ ଏହି ସମସ୍ତ ଅସମାହିତ ପ୍ରଶ୍ନର ସରଳ ସମାଧାନ କେବଳ ହିରଣ୍ୟଗର୍ଭର ସ୍ରଷ୍ଟାଙ୍କ ଦ୍ୱାରା ହିଁ ସମ୍ଭବ । ସେହି ପରମକାରୁଣିକ ଏହି ସଂଖ୍ୟାରୁ ସେହି ଅବୋଲ, ଅବୋଧ ସତ୍ୟକୁ ପ୍ରକାଶ କରିବାର ସଦୟ ଅନୁମତି ପ୍ରଦାନ କରିଛନ୍ତି । ତାହାହିଁ ଏହି ସଂଖ୍ୟାରୁ ଆଲୋଚନା ହେଉଅଛି ।*

ଚରମ : **ଷଷ୍ଠପୁଷ୍ପ** : ପ୍ରଥମ ପାଖୁଡ଼ା : ଷଟ୍‌ବିଂଶତିତମ ସଂଖ୍ୟାରୁ ଅନୁସୃତ

## ନାରୀ ହିଁ ପ୍ରକୃତି

ପୂର୍ବ ସଂଖ୍ୟାରେ ଆଲୋଚନା କରାଯାଇଅଛି ଯେ, ମନୁଷ୍ୟ ପରି ବୁଦ୍ଧି, ବିବେକ, ଜ୍ଞାନ ଓ ସାମାଜିକ ଚଳନିର କୌଣସି ଆଧାର ନ ଥାଇ ଭଣ୍ଡ କିପରି ତାର ବଂଶ ବିସ୍ତାର କରିପାରୁଛି ଓ ମାତୃତ୍ୱର ବନ୍ଧନରେ ପରିବାରର ଭଣ୍ଡମାନଙ୍କୁ ଏକତ୍ର କରାଇ ସ୍ୱୟଂଚାଳିତ କ୍ରିୟା ଦ୍ୱାରା ସମସ୍ତ କାର୍ଯ୍ୟ କରାଇ ପାରୁଛି । ଏଠାରେ ସ୍ୱତଃ ମନରେ ପ୍ରଶ୍ନ ଆସୁଛି ଯେ, ଭଣ୍ଡ ମାଆ ଯେଉଁ ପ୍ରଗାଢ଼ ସ୍ନେହ, ମମତା, ପ୍ରେମ ଦ୍ୱାରା ତାର ସୁଖର ସଂସାର ଆନନ୍ଦରେ ଅତିବାହିତ କରୁଛି, ତାକୁ କେଉଁ ନରଲୋକ ଶିକ୍ଷା ଦେଉଛି ? କାହା ଦ୍ୱାରା ସେ ଅଭ୍ୟାସ କର୍ମରେ ରତ ରହୁଛି ? କେଉଁ ମାଆଠାରୁ ସେ ଶିକ୍ଷା ଗ୍ରହଣ କରୁଛି ? ତା ଘରେ ଅଭାବ, ଅନାଟନ ଲାଗି ରହିଲେ କେଉଁ ମାଆ ପାଖରେ ସେ ଅଳି କରୁଛି ବା କାହା ଠାରୁ ହାତ ପାତି ଗ୍ରହଣ କରୁଛି ? କାହା ସହିତ ଝଗଡ଼ା କରୁଛି ? କାହାକୁ ମୀମାଂସା ପାଇଁ

ଖୋସାମତ କରୁଛି ? ତା'ର ଛୁଆ ନ ଖାଇଲେ କିଏ ବୁଝୁଛି ? କାହାକୁ ସେ ଜଣାଉଛି ? ତା'ର ଛୁଆ ଦୁର୍ବୃର୍ତ୍ତ ହେଉଛି କିମ୍ବା ଶାନ୍ତ, ସରଳ ହେଉଛି କିଏ ଜାଣୁଛି ? କିଏ ସେହି ଅଦୃଷ୍ଟ ଶକ୍ତି, ଯାହାର ସୂକ୍ଷ୍ମ ଇଙ୍ଗିତରେ ସବୁ ଜାଣିବା ପରି ଭଲ ତାର ସଂସାର ନିର୍ବିଘ୍ନରେ ଚଳାଇ ପାରୁଛି ? କେବଳ ଭଲ ନୁହେଁ, ଏ ଧରାପୃଷ୍ଠରେ ପ୍ରତ୍ୟେକ ଜୀବ, ଜନ୍ତୁମାନଙ୍କୁ ଲକ୍ଷ୍ୟ କଲେ ସେହି ଏକ ପ୍ରକାରର ଅଲୌକିକତା ଦେଖିବାକୁ ମିଳୁଛି ? କ'ଣ ତା'ର କାରଣ ?

ସେହିପରି ନରଲୋକରେ ବାହ୍ୟ ଆଚରଣ, ଅଭ୍ୟାସ କ୍ରିୟା, ସ୍ଥୂଳରେ ପ୍ରକାଶିତ ମାଆର ମମତା, ଉପଦେଶ, ଶିକ୍ଷା ଥାଇ ମଧ୍ୟ ଅଭାବ, ଅନାଟନ, ଅଶାନ୍ତି, ଦୁଃଖ, ଶୋକ ଇତ୍ୟାଦି ଯନ୍ତ୍ରଣା ଲାଗି ରହୁଛି। ପରସ୍ପର ମଧ୍ୟରେ ଏକତ୍ୱ ଭାବ, ଶୃଙ୍ଖଳା, ଶ୍ରଦ୍ଧା, ପ୍ରେମ ପରିବର୍ତ୍ତେ ହିଂସା, ଦ୍ୱେଷ, ପରଶ୍ରୀକାତରତା, ବିଶୃଙ୍ଖଳା, ଘୃଣା ଆଦି କୁଭାବ ସୃଷ୍ଟି ହୋଇଯାଉଛି। କାହିଁକି ଏପରି ହେଉଛି ?

ଆଜି ପର୍ଯ୍ୟନ୍ତ ପୁରାଣ, ଶାସ୍ତ୍ର, ନୀତିବାକ୍ୟ ଆଦି ସବୁଥିରେ ନରଲୋକର ନାରୀମାନଙ୍କୁ ପ୍ରକୃତି ସ୍ୱରୂପିଣୀ ଜଗତ୍‌ଜନନୀଙ୍କର ଅଂଶବିଶେଷ ଭାବରେ ବର୍ଣ୍ଣନା କରାଯାଇ ତାକୁ ମମତାମୟୀ, କଲ୍ୟାଣମୟୀ, ସ୍ନେହମୟୀର ଉପାଧିରେ ଭୂଷିତ କରାଯାଇଅଛି । ବଂଶ ବିସ୍ତାର ଉଦ୍ଦେଶ୍ୟରେ, ବଂଶର ଲାଳନ ପାଳନ କରିବା ଦାୟିତ୍ୱ ବହନ କରିବା ନିମନ୍ତେ ନାରୀ ସୃଷ୍ଟି ହୋଇଛି ବୋଲି ସମସ୍ତେ ସ୍ୱୀକାର କରିଛନ୍ତି। ଏହା ମଧ୍ୟ ସତ୍ୟ ଅଟେ। କିନ୍ତୁ ଯଦି ପ୍ରତ୍ୟେକ ନାରୀ ପ୍ରକୃତିଙ୍କର ରୂପାନ୍ତରିତ ସ୍ଥୂଳ ରୂପ, ତେବେ ସେହି ନାରୀମାନଙ୍କ ମଧ୍ୟରୁ ଅନେକଙ୍କ ଭିତରେ ମାତୃତ୍ୱର ଶୀତଳତା ପରିବର୍ତ୍ତେ ଉଗ୍ରତାର ଭୀଷଣତା କିପରି ସ୍ଥାନ ପାଉଛି ? ବିଶ୍ୱର ପ୍ରତ୍ୟେକଙ୍କୁ ନିଜର ବୋଲି ଗ୍ରହଣ କରି ନ ପାରି କେବଳ ନିଜର ଗର୍ଭଜାତ ସନ୍ତାନ ପ୍ରତି ସ୍ୱାର୍ଥପର ହୋଇ ଯାଉଛି କାହିଁକି ? ଚାରିତ୍ରିକ ସ୍ଖଳନ ଦ୍ୱାରା ନିଜର ଧ୍ୱଂସ ସାଧନ କରିବା ସଂଗେ ସଂଗେ ସୃଷ୍ଟିକୁ ଧ୍ୱଂସ ମୁଖକୁ ଟାଣି ନେଉଛି କାହିଁକି ? ନିଜର ବୁଦ୍ଧି, ବିବେକ, ଜ୍ଞାନ ଲୋପ ପାଇ ଯାଉଛି କିପରି ? ଏହା କ'ଣ ସେ ନିଜ ଇଚ୍ଛାରେ ନା କାହାର ସୂକ୍ଷ୍ମ ଇଙ୍ଗିତରେ କରୁଛି କିମ୍ବା କୌଣସି ଏକ ସ୍ୱୟଂଚାଳିତ କ୍ରିୟାର ପ୍ରଭାବରେ କର୍ମଗୁଡ଼ିକ ସଂଗଠିତ ହେଉଛି ? ନିଜେ ଇଚ୍ଛା କଲେ ବାହ୍ୟ ଓ ଅନ୍ତଃ ଅଭ୍ୟାସ ମାଧ୍ୟମରେ ନିଜର ସ୍ୱଜାତ ପ୍ରବୃତ୍ତିକୁ ପରିବର୍ତ୍ତନ କରି ପାରିବାର ଶକ୍ତି ତା ମଧ୍ୟରେ ଅଛି ନା ନାହିଁ ? ଏହା ଏକ ଅଲିଖିତ, ଅପ୍ରକାଶିତ ସମସ୍ୟା।

ପୁନଶ୍ଚ, ନାରୀ ପ୍ରକୃତିଙ୍କର ଅଂଶ ଏବଂ ପ୍ରକୃତିଙ୍କର ପରୋକ୍ଷ ଓ ପ୍ରତ୍ୟକ୍ଷ ଆଶିଷ ନାରୀର ଶରୀର ମାଧ୍ୟମରେ ଧରାପୃଷ୍ଠକୁ ବିଚ୍ଛୁରିତ ହେଉଛି । ତେଣୁ ଏଠାରେ ଏକ ସ୍ୱାଭାବିକ ପ୍ରଶ୍ନ ଯେ, ପ୍ରକୃତି ମାଆଙ୍କର ଆଶିଷ କ'ଣ ପୁରୁଷ ଅଙ୍ଗକୁ ଆସୁ ନାହିଁ ? ସମାଜକୁ ଲକ୍ଷ୍ୟ କଲେ ଦେଖାଯିବ ଯେ, ଅନେକ କ୍ଷେତ୍ରରେ ନାରୀ ମମତାହୀନ ହୋଇ ଆସୁରିକ ପ୍ରବୃତ୍ତିରେ ଆବଦ୍ଧ ଥିଲା ବେଳେ ଅନେକ ପୁରୁଷଙ୍କ ହୃଦୟରେ ସ୍ନେହ, ମମତା, ପ୍ରେମ, ଶ୍ରଦ୍ଧା, ନିଃସ୍ୱାର୍ଥପରତା ଆଦି ଦିବ୍ୟଗୁଣ ପ୍ରକାଶିତ ହେଉଅଛି। ଏହା କିପରି ସମ୍ଭବ ହେଉଛି ?

ନାରୀକୁ ପ୍ରକୃତିଙ୍କର ଏକ ବିରଳ ଅଂଶ ବୋଲି ବିଚାରକୁ ନେବା ସମୟରେ ଅନ୍ୟ ଏକ ଦ୍ୱନ୍ଦ୍ୱ ଆପେ ସୃଷ୍ଟି ହୋଇଯାଏ। ତାହା ହେଲା, ପୁରୁଷଙ୍କର ସତ୍ତା କ'ଣ ନାରୀ ଅଙ୍ଗରେ ନାହିଁ ? ପୁରୁଷଙ୍କର ଆଶିଷ ନାରୀ ଶରୀର ଗ୍ରହଣ କରି ନାହିଁ ? ଯଦି ନାହିଁ, ତେବେ ପୁରୁଷଙ୍କ ପୌରୁଷର ସ୍ମାରକ ''ବୁଦ୍ଧି, ବିବେକ'' ନାରୀ ଶରୀରକୁ ଆସିଲା କେଉଁଠାରୁ ? ତେଣୁ ''ପ୍ରକୃତି ଓ ପୁରୁଷ''- ଏମାନଙ୍କ ସମ୍ପର୍କରେ ଦ୍ୱନ୍ଦ୍ୱ ଲାଗି ରହିଅଛି। ଏହାର ବାସ୍ତବ ଚିତ୍ର ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ। ସେଥିପାଇଁ ପ୍ରକୃତି ଉପାସକ ପ୍ରକୃତିଙ୍କୁ ଶ୍ରେଷ୍ଠ ଭାବରେ ପ୍ରତିପାଦିତ କରିବା ସମୟରେ ପୁରୁଷ ଉପାସକ ପୁରୁଷଙ୍କୁ ଶ୍ରେଷ୍ଠ ଭାବରେ ଉପସ୍ଥାପନ କରୁଛନ୍ତି ।

ଶାସ୍ତ୍ର, ପୁରାଣ ଆଦିରେ ପ୍ରକୃତିଙ୍କୁ ତ୍ରିଗୁଣାତ୍ମିକା ମାୟାର ସ୍ୱରୂପ ବୋଲି ବିବେଚନା କରି ତାଙ୍କୁ ତ୍ରିଶକ୍ତି ଯଥା ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ ରୂପରେ ଚିତ୍ରଣ କରାଯାଇଅଛି । ମହାଲକ୍ଷ୍ମୀଙ୍କୁ ସତ୍ତ୍ୱ ଗୁଣର ପ୍ରତୀକ, ମହାସରସ୍ୱତୀଙ୍କୁ ରଜ ଗୁଣର ପ୍ରତୀକ ଓ ମହାକାଳୀଙ୍କୁ ତମ ଗୁଣର ଅଧିକାରିଣୀ ବୋଲି କୁହାଯାଇଅଛି । ଏହି ପ୍ରସଙ୍ଗରେ ଏକ ମୁଖ୍ୟ ଯୁକ୍ତି ଆସେ ଯେ, ସତ୍ତ୍ୱଗୁଣର ଅଧିକାରିଣୀ ମହାଲକ୍ଷ୍ମୀଙ୍କ ଠାରେ କ'ଣ ରଜ ଓ ତମ ଗୁଣ ନାହିଁ ? ମହାସରସ୍ୱତୀ କ'ଣ ସତ୍ତ୍ୱ ଓ ତମ ଗୁଣକୁ ଗ୍ରହଣ କରିନାହାନ୍ତି ? ମହାକାଳୀଙ୍କଠାରେ କ'ଣ ସତ୍ତ୍ୱ ଓ ରଜ ଗୁଣ ନାହିଁ ? ସେହି ଶାସ୍ତ୍ରରେ ପ୍ରମାଣ ଅଛି- ସତ୍ୟଯୁଗରେ ରାଜା ସୁଧରଥ ପ୍ରଥମେ ତଥାକଥିତ ମାଆ ସରସ୍ୱତୀଙ୍କୁ ଦ୍ୱିଭୁଜା ରୂପିଣୀ ଯୋଗମାୟା ରୂପରେ ଦର୍ଶନ କରିଥିଲେ । ଏହାପରେ ପ୍ରିୟଭକ୍ତର ପ୍ରାର୍ଥନାରେ ଚତୁର୍ଭୁଜା ହୋଇ ମହାମାୟା ରୂପରେ ଆଶୀର୍ବାଦ ଦେଲେ । ତଥାପି ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ନ ହେବାରୁ ନିଜେ ଷୋଳଭୁଜା ଦୁର୍ଗା ରୂପରେ ଆଦିଶକ୍ତି ହୋଇ ଦର୍ଶନ ଓ ଆଶୀର୍ବାଦ ପ୍ରଦାନ କଲେ । ଏଥିରୁ କ'ଣ ପ୍ରମାଣ ମିଳୁନାହିଁ ଯେ, ରଜଗୁଣ ଅଧିକାରିଣୀ ମାଆ ସରସ୍ୱତୀ ମଧ ସର୍ବଗୁଣସଂପନ୍ନା ? ଏହି କଳିଯୁଗରେ ଅଦ୍ୱିତୀୟ ମହାସାଧକ ଠାକୁର ଶ୍ରୀରାମକୃଷ୍ଣ ପରମହଂସଦେବ ତମଗୁଣୀ ମାଆ କାଳୀଙ୍କୁ ଆରାଧନା କରି ତାଙ୍କୁ ପରମ ପ୍ରେମମୟୀ, ଆନନ୍ଦମୟୀ ତଥା ପରମ ବୈଷ୍ଣବୀ ରୂପରେ ତାଙ୍କର ବିଶ୍ୱରୂପ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ । ତାହାହେଲେ ଏ ପର୍ଯ୍ୟନ୍ତ ପ୍ରକୃତିଙ୍କ ସମ୍ପର୍କରେ ଯାହା ବର୍ଣ୍ଣନା କରାଯାଇଅଛି ତାହା କ'ଣ ମିଥ୍ୟା ? ନାଁ, ମିଥ୍ୟା ନୁହେଁ । କିନ୍ତୁ ଅସଂପୂର୍ଣ୍ଣ । ପ୍ରକୃତିଙ୍କର ବାସ୍ତବ ସ୍ୱରୂପ ଓ ଶକ୍ତି ରହସ୍ୟ ପ୍ରଚ୍ଛନ୍ନ ଭାବରେ ଲୋକଲୋଚନକୁ ଆସି ପାରି ନ ଥିବାରୁ ଉପର ଆଲୋଚିତ ଦ୍ୱନ୍ଦ୍ୱର ସମାଧାନ ନିର୍ଭୁଲ ଭାବରେ ହୋଇପାରି ନାହିଁ । ସେଥିପାଇଁ ଆସନ୍ତା ସଂଖ୍ୟାଠାରୁ ''ପ୍ରକୃତି''ଙ୍କର ବାସ୍ତବରୂପ ଓ କାର୍ଯ୍ୟକାରିଣୀ ଶକ୍ତି ସମ୍ପର୍କରେ ଆଲୋଚନା ଆରମ୍ଭ କରିବୁ ।

...କ୍ରମଶଃ....

OOO

ଅନ୍ୟକୁ/ପ୍ରତ୍ୟେକଙ୍କୁ ଭଲ ପାଇବାକୁ ହେଲେ, ପ୍ରଥମେ ନିଜେ ନିଜକୁ ଭଲ ପାଇବା ଅଭ୍ୟାସ କରିବା ଉଚିତ । ଯିଏ ଯାହାକୁ ଭଲପାଏ, ସିଏ ତାହାର ସମସ୍ତ କୁ-ଅବସ୍ଥା ପରିବର୍ତ୍ତନ କରାଇ କେବଳ ''ସୁ'' ଭାବର ପ୍ରତିଷ୍ଠା କରାଇବାକୁ ଚେଷ୍ଟା କରେ । ସେହିପରି ଯେଉଁ ଅଭ୍ୟାସ ବଳରେ ଶୁଦ୍ଧ ଶରୀର, ସାତ୍ତ୍ୱିକ ଭାବ, ପବିତ୍ର ମନ ନିଜ ଭିତରେ ପ୍ରତିଷ୍ଠିତ ହେବ, ସେହି ଅଭ୍ୟାସ ଅବିଳମ୍ବେ ଆପଣେଇ ନେବା ଶ୍ରେୟସ୍କର ଅଟେ ।''

*- ଶ୍ରୀଶ୍ରୀଶ୍ରୀ ଠାକୁର*

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

ତୁମରି ଇଚ୍ଛାରେ ଲଭିଛି ଜନମ ତୁମ ଲୀଳା ଅଂଗ ନେଇ ।
ତୁମରି ଇଚ୍ଛାରେ ଜୀବନ ବାହିବି କୃପା ମଙ୍ଗ ଧର ସାଇଁ ॥
ତୁମ ବିନା ପ୍ରଭୁ କେହି ନାହିଁ ମୋର ଆହା କରିବାକୁ ଥରେ ।
ତୁମେ ନ ଚାହିଁଲେ ପର କରି ଦେଲେ ଭାସିଯିବି ପାରାବାରେ ॥
ଧର୍ମଧନ ଦେଇ ପୂର୍ଣ୍ଣ କରିଦିଅ ହୃଦୟ ଭଣ୍ଡାର ମୋର ।
ଜୀବନ ତରୀରେ ମଙ୍ଗୁଆଳ ସାଜି ଭବନଦୀ ପାରି କର ॥

*କଳିର ପ୍ରଚଣ୍ଡ ଆଘାତରେ ମନୁଷ୍ୟର ଜୀବନ ଆଜି ଅସ୍ତବ୍ୟସ୍ତ । ତାହାକୁ ସହ୍ୟ କରି ପାର ହୋଇଯିବାର କୌଶଳ ଜାଣି ମଧ୍ୟ ଶରୀରର ଅବଶତା, ଅନୁପଯୁକ୍ତତା ଯୋଗୁଁ ଜୀବ ଅସହାୟ । କାରଣ ବାଳୁତକାଳରୁ ଶରୀର ରକ୍ଷା ନିମିତ୍ତ ଆବଶ୍ୟକୀୟ ଅଭ୍ୟାସ କର୍ମର ଅଭାବରୁ ଅକାଳ ବାର୍ଦ୍ଧକ୍ୟ ସ୍ପର୍ଶ କରିସାରିଛି । ତେଣୁ ଆଗାମୀ ପିଢ଼ିର ଭବିଷ୍ୟତ ତଥା ଆଜିର ଶିଶୁ/କିଶୋରକିଶୋରୀ ମାନଙ୍କୁ ଠିକ୍ ଭାବରେ ଗଢ଼ି ତୋଳିବାର ଆକାଂକ୍ଷା ପ୍ରତ୍ୟେକ ଅଭିଭାବକଙ୍କୁ ବିଚଳିତ କରୁଛି । ସେହି ବ୍ୟାକୁଳତାକୁ ଗ୍ରହଣ କରି ପରମ ପ୍ରେମମୟ ଠାକୁରେ ଏହି ସ୍ତମ୍ଭରେ ଧାରାବାହିକ ଭାବରେ ମହାପୁରୁଷ ମାନଙ୍କର ଆତ୍ମଜୀବନୀ ଅନୁସରଣରେ ବାଲ୍ୟକାଳରୁ ସଂଯମ ଆଚରଣ ଅଭ୍ୟାସ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବାର ଆଶୀର୍ବାଦ ଦେଇ ଚାଲିଛନ୍ତି ।*

ଚରମ: ଷଷ୍ଠପୁଷ୍ପ: ପ୍ରଥମ ପାଖୁଡ଼ା : ଷଟ୍‌ବିଂଶତିତମ ସଂଖ୍ୟା ଅନୁଶ୍ରୁତିରୁ :

## ଦେବଶିଶୁ ସୁଧାନନ୍ଦ

ଜନ୍ମର ମାତ୍ର ସାତଦିନ ପରେ ସୁଧାନନ୍ଦର ଅଲୌକିକତା ସମ୍ପର୍କରେ ପୂର୍ବ ସଂଖ୍ୟାରେ ଆଲୋଚନା କରାଯାଇଥିଲା । ଦୁଇବର୍ଷ ସାତମାସ ବୟସରେ ତାର ପୂର୍ବଜନ୍ମର ଧ୍ୟାନଗୁରୁ ହଳଦୀବସନ୍ତ ପକ୍ଷୀ ରୂପରେ ଆଶୀର୍ବାଦ ଦେଇ ଯାଇଥିଲେ । ତା ପରେ....

ସୁଧାନନ୍ଦର ବୟସ ବୃଦ୍ଧି ହେବା ସଂଗେ ସଂଗେ ଦିବ୍ୟଭାବ ଓ ଅଲୌକିକ ଲୀଳା ମଧ୍ୟ ପ୍ରକଟ ହୋଇ ଚାଲିଥିଲା । ସାଧାରଣ କ୍ଷେତ୍ରରେ ଦେଖାଯାଏ ଯେ, ଗୋଟିଏ ଶିଶୁ ସ୍ପଷ୍ଟଭାବରେ କଥାବାର୍ତ୍ତା କରିବା ପାଇଁ ଅତି କମ୍‌ରେ ତିନିବର୍ଷରୁ ପାଞ୍ଚବର୍ଷ ସମୟ ଲାଗିଥାଏ । ତାହାର ବୁଦ୍ଧି, ବିବେକ, ଜ୍ଞାନ ମଧ୍ୟ ସେହି କ୍ରମରେ ହୋଇଥାଏ । କିନ୍ତୁ ସୁଧାନନ୍ଦ ଏହାର ସଂପୂର୍ଣ୍ଣ ବ୍ୟତିକ୍ରମ ଥିଲା । ଜନ୍ମର ସପ୍ତମଦିନରେ ସାଧୁ ଅଖଣ୍ଡାନନ୍ଦଙ୍କର ସୂକ୍ଷ୍ମ ଓ ସ୍ଥୁଳ ଇଙ୍ଗିତ ଏବଂ ଭାଷା ବୁଝିପାରି ହସି ଦେଇଥିଲା । ପିତା, ମାତା ଏହିସବୁ ସୂକ୍ଷ୍ମ ସୂଚନା ଦେଖି ଆଶ୍ଚର୍ଯ୍ୟ, ବିବ୍ରତ ହୋଇଯାଉଥିଲେ । ମାତ୍ର ଜାଣି ପାରି ନ ଥିଲେ ଯେ ତାଙ୍କ ଶିଶୁପୁତ୍ର ସ୍ପଷ୍ଟ ଭାବରେ କଥାବାର୍ତ୍ତା କରିବା ସହିତ ମହାଜ୍ଞାନର ଅଧିକାରୀ ହୋଇ ସାରିଛି ।

ଦିନେ ସୁଧାନନ୍ଦ ଶୋଇଥିବା ସମୟରେ ପିତା, ମାତା ଆଲୋଚନା କରୁଛନ୍ତି, ''ଆମର ଏହି ପୁତ୍ର କିଏ ?

ଜନ୍ମରୁ ଏତେ ବିଚକ୍ଷଣ ତଥା ଆଶ୍ଚର୍ଯ୍ୟ ଭାବରେ ତାହାର ଜୀବନ ଯାତ୍ରା ଆରମ୍ଭ ହେଉଛି । ଗୁରୁ ଅଖଣ୍ଡାନନ୍ଦ ନିର୍ଦ୍ଦେଶ ଦେଇଛନ୍ତି, ଚାରିବର୍ଷ ସାତମାସରେ ତାଙ୍କ ଆଶ୍ରମରେ ଛାଡ଼ି ଆସିବା ପାଇଁ । ସେତେବେଳକୁ ପିଲା ଆମର ଭଲ କରି ଚାଲି ଶିଖି ନ ଥିବ । କଥାବାର୍ତ୍ତା କରି ଜାଣି ନ ଥିବ । କ'ଣ କରିବା ?'' ଏହି ସମୟରେ ସୁଧାନନ୍ଦ ଅନ୍ୟ ଏକ ଚମତ୍କାରିତା ଦେଖାଇ ଦେଲେ । ନିଦ୍ରାରେ ଶୋଇ ରହିଲା ଭଳି ଅଭିନୟ କରୁଥିବା ଅବୋଧ ଶିଶୁଟି ହସ ହସ ମୁହଁରେ ସ୍ପଷ୍ଟ ଭାବରେ କହୁଛି, ''ମାଆ ! ଗୁରୁଦେବ ମୋ ନାମକରଣ କରିଛନ୍ତି ''ସୁଧାନନ୍ଦ'' । କାହିଁକି ସେ ଏପରି ନାମକରଣ କରିଛନ୍ତି ତୁମେ କହିପାରିବ ମାଆ ? କ'ଣ ଏହି ନାମର ଅର୍ଥ ?'' ପିତା, ମାତା ଚମକି ଉଠିଲେ । ମାଆ ପୁତ୍ର ପ୍ରଶ୍ନର ଉତ୍ତର ଦେବେ କ'ଣ ? ଅସ୍ଥିର ହୋଇ ଛୁଟିଗଲେ । ପୁତ୍ରକୁ ଅତି ବ୍ୟାକୁଳ ଭାବରେ କୋଳକୁ ଆଣି ମଥାରେ ସ୍ନେହର ଚୁମ୍ବନ ଆଙ୍କି ଦେଲେ । କହିଲେ, ''ରେ ମୋର ନୟନମଣି ! ମୋ ଗର୍ଭରୁ ସିନା ତୁ ଜନ୍ମ ନେଇଛୁ । କିଏ ତୁ, କେଉଁଠୁ ଆସିଛୁ, କାହିଁକି ଆସିଛୁ, କେବଳ ତୁ ହିଁ ଜାଣୁରେ ! ଦୁଇବର୍ଷ ନଅମାସରେ ଯଦି ଏପରି କଥା କହିପାରୁଛୁ ତେବେ ତୁ କଣ ଜାଣି ନାହୁଁ ? ତୋ ଗୁରୁ କାହିଁକି ଏପରି ନାମକରଣ କରିଛନ୍ତି ? ମୋତେ କାହିଁକି ପଚାରୁଛୁ ? ଧନରେ ! ଆଉ ଆମକୁ ସନ୍ଦେହ ଘେରରେ ନ ରଖି କହି ଦେ ତୁ କିଏ ? ତୋ ପାଇଁ ଆମେ କ'ଣ କରିପାରିବୁ ?'' ପୁଣି ଥରେ ହସିଦେଲା ସୁଧାନନ୍ଦ । କହିଲା, ''ମାଆ ! ମୁଁ କେହି ନୁହଁ । ତୁମରି ଗର୍ଭରୁ ଜନ୍ମ ନେଇଛି । ତୁମରି ପୁଅ । ଏହା ବ୍ୟତୀତ ମୋର ଆଉ କୌଣସି ପରିଚୟ ନାହିଁ । ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । ବିବ୍ରତ ନ ହୋଇ ସ୍ଥିର ଚିତ୍ତରେ ସମୟକୁ ଅପେକ୍ଷା କର । ସବୁ ବିଷୟ ଆପେ ଜାଣି ପାରିବ । ଗୁରୁଦେବ ମୋର ନାମ ଦେଇଛନ୍ତି ସୁଧାନନ୍ଦ । ଅର୍ଥାତ୍ ସୁଧା+ଆନନ୍ଦ । ସୁଧା ହେଉଛି ଅମୃତ । ଅମୃତ ସେବନ କଲେ/ଅନୁଭବ କଲେ ଯେଉଁ ଆନନ୍ଦ ମିଳେ ତାହାର ନାମ ସୁଧାନନ୍ଦ । ସ୍ନେହ, ପ୍ରେମ, ମମତାରୂପୀ ଅମୃତର ଧାରା ତୁମରି ମାତୃତ୍ୱରେ ସଦା ପ୍ରବାହିତ । ସେହି ଧାରାରୁ ମୋର ଉତ୍ପତ୍ତି ହୋଇଛି । କର୍ତ୍ତବ୍ୟ ଶେଷ ପରେ ପୁଣି ଥରେ ହିରଣ୍ୟଗର୍ଭର ସେହି ଅମୃତ ସାଗରରେ ମିଶିଯିବି । ଏ ଦେହ ଧାରଣ ପୂର୍ବରୁ ଅମୃତରେ ଥିଲି । ବର୍ତ୍ତମାନ ସଦା ଅମୃତ ପ୍ଲାବିତ ଧରାପୃଷ୍ଠରେ ବିଚରଣ କରିବି । ପୁନଶ୍ଚ ସେହି ଅମୃତର ଭାଣ୍ଡରେ ହଜିଯିବି । ତେଣୁ ଅମୃତରୁ ମୋର ଜନ୍ମ । ଅମୃତରେ ସ୍ଥିତି ଏବଂ ପରିଶେଷରେ ଅମୃତରେ ହିଁ ବିଶ୍ରାମ । ସେହି ଅମୃତ ଆନନ୍ଦ ଉପଲବ୍ଧ କରି ପ୍ରେମମୟ ଭଗବାନଙ୍କର ସୃଷ୍ଟିରେ ଅମୃତାନନ୍ଦକୁ ବିତରଣ କରିବି । ସୁତରାଂ ମୁଁ କେବଳ ଆନନ୍ଦ । ସେଥିପାଇଁ ପରମପୂଜ୍ୟ ଗୁରୁଦେବ ମୋର ନାମ ଯଥାର୍ଥରେ ''ସୁଧାନନ୍ଦ'' ଦେଇଛନ୍ତି । ପ୍ରଭୁ, ପରମେଶ୍ୱରଙ୍କର ସୃଷ୍ଟିଚକ୍ରର ନିୟମ ଅପରିବର୍ତ୍ତନୀୟ । ତେଣୁ ମୋର ଚଳତ୍‌ଶକ୍ତି ଶରୀରକୁ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର । ତାପରେ ଗୁରୁଦେବଙ୍କ ନିର୍ଦ୍ଦେଶ ଅନୁସାରେ ଠିକ୍ ଚାରିବର୍ଷ ସାତମାସ ବୟସ ହୋଇଗଲେ ମୋତେ ନେଇ ତାଙ୍କ ପବିତ୍ର ଆଶ୍ରମରେ ଛାଡ଼ିଦେଇ ଆସିବ । ସେହିଠାରୁ ଆରମ୍ଭ କରିବି ଏ ଜନ୍ମର କର୍ମମୟ ଅଧ୍ୟାୟ । ତୁମେ ଓ ପୂଜ୍ୟପିତା ମୋର ସ୍ରଷ୍ଟା । କେତେ କଷ୍ଟ, ଯନ୍ତ୍ରଣା ସହ୍ୟ କରି ମୋତେ ତୁମ ପବିତ୍ର ଗର୍ଭରେ ଦଶମାସ ଆଶ୍ରୟ ଦେଇଛ । ତୁମର ରକ୍ତକୁ କ୍ଷୀରରେ ରୂପାନ୍ତରିତ କରି ମୋର ଅଙ୍ଗ ଗଠନ କରିଚାଲିଛ । ତୁମର ଏ ଋଣ କୋଟି ଜନ୍ମରେ ମଧ୍ୟ ପରିଶୋଧ କରିପାରିବି ନାହିଁ । କେବଳ ପ୍ରଣାମଟିଏ ବ୍ୟତୀତ ଆଉ କ'ଣ ବା ଦେଇପାରିବି ? ତେଣୁ ହେ ମୋର ପୂଜ୍ୟ ସ୍ରଷ୍ଟା । ତୁମ ଉଭୟଙ୍କ ଚରଣାରବିନ୍ଦରେ ଏ ଜନ୍ମର ପ୍ରଥମ ପ୍ରଣାମ ନିବେଦନ କରି ଆଶୀର୍ବାଦ ଭିକ୍ଷା କରୁଛି । କୃପା କର । କରୁଣା ଦାନ କର ! ଆଶିଷ ପ୍ରଦାନ କର, ଶ୍ରୀଗୁରୁ ଦେଇଥିବା ନାମର ମହତ ରକ୍ଷା କରି ଆନନ୍ଦମୟଙ୍କ ଅମୃତ ସୃଷ୍ଟିରେ ସୁଧାନନ୍ଦର ଲହରୀ ଖେଳାଇବାକୁ ସକ୍ଷମ ହୁଏ ।'' ଜାତସ୍ମର ଜ୍ଞାନୀପୁତ୍ରର ଜ୍ଞାନଗର୍ଭକ ଆଲୋଚନାରେ ସ୍ତବ୍ଧ, ଚକିତ ହୋଇଗଲେ ପିତା ସତ୍ୟବ୍ରତ ଓ ମାତା ସାରଥୀ । ତାଙ୍କ ମୁହଁରେ ଭାଷା ନ ଥିଲା । କେବଳ ଆଖିରୁ ଆନନ୍ଦର ଅଶ୍ରୁ ଝରି ଚାଲିଥିଲା । ସେମାନେ ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରଣତି ଜଣାଇ କହୁଥିଲେ, ''ହେ ପରମକାରୁଣିକ ! କେତେ ଦୟାଳୁ ତୁମେ ! କେତେ ଜନ୍ମର ବ୍ୟାକୁଳତାରେ ଆଜି ଏ ଜ୍ଞାନୀପୁତ୍ରକୁ ଆମ କୋଳରେ ଦେଇ ଆମକୁ ଜୀବନ ମୁକ୍ତ କରି ଦେଲେ । ହେ କରୁଣାମୟ ! ଆମର ପ୍ରଣାମ ଗ୍ରହଣ କର ! ତୁମ ସଂପତ୍ତିର ସୁରକ୍ଷା ତୁମେ ହିଁ କର ପ୍ରଭୋ !

*କ୍ରମଶଃ....*

୦୦୦

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଆମର ଚିନ୍ତା, ବାକ୍ୟ ଏବଂ କର୍ମର ମୂଳରେ ରହିଛି ଆମର ମନ। ମନର ଶାଖା ଭାବରେ ଠାକୁରେ ଆମମାନଙ୍କୁ ଦେଇଛନ୍ତି; ବୁଦ୍ଧି, ବିବେକ, ଶ୍ରଦ୍ଧା, ସଂକଳ୍ପ ପ୍ରଭୃତି ବିଭିନ୍ନ ମନୋବୃତ୍ତି। ମନର ଏହିସବୁ ବୃତ୍ତି ସାହାଯ୍ୟରେ ଆମେ ପାର୍ଥିବ ଓ ଅପାର୍ଥିବ ଉଭୟ ଜ୍ଞାନ ଓ କୌଶଳ ଅର୍ଜନ କରିପାରୁ। ମଣିଷର ମନ, ବୁଦ୍ଧି, ବିବେକ, ଚିତ୍ତ ଓ ପ୍ରଜ୍ଞା ତାକୁ ମଣିଷତ୍ୱ ପ୍ରଦାନ କରୁଛି, ଦେବତ୍ୱ ମଧ୍ୟ ପ୍ରଦାନ କରୁଛି। ତେଣୁ ସର୍ବପ୍ରଥମେ ଆମକୁ ଆମମନକୁ ଗଠନ ଓ ପୁନର୍ଗଠନ କରିବାକୁ ହେବ। ମନକୁ ଏକାଗ୍ର କରିବାକୁ ହେବ। ବିକ୍ଷିପ୍ତ, ନିକ୍ଷିପ୍ତ, ବିପର୍ଯ୍ୟସ୍ତ ମନରେ ଆମେ ଆମର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା ନାହିଁ। ତେଣୁ, ଧ୍ୟାନ ଧାରଣା ଓ ଅଭ୍ୟାସ କର୍ମଧାରାରେ ଅଭ୍ୟସ୍ତ ହେବା ପାଇଁ ଠାକୁରେ ଗୁରୁତ୍ୱ ଦେଇଅଛନ୍ତି। ସକଳ ଦୁର୍ଭାବନାରୁ ମନକୁ ମୁକ୍ତ କରି ଶୁଦ୍ଧ ଓ ନିର୍ମଳ ଭଗବତ୍ ସତ୍ତା ଉପଲବ୍ଧ କରିବା ପାଇଁ ପରମାର୍ଥ ପ୍ରେରଣା ଯୋଗାଇ ଦେବା ଉଦ୍ଦେଶ୍ୟରେ ''ଚରମ''ର ଏହି ସଂଖ୍ୟାରେ ଆମର ନିବେଦନ-*

## ମନ-ବୃନ୍ଦାବନ

ନିତ୍ୟରାସମଣ୍ଡଳର ଆନନ୍ଦଧାମ ବୃନ୍ଦାବନରେ ଆନନ୍ଦମୟ ବ୍ରହ୍ମ ନିତ୍ୟରାଧା ଏବଂ ନିତ୍ୟକୃଷ୍ଣ ସ୍ୱରୂପରେ ସତତ ବିରାଜମାନ। ଆନନ୍ଦମୟ ବ୍ରହ୍ମଙ୍କର ସାମୀପ୍ୟ ଓ ସାନ୍ନିଧ ଲାଭ ନିମନ୍ତେ ଜୀବବ୍ରହ୍ମକୁ ନିତ୍ୟରାସମଣ୍ଡଳର ଆନନ୍ଦଧାମ ବୃନ୍ଦାବନକୁ ଯିବା ଆବଶ୍ୟକ ପଡ଼େ। ନିତ୍ୟରାସମଣ୍ଡଳର ଆନନ୍ଦଧାମକୁ ଯିବାପାଇଁ ଜୀବକୁ ଏହି ଧରାଧାମରେ ହିଁ ସାଧନା କରିବା ଆବଶ୍ୟକ ହୁଏ। ଏହି ଆବଶ୍ୟକ ସାଧନା ଯେପରି  ସହଜଲଭ୍ୟ, ସେହିପରି କଷ୍ଟସାଧ୍ୟ ମଧ୍ୟ। ମନୁଷ୍ୟ ଦେହ ଧରି ଧରାଧାମରେ ଆବଶ୍ୟକ ସାଧନା ଅବଶ୍ୟ କରିବାକୁ ହୁଏ। ମନୁଷ୍ୟ ଶରୀରସ୍ଥ ଇନ୍ଦ୍ରିୟଗଣ ଏହି ସାଧନାପଥରେ ବାରମ୍ବାର ବାଧାବନ୍ଧନ ଓ ପ୍ରତିବନ୍ଧ ସୃଷ୍ଟି କରି ସାଧକର ସାଧନପଥ ରୋଧ କରନ୍ତି। ସାଧକଙ୍କୁ ଏ ସକଳ ବାଧାବନ୍ଧନ ଓ ପ୍ରତିବନ୍ଧକୁ ଏଡ଼ାଇ / ଅତିକ୍ରମ କରି ସାଧନା ପଥରେ ଅଗ୍ରସର ହେବାକୁ ହୁଏ।

ମନୁଷ୍ୟ ଶରୀର ଏକାଦଶ ଇନ୍ଦ୍ରିୟର ଏକ ସମ୍ମିଳିତ ସତ୍ତା ମାତ୍ର। ପଞ୍ଚକର୍ମେନ୍ଦ୍ରିୟ ଓ ପଞ୍ଚଜ୍ଞାନେନ୍ଦ୍ରିୟ ଉପରେ ମନ ହେଉଛି ରାଜା। ମନ ସୂକ୍ଷ୍ମ, ସର୍ବବ୍ୟାପୀ ଓ ଅବ୍ୟକ୍ତ। ତଥାପି ମନ ସମସ୍ତ ଇନ୍ଦ୍ରିୟକୁ ବଶୀଭୂତ କରିଥାଏ। ମନ ନିର୍ମଳ ହେଲେ, ମନୁଷ୍ୟର ସକଳ କର୍ମ ନିର୍ମଳ ହୁଏ। କର୍ମରେ ସିଦ୍ଧି ଓ ସାଫଲ୍ୟ ଆସେ। ନିର୍ମଳ ମନ ହୃଦୟକୁ ଶୁଦ୍ଧ ଓ ସୁନ୍ଦର କରେ। ମନ ଆତ୍ମାର ପ୍ରତିବିମ୍ବ। ଏହା ମନୁଷ୍ୟ ଶରୀରରେ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ ବିରାଜିତ। ମନୁଷ୍ୟ ଶରୀରକୁ ଆଶ୍ରୟ କରି ରହିଥିବାରୁ ଏହା ଶାରୀରିକ କ୍ରିୟା ପ୍ରତିକ୍ରିୟାର ଫଳଶ୍ରୁତି ସ୍ୱରୂପ ନିତ୍ୟନିୟତ ଚଳଚଞ୍ଚଳ ଅବସ୍ଥାରେ ଥାଏ। ଲଗାମ ବିହୀନ ଅଶ୍ୱ ପରି ଏହା ପ୍ରଖର ଗତିଶୀଳ। ଗୋଟିଏ ମୁହୂର୍ତ୍ତରେ ଏହା ଅନନ୍ତ ବିଶ୍ୱବ୍ରହ୍ମାଣ୍ଡ ଭ୍ରମଣ କରିପାରେ। ମନ ଏହିପରି ଅସ୍ଥିର ଓ ଚଞ୍ଚଳ ଥିବା ପର୍ଯ୍ୟନ୍ତ ବ୍ୟକ୍ତି ସାଧନାରେ ସିଦ୍ଧିଲାଭ କରିପାରେ ନାହିଁ। ମନ କଳୁଷିତ ହେଲେ, ଜୀବନ ଦୁଃଖମୟ ହୁଏ। ମନ ସ୍ୱଚ୍ଛ ଓ ପ୍ରଶାନ୍ତ ହେଲେ,ଜୀବନ ସୁଖମୟ ହୁଏ। ଏହି ମନ ଦୂଷିତ ହେଲେ ତାହା ମନୁଷ୍ୟ ଶରୀରକୁ ପୂତିଗନ୍ଧମୟ ନରକରେ ପରିଣତ କରେ। ସେହିପରି ମନ ଶୁଦ୍ଧ, ସୁନ୍ଦର ହେଲେ, ଦେହ ସ୍ୱର୍ଗରେ ରୂପାନ୍ତରିତ ହୁଏ।

ଯୋଗର ବହୁବିଧ ଉପାୟ ମଧ୍ୟରୁ ପାଞ୍ଚଗୋଟି ପ୍ରଧାନ, ଯଥା-ରାଜଯୋଗ, ହଠଯୋଗ, ଲୟଯୋଗ, ଜପଯୋଗ ଏବଂ କ୍ରିୟାଯୋଗ। ମନକୁ ଶୁଦ୍ଧ ଓ ଏକାଗ୍ର କରିବା ଦ୍ୱାରା ରାଜଯୋଗ, ପ୍ରାଣର ନିୟନ୍ତ୍ରଣ ଦ୍ୱାରା ହଠଯୋଗ, ବିନ୍ଦୁରେ ଲୟ ରଖି ଯୋଗକରି ଦେହାତ୍ମବୋଧ ଭୁଲିଯିବା ଦ୍ୱାରା ଲୟଯୋଗ, ଶବ୍ଦ ଉପରେ ଧ୍ୟାନରଖି ମନ୍ତ୍ରଜପ କରିବା ଦ୍ୱାରା ଜପଯୋଗ ଏବଂ ଶ୍ୱାସ ପ୍ରଶ୍ୱାସ କ୍ରିୟାରେ କୌଶଳ ଜାଣି ପ୍ରାଣାୟାମ ଅଭ୍ୟାସ କରି ଜ୍ୟୋତିଃ ଦର୍ଶନ ଓ (କଳ୍ପନାରେ) ଲୋକ ଲୋକାନ୍ତର ଗମନପୂର୍ବକ ଯୋଗ ଅଭ୍ୟାସ କରିବା ଦ୍ୱାରା କ୍ରିୟାଯୋଗ ସାଧନ କରାଯାଏ ।

ସମସ୍ତ ଯୋଗ ସାଧନାରେ ମନ ଓ ଚିତ୍ତବୃତ୍ତି ନିରୋଧ ହିଁ ପ୍ରଧାନ ଅବଲମ୍ବନ। ଏହା ବ୍ୟତୀତ ଷଷ୍ଠଯୋଗ ହେଉଛି ଭକ୍ତିଯୋଗ। ଏହାର ସ୍ଥାନ ସକଳ ପ୍ରକାର ଯୋଗ ସାଧନାର ଉପରେ। ଜ୍ଞାନ ଓ କର୍ମ ଯଥାବିଧି ସମ୍ପାଦନ କରି ଭାବଧାରା ଅତୁଟ ରଖିବାର ନାମ ଭକ୍ତିଯୋଗ। ଏହା ବିଭିନ୍ନ ପ୍ରକାରର। ଭକ୍ତିଯୋଗ ଅତି ସହଜସାଧ୍ୟ। ଏହା ସମସ୍ତଙ୍କ ପାଇଁ ସହଜ ଓ ସୁଗମ। ପଥ ଭିନ୍ନ ଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟ ଏକ ଓ ଅଭିନ୍ନ। ଆତ୍ମସାକ୍ଷାତ୍କାର କରିବା ଓ ସେବ୍ୟ ସେବକ ଭାବରେ ପ୍ରେମାନନ୍ଦ ଲାଭ କରିବା ହିଁ ଭକ୍ତିଯୋଗର ଉଦ୍ଦେଶ୍ୟ। ଅନେକ ଜନ୍ମଜନ୍ମାନ୍ତର ସାଧନା ଫଳରେ ଇହଜନ୍ମରେ ଇହଲୋକରେ ଭକ୍ତିଯୋଗ ସୁଯୋଗ୍ୟ ଭକ୍ତସାଧକଙ୍କୁ ମିଳିଥାଏ ।

ଯୋଗାଭ୍ୟାସ ଦ୍ୱାରା ମନକୁ ପବନ ବା ପ୍ରାଣ ମୂଳରେ (ତ୍ରିକୂଟ ସ୍ଥଳରେ) ରଖି ସ୍ଥିର ଅଚଞ୍ଚଳ କରିପାରିଲେ, ଚିତ୍ତର ଚଞ୍ଚଳତା ଦୂର ହୋଇଥାଏ। ''ବୁଦ୍ଧିଃ ଜ୍ଞାନେନ ଶୁଦ୍ଧ୍ୟତି, ବିଦ୍ୟାତପୋଭ୍ୟାଂ ଭୂତାତ୍ମା ଶୁଦ୍ଧ୍ୟତି, ଚିତ୍ତଂ ଅଭ୍ୟାସ ବୈରାଗ୍ୟାଭ୍ୟାଂ ଶୁଧ୍ୟତି ॥'' ଯେପରି ମଳିନ ବସ୍ତ୍ରରେ କେବେ ହେଲେ କୌଣସି ରଙ୍ଗ ଧରେ ନାହିଁ, ସେହିପରି ନିର୍ମଳ ଓ ଚିତ୍ତବୃତ୍ତି ନିରୋଧ ନ ହେଲେ ଜୀବାତ୍ମା ଅଳିଆ ଆବର୍ଜନାମୟ ଦେହ ରୂପକ କୋଠରୀରେ ବନ୍ଦୀ ହୋଇ ଦୁଃଖଯାତନା ଭୋଗ କରେ ସିନା ଆନନ୍ଦ ରୂପକ ରଙ୍ଗ ଧରିପାରେ ନାହିଁ। ମନକୁ ସଂଯତ୍ କରି ଆତ୍ମାରେ ବାନ୍ଧି ରଖିବାର ନାମ ଧାରଣ। ବାରମ୍ବାର ଧାରଣା ଦ୍ୱାରା ଧ୍ୟାନ ସମ୍ଭବ ହୁଏ। ସାଂଖ୍ୟଦର୍ଶନ ମତରେ- 'ଧ୍ୟାନଂ ନିର୍ବିଷୟ ମନଃ।' ଅଷ୍ଟାଙ୍ଗଯୋଗ ସାଧନାର ଏହା ଏକ ଏକ ସୋପାନ।

ମନକୁ ସଂଯତ କରିବାକୁ ହେଲେ ସମଦର୍ଶୀ ଭାବ ପୋଷଣ କରିବାକୁ ହୁଏ। ସତ୍ୟ, ପ୍ରେମ, ତ୍ୟାଗ, ଦୟା, କ୍ଷମା, ପବିତ୍ରତା, ଶୁଚିତା, ପ୍ରସନ୍ନତା, ମୃଦୁତା, ଶୁଦ୍ଧତା, ଧୀରବୁଦ୍ଧି, ନିର୍ବୈରତା, ସର୍ବଲୋକ କଲ୍ୟାଣ, ଅଳ୍ପାହାର, ଅପ୍ରମାଦ, ସ୍ଥିତପ୍ରଜ୍ଞ, ମିତନିଦ୍ରା, ଯୋଗାଭ୍ୟାସ ଆଦି ଗୁଣର ବିକାଶରେ ମନ ବିମଳ ରହେ। ମନ ସଂଯତ ହୁଏ। ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମନ ସମ୍ପର୍କରେ ବୁଝାଇଛନ୍ତି। ମନ ହିଁ ସକଳ ବିଷାଦର କାରଣ। ମନକୁ ଏକାଗ୍ର କଲେ, ସକଳ ଜାଗତିକ ମୋହ ଦୂର ହୁଏ। ଅବଶେଷରେ ଅର୍ଜୁନ ଶିକ୍ଷା କଲେ ମନକୁ ସଂଯତ ଓ ଏକାଗ୍ର କରିବାର ଉପାୟ। ସେ ବିଜୟୀ ହେଲେ । ମନ ହିଁ ବ୍ୟକ୍ତିର ଗୁରୁ। ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଏହି କଥା କହିଥିଲେ-

''ମନ ତୋହର ନିଜ ଗୁରୁ । ଉଦ୍ଧବ କେତେ ତୁ ପଚାରୁ ॥

(ଜଗନ୍ନାଥ ଦାସଙ୍କ ଭାଗବତ)

ଗୁରୁ ଭାବରେ ମନକୁ ଗ୍ରହଣ କରି ନେଲେ, ବ୍ୟକ୍ତି ଯଥାର୍ଥ ଶିକ୍ଷାଲାଭ କରେ। ଯେଉଁ ମନ ମଣିଷ ଶରୀରରେ ସୂକ୍ଷ୍ମ ଭାବରେ ସଦାବିଦ୍ୟମାନ; ତାକୁ ସଂଯତ ପୂର୍ବକ ଗୁରୁ କରିନେଲେ, ସବୁ ଅନର୍ଥର ଅନ୍ତ ହୋଇଯିବ। ମନକୁ ଗୁରୁ କଲେ, ଆଉ ମୋହ ରହିବ ନାହିଁ । ମନ ମନର ଅତୀତ ହୋଇଯିବ। ମନାତୀତ ରାଜ୍ୟରେ ବ୍ୟକ୍ତି ଥରେ ପହଞ୍ଚି ଯାଇପାରିଲେ, ତା'ର ଦୁଃଖ ବୋଲି ଆଉ କିଛି ରହିବ ନାହିଁ । ସେଠାରେ ସେ ନିତ୍ୟ ଆନନ୍ଦଲାଭ କରିପାରିବ। ସେ ଭଗବତ୍ ପ୍ରେମରେ ଉଦ୍‌ବୁଦ୍ଧ ହେବ ହିଁ ହେବ। ତା'ର ମନ ହୋଇ ଯିବ ବୃନ୍ଦାବନ।

ଯମୁନା କୂଳରେ ଗୋପପୁର ଅବସ୍ଥିତ। ଗୋପପୁରର ଅନତିଦୂରରେ ଅବସ୍ଥିତ ରମଣୀୟ ବୃନ୍ଦାବନ। ଏହି ସ୍ଥାନ ଆନନ୍ଦମୟ ଓ ପ୍ରେମମୟ। ପ୍ରେମମୟ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ପ୍ରେମମୟୀ ଗୋପାଙ୍ଗନାମାନଙ୍କର ଏହିଠାରେ ମାଧୁର୍ଯ୍ୟମୟ ଲୀଳା ହୋଇଥିଲା। ବୃନ୍ଦାବନରେ ଦୁଃଖ ନାହିଁ, ଶୋକ ନାହିଁ। ଏଠାରେ ସତତ ପ୍ରେମ ଓ ମାଧୁର୍ଯ୍ୟ ବିଦ୍ୟମାନ। ମନକୁ ଠିକ୍ ବୃନ୍ଦାବନ ପରି ରମଣୀୟ, ପ୍ରେମମୟ, ମଧୁର କରି ତୋଳିବାହିଁ ପ୍ରକୃତ ଓ ପ୍ରକୃଷ୍ଟ ସାଧନା। ମନ କାମନାମୁକ୍ତ ହେଲେ ମନାତୀତ ହୋଇଯାଏ। ଏହି ମନାତୀତ ଅବସ୍ଥାରେ ହିଁ ମନ ହୁଏ ବୃନ୍ଦାବନ। ସକଳ ଦୁଃଖ, ଶୋକ, ପାପ, ତାପ ବିନିର୍ମୁକ୍ତ ନିତ୍ୟ ଆନନ୍ଦମୟ, ମଧୁମୟ ଓ ପ୍ରେମମୟ ବୃନ୍ଦାବନ-ମନ-ବୃନ୍ଦାବନ। ସାଧନା ଦ୍ୱାରା ସାଧକ ମନକୁ ବୃନ୍ଦାବନରେ ପରିଣତ କରିଦେଇପାରେ। ଏକ ଶାଶ୍ୱତ ପ୍ରେମ ଓ ସୌନ୍ଦର୍ଯ୍ୟ ତା'ର ମନ ପ୍ରାଣକୁ ବୃନ୍ଦାବନରେ ରୂପାନ୍ତର କରେ। ସେତେବେଳେ ତା'ର ସକଳ କର୍ମରେ ଆସେ ସିଦ୍ଧି। ତା'ର ଜ୍ଞାନ ବିକଶିତ ହୁଏ। ମନର କାମନାରୁ ବ୍ୟକ୍ତିର ଏହି ଧରାଧାମରେ ବାରମ୍ବାର ଜନ୍ମ ଓ ମୃତ୍ୟୁ ହୁଏ। ଜନ୍ମ ଓ ମୃତ୍ୟୁ ଚକ୍ରରେ ପଡ଼ି ବ୍ୟକ୍ତି ନିର୍ବାଣ ବା ଚରମ ପ୍ରାପ୍ତି କରିପାରେ ନାହିଁ। କାମନାର ବିନାଶରେ ତା'ର ଚିରନ୍ତନ ମୁକ୍ତି ହୁଏ। ସେ ଆଉ କୌଣସି ରୂପରେ ଜନ୍ମ ନିଏ ନାହିଁ। ନିତ୍ୟରାସ ମଣ୍ଡଳର ଆନନ୍ଦଧାମ ମନବୃନ୍ଦାବନରେ ଆନନ୍ଦମୟ ବ୍ରହ୍ମଙ୍କର ସାମୀପ୍ୟ ଓ ସାନ୍ନିଧ ଲାଭ କରି ଜୀବବ୍ରହ୍ମ ନିର୍ବାଣ ଓ ଚରମପ୍ରାପ୍ତି ଲାଭ କରେ ।

୦୦୦

ସଂଘର୍ଷ, ପ୍ରତିରୋଧ, ଦୁର୍ବିପାକ, ଦୁର୍ଘଟଣା ଆଦି ପ୍ରତିକୂଳ ଅବସ୍ଥାରେ ଅବିଚଳିତ ରହି ଯେଉଁ ବ୍ୟକ୍ତି ଭଗବାନଙ୍କଠାରେ ଅଖଣ୍ଡ ବିଶ୍ୱାସ ସ୍ଥାପନ କରିପାରେ କେବଳ ସେହି ବ୍ୟକ୍ତି ତାଙ୍କର ଅତିପ୍ରିୟ ହୋଇଥାଏ।

*- ଶ୍ରୀଶ୍ରୀଶ୍ରୀ ଠାକୁର*

# ଜିଜ୍ଞାସା : ଜିଜ୍ଞାସୁ

*ଜୀବ ମନରେ ସନ୍ଦେହ, ସଂଶୟ, ଦ୍ୱନ୍ଦ୍ୱ, ସଂଘର୍ଷ ଆଦି ବହୁ ସମୟରେ ଉଙ୍କି ମାରିବା ସ୍ୱାଭାବିକ । ଏହି ମାନସିକତାରୁ ଉଦୟ ହୁଏ ଜିଜ୍ଞାସା । ଜିଜ୍ଞାସା ସାକାର ହୋଇ ପ୍ରଶ୍ନ ତୋଳେ । ସନ୍ଦେହ ଓ ସଂଶୟ ମୋଚନ ଏବଂ ମାନସିକ ଦ୍ୱନ୍ଦ୍ୱ ଓ ସଂଘର୍ଷରୁ ମୁକ୍ତି ପାଇବା ପାଇଁ ବ୍ୟସ୍ତ ହୁଏ। ମନଗଗନରେ ଉଦୟ ହୋଇଥିବା ଅସୁମାରି ପ୍ରଶ୍ନର ସମାଧାନ ପାଇଁ ଉପଯୁକ୍ତ ସମୟ, ପରିବେଶ ଓ ବ୍ୟକ୍ତିତ୍ୱର ସନ୍ଧାନ କରେ। କିନ୍ତୁ ସମସ୍ତଙ୍କ ପକ୍ଷରେ ଏହା ସମ୍ଭବ ହୋଇପାରେ ନାହିଁ । ଅନେକଙ୍କର ଉଦିତ ପ୍ରଶ୍ନରାଜି ନୈଶ ଆକାଶର ଅଗଣିତ ତାରା ସୂର୍ଯ୍ୟୋଦୟରେ ଅସ୍ତମିତ ହେବାପରି, ମନଅଙ୍ଗନରେ ମଉଳି ଯାଏ, ବିସ୍ମୃତ ହୋଇଯାଏ ପ୍ରଶ୍ନ ସମୂହ।*

*ବଳପୂର୍ବକ ଏଡ଼ାଇ ଯିବା ପାଇଁ ଶତଚେଷ୍ଟା ସତ୍ତ୍ୱେ ଯାହାର ମନରୁ ପୂର୍ବାବସ୍ଥାରେ ଉଇଁଥିବା ପ୍ରଶ୍ନସମୂହ କଦାଚ ବିସ୍ମୃତ ହୁଏ ନାହିଁ, ସେ ହିଁ ଜିଜ୍ଞାସୁଭକ୍ତ। ଏତାଦୃଶ ଜିଜ୍ଞାସୁ ଥିଲେ କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ଜଗଦୀଶଦା'। ଉପଯୁକ୍ତ ପାତ୍ରର ସନ୍ଧାନ ସେ ପାଇଥିଲେ। ସେହିଁ ଆମର ପରମାରାଧ୍ୟ ପ୍ରେମମୟ ଠାକୁରେ। ଠାକୁରେ ମଧ୍ୟ ତାଙ୍କୁ ଉପଯୁକ୍ତ ସମୟ ଓ ପରିବେଶ ଦେଇଥିଲେ। ତାହାରି ଫଳ ସ୍ୱରୂପ ଆମେ ଆଜି ପରମସୌଭାଗ୍ୟରୁ ''ଚରମ'' ପୃଷ୍ଠାରେ ''ଜିଜ୍ଞାସା: ଜିଜ୍ଞାସୁ'' ଶୀର୍ଷକରେ ସେହି ତତ୍ତ୍ୱଜ୍ଞାନ ଗର୍ଭକ ପ୍ରଶ୍ନୋତ୍ତରୀ ପାଠ କରିପାରୁଛୁ। ପାଠକପାଠିକାମାନେ ଏଥିରୁ ନିଜନିଜର ସମସ୍ୟାର ସମାଧାନ ପାଇପାରିଲେ, ଶ୍ରମ ସାର୍ଥକ ହେବ।*

ଜିଜ୍ଞାସୁ : ପ୍ରକୃତିର ଅଂଶ ଗୁଡ଼ିକର ପୃଥକ୍ ପୃଥକ୍ ଗୁଣଧର୍ମ ଓ ସ୍ୱଭାବର ଆଲୋଚନା କଲେ ଭଲ ହୁଅନ୍ତା।

ଠାକୁର : ପ୍ରକୃତି ଅଂଶ ଗୁଡ଼ିକର କାରିକା ଜାଣିଛ କି ?

ଜିଜ୍ଞାସୁ : ନା, ଠିକ୍ ଭାବରେ ଜାଣି ନାହୁଁ, ତେବେ ଠାକୁରେ ! ପ୍ରକୃତି ଶବ୍ଦର ଅର୍ଥ କ'ଣ ?

ଠାକୁର : ପ୍ରଶ୍ନରେ ଯଦି ଟଗଲାମି ରହେ, ଆମର ଉତ୍ତର ବି ଟଗଲାମି ହୋଇଯିବ।

ଜିଜ୍ଞାସୁ : ପ୍ରଶ୍ନ କ'ଣ ଟଗଲା ?

ଠାକୁର : ପ୍ରକୃତିର ଅଂଶ କଥା ପଚାରି ପୁଣି ପ୍ରକୃତିର ଅର୍ଥ କ'ଣ ପଚାରୁଛ ? ଦୁଇଟା ଯାକ କ'ଣ ଏକା କଥା ?

ଜିଜ୍ଞାସୁ : ନା, ଆଗେ ପ୍ରକୃତିର ଅର୍ଥ କ'ଣ ବୁଝାନ୍ତୁ। ପରେ ପ୍ରକୃତିର ଅଂଶ କଥା ବୁଝିବୁ।

ଠାକୁର : 'ପ୍ର' ଶବ୍ଦର ଅର୍ଥ ପ୍ରକୃଷ୍ଟ ବାଚକ। 'କୃତି' ଶବ୍ଦର ଅର୍ଥ ସୃଷ୍ଟି ବାଚକ। ଅର୍ଥାତ୍ ଯେ ସୃଷ୍ଟି କରିବାପାଇଁ ପ୍ରକୃଷ୍ଟ ବା ଆଗ୍ରହୀ ଓ ସମର୍ଥ ତାହାର ନାମ 'ପ୍ରକୃତି' କିମ୍ବା 'ପ୍ର' ଶବ୍ଦରୁ ପ୍ରଥମ ବା ଆଦି କୃତି ଶବ୍ଦରୁ ସୃଷ୍ଟି। ଅର୍ଥାତ୍ ଯେଉଁ ଦେବୀ ସୃଷ୍ଟିର ଆଦ୍ୟରେ ଥିଲେ ତାହାଙ୍କ ନାମ ପ୍ରକୃତି। ଆହୁରି ମଧ୍ୟ 'ପ୍ର' ଶବ୍ଦ ପ୍ରସ୍ଥୁତ କାରକ ''ସତ୍ତ୍ୱ''। 'କୃ'-କୃତ ବା କାର୍ଯ୍ୟ କାରକ ''ରଜ''। 'ତି'-ତେଜ୍ୟ କାରକ ବା ସଂହାରକ ''ତମ''। ଅର୍ଥାତ୍ ଯେ ସତ୍ତ୍ୱ, ରଜ ଓ ତମ ତ୍ରିଗୁଣାତ୍ମ ସ୍ୱରୂପା ଏବଂ ସର୍ବଶକ୍ତି ସମନ୍ୱିତା ଓ ସୃଷ୍ଟିକରଣରେ ପ୍ରଧାନ ଭୂତା ତାହାର ନାମ 'ପ୍ରକୃତି'।

ଜିଜ୍ଞାସୁ : ସୃଷ୍ଟିର ଆଦିକାରିଣୀ, ତ୍ରିଗୁଣାମୟୀ, ସର୍ବଶକ୍ତି ସମନ୍ବିତା ଓ ସୃଷ୍ଟିକରଣର ପ୍ରଧାନଭୂତା ଏଭଳି ଯେଉଁ ପ୍ରକୃତି ତାଙ୍କର ସ୍ଥାନ ବା ଅବସ୍ଥିତି କେଉଁଠି ତାହା ନିରୂପଣ କରି ଅନୁଭବ କରି ହେବ କି ?

ଠାକୁର : ହଁ ଅନୁଭବ କରିହେବ, ପୁଣି ହେବ ନାହିଁ।

ଜିଜ୍ଞାସୁ : ଏଭଳି ଦ୍ୱିବିଧ କଥା କ'ଣ ?

ଠାକୁର : ପ୍ରକୃତିର ସ୍ଥିତି ଦୁଇଟି। ଗୋଟିଏ ସ୍ଥୁଳ ବା ବ୍ୟକ୍ତ ଓ ଅନ୍ୟଟି ସୂକ୍ଷ୍ମ ବା ଅବ୍ୟକ୍ତ। ଦୁଇଟି ଯାକ ସ୍ଥିତି ମଧ୍ୟ ବ୍ୟାପକ।

ଜିଜ୍ଞାସୁ : କେମିତି ?

ଠାକୁର : ଏହି ଦୃଶ୍ୟମାନ ଜଗତରେ ଯାହା ସବୁ ଦେଖୁଛ ସେ ସବୁକୁ ସଂଖ୍ୟା କରିପାରିବ କି ? ଏବଂ ସୃଷ୍ଟିର ବିଚିତ୍ରତାକୁ କଳ୍ପନା କରିପାରିବ କି ? ତା'ର ଶକ୍ତି କେତେ, ଯେ ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ପୃଥିବୀକୁ ଘୁରାଇ ପାରୁଛି ତାକୁ କଳ୍ପନା କରାଯାଇ ପାରିବ କି ? ଏ ସବୁ ପ୍ରକୃତିର ଦୃଶ୍ୟମାନ ସ୍ଥିତି। ଏହା ଏତେ ଅନନ୍ତ ଓ ବ୍ୟାପକ ଯେ ତାକୁ ମାପିବାକୁ ଗଲେ ଅସରନ୍ତି ଭଣ୍ଡାର ପରି ସରିବ ନାହିଁ। ଏଣୁ ତା'ର ସ୍ଥୁଳ ସ୍ଥିତି ଦୃଶ୍ୟ ହେଲ ମଧ୍ୟ ବ୍ୟାପକ। କିନ୍ତୁ ଅନୁଭବ ଯୋଗ୍ୟ।

ଜିଜ୍ଞାସୁ : ଆଉ ତା'ର ସୂକ୍ଷ୍ମ ସ୍ଥିତି କ'ଣ ?

ଠାକୁର : ସୂକ୍ଷ୍ମ ସ୍ଥିତି ଅଦୃଶ୍ୟ ହେତୁ ଅନୁଭବ ଯୋଗ୍ୟ ହୋଇପାରେ ନାହିଁ। ସୂକ୍ଷ୍ମସ୍ଥିତି ଏତେ ବ୍ୟାପକ ଯେ ତାହା ନିର୍ଣ୍ଣୟ କରିବା କଷ୍ଟ।

ଜିଜ୍ଞାସୁ : ତାହା ହେଲେ ସୂକ୍ଷ୍ମସ୍ଥିତିକୁ ସ୍ୱୀକାର କରାଯାଉଛି କିପରି ?

ଠାକୁର : କେବଳ ଅନୁମାନ ଦ୍ୱାରା।

ଜିଜ୍ଞାସୁ : ଅନୁମାନ ତ ଭୂଲ୍ ଠିକ୍ର କଥା। ଅନୁମାନକୁ କ'ଣ ସତ ବୁଝିବା ?

ଠାକୁର : ଅନୁମାନରେ ଯେଉଁ ପ୍ରାମାଣିକ ତତ୍ତ୍ୱ ରହିଛି ତାହା ଭୂଲ୍ ନୁହେଁ ଠିକ୍ ।

ଜିଜ୍ଞାସୁ : ଅନୁମାନ ଭିତରେ ସନ୍ଦେହ ନ ଥାଏ କି ?

ଠାକୁର : ସେଇଟା ସନ୍ଦେହ ନୁହେଁ। ମୋ ମତରେ ''ଗବେଷଣା''। ଗବେଷଣା ଦ୍ୱାରା ଯାହା ସିଦ୍ଧାନ୍ତ କରାଯାଏ ତାହା ଠିକ୍ ଓ ସତ୍ୟ।

ଜିଜ୍ଞାସୁ : କିପରି ?

ଠାକୁର : ଅନୁମାନ ହେଉଛି ଗୋଟିଏ ପ୍ରମାଣ। ସେହିପରି ପ୍ରତ୍ୟକ୍ଷ ଗୋଟିଏ ପ୍ରମାଣ। ଯେପରି ଚିନି ମିଠା ଲାଗେ। ଚିନିର ପ୍ରତ୍ୟକ୍ଷରୁ ମିଠାର ପ୍ରମାଣ କରାଯାଏ। ଆଉ ଗୋଟିଏ ପ୍ରମାଣ ପରୋକ୍ଷ। ଅର୍ଥାତ୍ ଅନ୍ୟର ଅନୁଭବକୁ ନିଜ ଉପରକୁ ନେଇ ପ୍ରମାଣ କରାଯାଏ। ଯେପରି ଜଣେ ବିଷ ଖାଇ ବିଷର ଜ୍ୱାଳାରେ ପ୍ରାଣ ତ୍ୟାଗ କରେ। ଅନ୍ୟ ଜଣେ ବିଷର ଜ୍ୱାଳାକୁ ନିଜେ ଅନୁଭବ ନ କରି ଅନ୍ୟଠାରୁ

ଦେଖି କରି ବିଷର ଜ୍ୱାଳାକୁ ପ୍ରମାଣ କରିଥାଏ । ଅନ୍ୟର ପ୍ରମାଣକୁ ନଜ ଉପରକୁ ନେଇ ଯେଉଁ ପ୍ରମାଣ କରାଯାଇଥାଏ ତାହା ପରୋକ୍ଷ ପ୍ରମାଣ ।

ଜିଜ୍ଞାସୁ : ଆଉ ଅନୁମାନ ପ୍ରମାଣ କିପରି ?

ଠାକୁର : ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରମାଣ ଯଦି ସତ୍ୟ ସେହିପରି ଅନୁମାନ ପ୍ରମାଣ ମଧ୍ୟ ସତ୍ୟ । ଯଥା : କାର୍ଯ୍ୟକୁ ଦେଖି ତା'ର କାରଣକୁ ନିର୍ଣ୍ଣୟ କରିବା । ଯେପରି ପୁଅକୁ ଦେଖି ତାର ଅଜା, ଗୋସେଇଁ ଅଜାକୁ ନ ଦେଖି ମଧ୍ୟ ପ୍ରମାଣ କରାଯାଇଥାଏ । ଆଉ ମଧ୍ୟ ଦୂରବର୍ତ୍ତୀ ଆକାଶକୁ ଉଠୁଥିବା ଧୂଆଁକୁ ଦେଖି କୌଣସି ସ୍ଥାନରେ ଧୂଆଁରୂପୀ କାର୍ଯ୍ୟର ନିଆଁରୂପୀ କାରଣକୁ ନିଶ୍ଚିତ ଅର୍ଥରେ ନିର୍ଣ୍ଣୟ କରାଯାଏ, ସେହିପରି ଜଗତରୂପ କାର୍ଯ୍ୟକୁ ଦେଖି ତା'ର କାରଣ ରୂପୀ ଯେଉଁ ତତ୍ତ୍ୱ ନିହିତ ଅଛି ତାହାକୁ ଅନୁମାନ ପ୍ରମାଣ ଦ୍ୱାରା ସିଦ୍ଧ କରାଯାଏ । ଏଣୁ ପ୍ରକୃତିର ପ୍ରମାଣ ଅନୁମାନ ସିଦ୍ଧ ।

ଜିଜ୍ଞାସୁ : ପ୍ରକୃତିର ମୂଳକୁ ଅନୁଭବ କରିବାର କ'ଣ କିଛି ଉପାୟ ନାହିଁ ?

ଠାକୁର : ନାଁ ! କାହିଁକି ନା କାର୍ଯ୍ୟ ଯଦି କାରଣକୁ ଅନୁଭବ କରିବାକୁ ଚେଷ୍ଟା କରେ ତା ହେଲେ କାରଣରେ ବିଲୀନ ହୋଇ ତଦାକାର ହୋଇଯାଏ । ଯେପରି ଲୁଣର କଣ୍ଢେଇ ସମୁଦ୍ରକୁ ମାପିବାକୁ ବା ଅନୁଭବ କରିବାକୁ ଚେଷ୍ଟା କରି ସମୁଦ୍ର ଭିତରକୁ ପ୍ରବେଶ କରିବା ମାତ୍ରେ ତା'ର ଲବଣତ୍ୱ ଜଳ ରାଶିରେ ବିଲୀନ ହୋଇ ତଦାକାର ହୋଇଯାଏ । ଲବଣର ସ୍ୱରୂପ ରହେ ନାହିଁ ।

ଜିଜ୍ଞାସୁ : ଅନୁମାନ ସିଦ୍ଧ ପ୍ରକୃତିର ସ୍ୱଭାବ କ'ଣ ?

ଠାକୁର : ମୂଳ ବା ଅବ୍ୟକ୍ତ ପ୍ରକୃତିର ନିର୍ଦ୍ଦିଷ୍ଟ କିଛି ସ୍ୱଭାବ ନାହିଁ । ତା'ଠାରୁ ସ୍ୱଭାବ ସୃଷ୍ଟି ହୁଏ । ଯେପରି ମାଟି ନିର୍ମିତ କଣ୍ଢେଇ । କଣ୍ଢେଇ ମାଟିରେ ଗଢ଼ା ହୋଇଥିବା ହେତୁ କଣ୍ଢେଇ ହେଉଛି ମାଟି । କିନ୍ତୁ ମାଟି କଣ୍ଢେଇ ନୁହେଁ । ମାଟିରେ କଣ୍ଢେଇ ଗଢାଯାଏ । ସେହିପରି ମୂଳ ଅବ୍ୟକ୍ତ ସୂକ୍ଷ୍ମ ବ୍ୟାପକ ପ୍ରକୃତିର କିଛି ସ୍ୱଭାବ ନାହିଁ । କିନ୍ତୁ ସେ ସ୍ୱଭାବର ଉପାଦାନ ସ୍ୱରୂପରେ ରହି ଅନେକ ରୂପ ଓ ସ୍ୱଭାବ ସୃଷ୍ଟି କରୁଅଛି ।

ଜିଜ୍ଞାସୁ : କେଉଁ ଉପାୟରେ ପ୍ରକୃତିରୁ ସ୍ୱଭାବ ଉଦୟ ହେଉଛି ତା'ର କିଛି ସୂତ୍ର ନିଶ୍ଚୟ ଥିବ ।


ଠାକୁର : ହଁ ଅଛି ।

ଠଠଠ

ତୁମ୍ଭେମାନେ ବର୍ତ୍ତମାନ ମହାପ୍ରଳୟ ଚକ୍ରର ଦ୍ୱାର ଦେଶରେ ଛିଡ଼ା ହୋଇଛ । ସେ ଚକ୍ରର ଧାରରୁ କାହାରି ନିସ୍ତାର ନାହିଁ । ତେଣୁ ଆଉ ଅପେକ୍ଷା ନ କରି ଗୁରୁବାଦ ମଧ୍ୟରେ ପ୍ରବେଶ କରି ସଦ୍‌ଗୁରୁଙ୍କ ଆଶ୍ରିତ ହୋଇଯାଅ । ନଚେତ୍ ରକ୍ଷାନାହିଁ ।

– ଶ୍ରୀଶ୍ରୀଶ୍ରୀ ଠାକୁର

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



| | |
|---|---|
| ଜନନୀ ଜଠର ଜରାୟୁ କାରା | । ଜୀବ ଉଦ୍ଧାରଣ ପୀଠଟି ପରା ॥ |
| ପଞ୍ଚଭୂତ ପଞ୍ଚପ୍ରାଣ ଇନ୍ଦ୍ରିୟ | । ମନ ଆତ୍ମା ସହ ଜୀବର ପ୍ରିୟ ॥ |
| ଜରାୟୁ କାରାରେ ବନ୍ଦୀ ଜୀବନ | । ପରମ ଆତ୍ମାଙ୍କୁ କରେ ଦର୍ଶନ ॥ |
| ପରମ ଆତ୍ମାର କଲ୍ୟାଣ ନେଇ | । ଧରାପୃଷ୍ଠରେ ସେ ଜନମ ହୋଇ ॥ |

## ଜନନୀ, ଜଠର, ଜରାୟୁ

*ଜନନୀ ଜଠର ଜରାୟୁର ତତ୍ତ୍ୱ ଅତୀବ ଗହନ, ନିଗମ ଏବଂ ନିଗୂଢ଼ । ଏହି ନିଗମ ତତ୍ତ୍ୱ ଏଯାବତ୍ ଧରାପୃଷ୍ଠକୁ କ୍ଷରିତ ହୋଇ ଲୋକଲୋଚନକୁ ଆସି ନ ଥିଲା । ଅଗୋଚର ଏହି ନିଗୂଢ଼ ତତ୍ତ୍ୱକୁ ଯୁଗଧର୍ମୀ ଆଧାତ୍ମିକ ପତ୍ରିକା ''ଚରମ'' ପୃଷ୍ଠାରେ ''ଚରମ''ର ଜନ୍ମକାଳଠାରୁ ଏଯାବତ୍ ଧାରାବାହିକ ଭାବରେ ପତ୍ରସ୍ଥ କରାଯାଇ ପାଠକପାଠିକାଙ୍କର ଗୋଚରକୁ ଆଣିବାର ପ୍ରୟାସ କରାଯାଇଅଛି । ଭକ୍ତବତ୍ସଳ କରୁଣାସାଗର ଠାକୁରଙ୍କର ଅପାର କରୁଣା ଏବଂ ଅମାପ କଲ୍ୟାଣରୁ ଏହା ସମ୍ଭବ ହୋଇପାରିଛି । ସେଥିପାଇଁ ପ୍ରଭୁଙ୍କ ଠାରେ ''ଚରମ'' ପରିବାର ତରଫରୁ ସମ୍ପାଦନା ପ୍ରଗାଢ଼ କୃତଜ୍ଞତାର ସହିତ ପ୍ରଣାମ ନିବେଦନ କରୁଛି ।*

**ଚରମ' : ଷଷ୍ଠପୁଷ୍ପ : ପ୍ରଥମ ପାଖୁଡ଼ା : ଷଟ୍‌ବିଂଶତିତମ ସଂଖ୍ୟା ଅନୁଶ୍ରୁତିରୁ :**

## (୪୦) ରଜ୍ଜୁଗୁର୍ଜରୀ କୋଷ :

### (୧୬) ରଜ୍ଜୁଗୁର୍ଜରୀ ବଜ୍ର ଶୈତାନୀ ସ୍ନାୟୁ :

ପୂର୍ବ ସଂଖ୍ୟାରେ ସୂଚନା ଦିଆଯାଇଅଛି ଯେ, ମାତୃଗର୍ଭ ତ୍ୟାଗ କରି ଜୀବ ଯେତେବେଳେ ଭୂମିଷ୍ଠ ହୁଏ ସେତେବେଳେ 'ଶୃଣଭୃଙ୍ଗ' ଅର୍ଦ୍ଧୋଚ୍ଛ ସ୍ନାୟୁକୁ ଘୋଡ଼ାଇ ପକାଇ ବିକେନ୍ଦ୍ରିୟ ବୃତ୍ତି ତୋଳିଦିଏ । ଫଳରେ ଭୂମିଷ୍ଠ ହୋଇଥିବା ଶିଶୁ ହଠାତ୍ ମୋହାଚ୍ଛନ୍ନ ହୋଇଯାଏ ଓ ସତ୍ୟେନ୍ଦ୍ରିୟ ଗତି ବନ୍ଦ ହୋଇଯାଏ । ଶିଶୁର ବୟସ ବୃଦ୍ଧି ହେବା ସଂଗେ ସଂଗେ ମୋହବନ୍ଧନର ପ୍ରଭାବରେ ତାର ଅଜ୍ଞାନତା ଦୃଢ଼ ହୋଇ ଆସେ । ଶରୀରରେ ତମଗୁଣର

ପ୍ରାଧାନ୍ୟ ପରିଲକ୍ଷିତ ହୁଏ। ଦୀର୍ଘଦିନ ଧରି ଶରୀର ମଧ୍ୟରେ ତମଗୁଣର ପ୍ରଭାବ ଅଧିକ ରହିଲେ ଶୃଣଭୃଙ୍ଗର ବାହକ ରଜ୍ଜୁଗୁର୍ଜ୍ଜରୀ "ବକ୍ର ଶୈତାନୀ ସ୍ନାୟୁ" ସହ ମିଳିତ ହୋଇଯାଏ। ଏହି ବକ୍ର ଶୈତାନୀ ସ୍ନାୟୁ ଥରେ ଜାଗ୍ରତ ହୋଇଗଲେ, ଜୀବକୁ ଏପରି ଏକ ଅଭାବନୀୟ ଅବସ୍ଥାକୁ ନେଇଯାଏ, ଯେଉଁଠାରୁ ଜୀବ ଫେରି ଆସିବାକୁ ଅନେକ କଷ୍ଟ ହୁଏ। କଠୋର ଅଭ୍ୟାସ କର୍ମଦ୍ୱାରା ସତ୍‌ଗୁଣକୁ ଜାଗ୍ରତ କରାଇ ନ ପାରିଲେ ଜୀବ ତାହାର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବକ୍ର ଶୈତାନୀ ସ୍ନାୟୁର ଅଧୀନସ୍ଥ ହୋଇ ଅତ୍ୟନ୍ତ ନିକୃଷ୍ଟ ଭାବରେ ସମୟ ଅତିବାହିତ କରେ। ରଜ୍ଜୁଗୁର୍ଜ୍ଜରୀ ବକ୍ରଶୈତାନୀ ସ୍ନାୟୁର ମିଳନରେ ଜୀବର ଶରୀର, ମନ ଓ କାର୍ଯ୍ୟକଳାପରେ ଯେଉଁ ବିଲକ୍ଷଣ ପ୍ରକାଶ ପାଏ, ସେଥିମଧ୍ୟରୁ କେତୋଟି ମୁଖ୍ୟ ଅଂଶ ଏଠାରେ ଆଲୋଚନା କରାଯାଉଅଛି।

### (କ) ନିର୍ଦ୍ଦୋଷକୁ ଦଣ୍ଡ :

ଉପରୋକ୍ତ ଅବସ୍ଥାରେ ପହଞ୍ଚିଥିବା ବ୍ୟକ୍ତି ଅତ୍ୟନ୍ତ କ୍ରୋଧୀ ଓ ପ୍ରତିହିଂସାପରାୟଣ ହୋଇଥାଏ। ଭୁଲ୍, ଠିକ୍ ବିଚାର କରିବାର ଶକ୍ତି ତାର ସଂପୂର୍ଣ୍ଣ ଲୋପ ପାଇଯାଇଥାଏ। ଅନ୍ୟର କଥାରେ ତଥା ନିଜର ସନ୍ଦେହାତ୍ମକ ଭାବରେ ଦୃଢ଼ ହୋଇ ନିର୍ଦ୍ଦୋଷ ବ୍ୟକ୍ତିକୁ ଦଣ୍ଡ ଦେଇ ଦିଏ। ଅଯଥା ଅନ୍ୟାୟ ଭାବରେ ଦଣ୍ଡିତ ହୋଇ ବ୍ୟକ୍ତି ଯେତେବେଳେ ଅସହାୟତା ପ୍ରକାଶ କରୁଥାଏ, ଦୁଃଖଯନ୍ତ୍ରଣାରେ ବିବ୍ରତ ହୋଇ କ୍ରନ୍ଦନ କରୁଥାଏ, ସେତେବେଳେ ବକ୍ରଶୈତାନୀ ସ୍ନାୟୁର ପ୍ରେରଣାରେ ଦଣ୍ଡିତ କରିଥିବା ବ୍ୟକ୍ତି ଆନନ୍ଦରେ ଉତ୍‌ଫୁଲ୍ଲିତ ହୁଏ ଏବଂ ଅଧିକରୁ ଅଧିକ ଦଣ୍ଡ ବିଧାନ କରିବା ପାଇଁ ଉଦ୍ୟତ ହୁଏ। ଯଦି କୌଣସି କାରଣରୁ ପ୍ରମାଣିତ ହୋଇଯାଏ ଯେ, ଦଣ୍ଡ ଜଣେ ନିର୍ଦ୍ଦୋଷ ବ୍ୟକ୍ତିକୁ ପ୍ରୟୋଗ ହୋଇଗଲା, ତେବେ ଦଣ୍ଡ ଦେଇ ନିଜର ଗାରିମା ପ୍ରକାଶ କରୁଥିବା ବ୍ୟକ୍ତି ଜଣକ ହଠାତ୍ ତା'ର ଆଚରଣ ପରିବର୍ତ୍ତନ କରି ନିଜେ ବିଧାନ କରିଥିବା ଦଣ୍ଡକୁ ଅସ୍ୱୀକାର କରିଦିଏ। ଏପରି ଭଦ୍ର ଆଚରଣ ପ୍ରଦର୍ଶନ କରେ, ସତେ ଯେପରି ବ୍ୟକ୍ତି ଏବଂ ବ୍ୟକ୍ତିକୁ ଦିଆଯାଇଥିବା ଦଣ୍ଡ ସମ୍ପର୍କରେ ସେ କିଛି ଜାଣେ ନାହିଁ। ନିଜକୁ ସଂପୂର୍ଣ୍ଣ ଅଜ୍ଞ ଓ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାର ଅଭିଳାଷରେ ଛଳନାପୂର୍ଣ୍ଣ ମଧୁର ବଚନ କହି ସମାଜରେ ନିଜର ସ୍ଥିତିକୁ ଏକ ସମ୍ମାନଜନକ ଅବସ୍ଥାକୁ ନେଇ ଆସେ। କିନ୍ତୁ ନିଜର କୃତକର୍ମ ପାଇଁ ଆଦୌ ମନସ୍ତାପ କିମ୍ବା ଅନୁତାପ କରେ ନାହିଁ। ମାତ୍ର ସତ୍ୟ ଅତ୍ୟନ୍ତ ନିଷ୍ଠୁର ଏବଂ ଅପରିବର୍ତ୍ତନୀୟ। ଧୀରେ ଧୀରେ ତା'ର ଛଳନାପୂର୍ଣ୍ଣ ବ୍ୟବହାର ଯେତେବେଳେ ସମାଜରେ ଧରାପଡ଼ି ଯାଏ, ସେତେବେଳେ ସେ ତା'ର ଅଜାଣତରେ ସମସ୍ତଙ୍କ ଚକ୍ଷୁରେ ନିନ୍ଦିତ ହୋଇଯାଏ। ସମାଜ ତାକୁ ଘୃଣା କରେ। ଏହା ସତ୍ତ୍ୱେ ଯଦି ତା'ର କୌଣସି ପରିବର୍ତ୍ତନ ନ ହୁଏ, ତେବେ ସମାଜରୁ ନିର୍ବାସିତ ହୋଇ ଏକ ଘୃଣ୍ୟ ଜୀବନ ଅତିବାହିତ କରିବାକୁ ବାଧ୍ୟ ହୁଏ।

### (ଖ) ସତ୍ୟକୁ ଅସତ୍ୟ ଭାବରେ ଗ୍ରହଣ :

ଶୈତାନୀ ସ୍ନାୟୁ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି, ତା ନିଜ ଭିତରେ ଉଦ୍ରେକ ହୋଇଥିବା ତମଗୁଣ ସଂପନ୍ନ ସନ୍ଦେହ ଭାବରେ ଦୃଢ଼ ହୋଇଯାଏ। ବାରମ୍ବାର ତା ସମ୍ମୁଖରେ ସତ୍ୟ କଥା କହି ସତ୍ୟ ଘଟଣା ଉପସ୍ଥାପନା

କଲେ ମଧ୍ୟ ତାକୁ ସେ ଅସତ୍ୟ ଭାବରେ ଗ୍ରହଣ କରେ। ତାର ମନରେ ସୃଷ୍ଟି ହୋଇଯାଏ ଯେ, ତାକୁ ଭଣ୍ଡେଇ ଦେବାପାଇଁ, ଠକିଦେବା ପାଇଁ ତା ଆଗରେ ମିଥ୍ୟା କଥା ପ୍ରକାଶ କରାଯାଇ ତାକୁ ସାନ୍ତ୍ୱନା ଦିଆଯାଉଅଛି। ତେଣୁ ତା ସମ୍ମୁଖରେ ଉପସ୍ଥାପିତ ହୋଇଥିବା ସତ୍ୟକୁ ଗ୍ରହଣ କରିବା ପରିବର୍ତ୍ତେ ଉପସ୍ଥାପକଙ୍କୁ ଶତ୍ରୁ ଭାବରେ ବିବେଚନା କରି ଦଣ୍ଡ ଦେବାକୁ ମଧ୍ୟ ପ୍ରସ୍ତୁତ ହୋଇଯାଏ। ବାରବାର ଏହି ଅଭ୍ୟାସ କରିବା ଦ୍ୱାରା ତା ମଧ୍ୟରେ କେବଳ ଅସତ୍ୟ ଓ ସନ୍ଦେହ ବ୍ୟତୀତ ଅନ୍ୟ କୌଣସି ଭାବ ରହେ ନାହିଁ। ଏହି ଭାବର ପ୍ରଭାବ କ୍ରମଶଃ ନିଜର ପରିବାରବର୍ଗଙ୍କ ଉପରେ ପକାଇ, ପରିବାରକୁ ମଧ୍ୟ ଏକ ସ୍ଥାୟୀ ଅଶାନ୍ତ ବଳୟ ମଧ୍ୟକୁ ସେ ନେଇଯାଏ ଏବଂ ପରିବାର ସଦସ୍ୟଙ୍କ ପାଇଁ ଅନେକ ଦୁଃଖ, ଯନ୍ତ୍ରଣାକୁ ଇଚ୍ଛାକୃତ ଭାବରେ ନେଇ ଆସି ସମସ୍ତଙ୍କର ଘୃଣାର ପାତ୍ର ହୋଇଯାଏ। ଫଳରେ ପରିବାରରୁ ସମାଜ ପର୍ଯ୍ୟନ୍ତ ସମସ୍ତେ ତାକୁ ତ୍ୟାଗ କରନ୍ତି।

## (ଗ) ସନ୍ଦେହ ଭାବ:

ପ୍ରତ୍ୟେକ ବ୍ୟକ୍ତିକୁ ସନ୍ଦେହ କରେ। କାହାରି ପ୍ରତି ଆସ୍ଥା ସ୍ଥାପନ କରିପାରେ ନାହିଁ। ଏପରିକି ସମୟେ ସମୟେ ନିଜକୁ, ନିଜର ଭାବକୁ ମଧ୍ୟ ଗ୍ରହଣ କରି ନ ପାରି ସନ୍ଦେହ କରେ। ବର୍ତ୍ତମାନ ନିଜେ ଯାହା କରିଛି ବା କହିଛି, ପରମୁହୂର୍ତ୍ତରେ ତାକୁ ସନ୍ଦେହ କରି ଅସ୍ୱୀକାର କରିଦିଏ। ''ମୁଁ ଯାହା କହୁଛି ତାହାହିଁ କେବଳ ଠିକ୍'', ''ମୋତେ ବିପଦରେ ପକାଇବା ପାଇଁ ଅନ୍ୟମାନେ ଚକ୍ରାନ୍ତ କରି ଉପରେ ମୋ ସହିତ ବନ୍ଧୁତ୍ୱ ଦେଖାଉଛନ୍ତି'', ''ଏ ବ୍ୟକ୍ତି ମୋତେ ଯାହା କହୁଛି, ତା ପଛରେ ତା'ର ନିଶ୍ଚୟ କିଛି ସ୍ୱାର୍ଥ ରହିଛି'' ଇତ୍ୟାଦି ସନ୍ଦେହାତ୍ମକ ଭାବରେ ସର୍ବଦା ଜ୍ୱଳନ ଅବସ୍ଥାରେ ରହେ। ଏହି ଭାବ ଧାରାବାହିକ ଭାବେ ଯେତେ ଦୃଢ଼ ହୋଇଯାଏ, ତା ମନରେ କ୍ରୋଧ, ହିଂସା ଓ ଈର୍ଷା ସେତେ ପରିମାଣରେ ଠୁଳ ହୋଇଯାଉଥାଏ। କ୍ରୋଧର ସ୍ଥାୟିତ୍ୱ ଅଧିକ ଦିନ ହେଲେ, ଶରୀରରେ ଥିବା ସଦ୍‌ଗୁଣଗୁଡ଼ିକ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଆନ୍ତି। ଫଳରେ ବ୍ୟକ୍ତି ସମାଜକୁ ତା'ର ଶତ୍ରୁ ଭାବରେ ଗ୍ରହଣ କରି ନାନା ଅପରାଧରେ ଲିପ୍ତ ହୋଇଯାଇ ଏକ ସ୍ଥାୟୀ ଅଶାନ୍ତ ବଳୟ ମଧ୍ୟରେ ବୁଡିଯାଏ। ସମସ୍ତଙ୍କ ଅପେକ୍ଷା ନିଜକୁ ଶ୍ରେଷ୍ଠ ବୋଲି ପ୍ରତିଷ୍ଠା କରିବାର ଆକାଂକ୍ଷା ତା'ର ମନରେ ସୃଷ୍ଟି ହୋଇଯାଏ। ତେଣୁ ସ୍ୱଗୁଣକୁ ଇଚ୍ଛାକୃତ ଭାବେ ସୁଯୋଗ ଅପେକ୍ଷାରେ ଲୁଚାଇ ଦେଇ ମୁହଁରେ ଭଦ୍ର ଆଚରଣକୁ ଆପଣାର କରିନିଏ। ଏହା ଫଳରେ କିଛି ସମୟ ପାଇଁ ସେ ବାହ୍ୟରେ ସଦ୍‌ଗୁଣର ପରିଚୟ ପାଏ। କିନ୍ତୁ ଏହି ଅବସ୍ଥା ସ୍ଥାୟୀ ହୋଇ ରହେ ନାହିଁ। କିଛିଦିନ ପରେ ଆପେ ଆପେ ନିଜର ପୂର୍ବ ଅବସ୍ଥାକୁ ଫେରିଆସେ। ସମାଜରୁ ନିଷ୍କାସିତ ହୋଇ ଶେଷରେ ନିଜର ଭାଗ୍ୟଦୋଷର ଦୁହାଇ ଦେଇ ଅସହାୟ ଭାବରେ ସମୟ କଟାଇବାକୁ ବାଧ୍ୟ ହୁଏ।

## (ଘ) ସନ୍ଦେହ ଭାବର ସାହାଯ୍ୟରେ ସତ୍ୟ ସ୍ୱୀକାରର ଦୁହାଇ :

ନିଜର ଦୋଷ, ତ୍ରୁଟିକୁ ଆଦୌ ସ୍ୱୀକାର କରେ ନାହିଁ। ଯେତେବେଳେ ନିଜର କୃତକର୍ମ ପ୍ରକାଶ ପାଇଯାଏ, ସେତେବେଳେ ଅନ୍ୟମାନଙ୍କ ଆଗରେ ନିଜର କର୍ମକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରିଦିଏ ଏବଂ

ଶ୍ରୋତାମାନଙ୍କ ସମ୍ପର୍କରେ କୌଣସି ଏକ ମିଥ୍ୟା କଥା ଅବତାରଣା କରି ମନରେ ସନ୍ଦେହ ସୃଷ୍ଟି କରିଦିଏ। ଉଦାହରଣ: ରାମ ନାମକ ଏକ ବ୍ୟକ୍ତି ଶୈତାନୀ ସ୍ନାୟୁ ଦ୍ୱାରା ଆକ୍ରାନ୍ତ ହୋଇଅଛି। ସେ ଗୋବିନ୍ଦ ନାମକ ଏକ ବ୍ୟକ୍ତି ପ୍ରତି ଅଯଥାରେ ସନ୍ଦେହଭାବ ପ୍ରକଟ କରି ତା ପ୍ରତି ଅସଦ୍‌ଚରଣ ବା ଶତ୍ରୁତା କରି ଦଣ୍ଡ ଦେଇଛି। ଏହି କଥା ଗୋବିନ୍ଦ ସମାଜର କେତେଜଣ ବ୍ୟକ୍ତିଙ୍କ ପାଖରେ ପ୍ରକାଶ କରିଛି। ଫଳରେ ରାମ ଦଣ୍ଡିତ ହେବାର ସମୟ ଉପସ୍ଥିତ ହୋଇଅଛି। ସେତେବେଳେ ରାମ ସଂପୂର୍ଣ୍ଣ ଛଳନାର ଆଶ୍ରୟ ନେଉଛି। ଯେଉଁମାନଙ୍କ ଆଗରେ ଗୋବିନ୍ଦ ତା ସମ୍ପର୍କରେ ଆଲୋଚନା କରିଅଛି, ସେହିମାନଙ୍କ ନିକଟରେ ସେ କହି ଦେଉଛି, ''ଭାଇ ! ଗୋବିନ୍ଦ ଯାହା କହିଛି ତାହା ସଂପୂର୍ଣ୍ଣ ମିଥ୍ୟା। ସେ ଆପଣମାନଙ୍କ ପ୍ରତି ଭିତରେ ଅନ୍ୟାୟ ଆଚରଣ କରି ନିନ୍ଦିତ କରିବାପାଇଁ ଚେଷ୍ଟା କରୁଥିଲା। ମୁଁ ଜାଣିପାରି ତାକୁ ସତର୍କ କରି ଦେବାରୁ, କାଳେ ମୁଁ ସେ କଥା ପ୍ରକାଶ କରି ଦେବି-ସେହି ଆଶଙ୍କାରେ ସେ ମୋ ନାମରେ ଆପଣଙ୍କୁ କହିଛି। କିନ୍ତୁ ବାସ୍ତବରେ ମୁଁ ନିରପରାଧ।'' ଏହା ଶୁଣିବା ପରେ ସେ ବ୍ୟକ୍ତିମାନଙ୍କ ମନରେ ରାମ ପ୍ରତି ଉଦ୍ରେକ ହୋଇଥିବା ଘୃଣା, ରାଗ ହଠାତ୍ ପ୍ରଶମିତ ହୋଇଯାଉଛି ଏବଂ ମିଥ୍ୟାର ଗୁରୁତ୍ୱରେ ସତ୍ୟ କହିଥିବା ଗୋବିନ୍ଦ ପ୍ରତି ସନ୍ଦେହ ସୃଷ୍ଟି ହୋଇଯାଉଅଛି। ଏଠାରେ ରାମ ଅପରାଧ କରିବା ସତ୍ୟ। କିନ୍ତୁ କୌଶଳ କ୍ରମେ ସତ୍ୟର ଦ୍ୱାହି ଦେଇ ଲୋକମାନଙ୍କ ମନରେ ସତ୍ୟ ପ୍ରତି ସନ୍ଦେହ ସୃଷ୍ଟି କରାଇ ସେ ନିଜେ କିଛି ସମୟ ପାଇଁ ଭଲ ହୋଇଯାଉଛି। ତା'ର ଏହି କୌଶଳପୂର୍ଣ୍ଣ କ୍ରୁରତା ଯୋଗୁଁ ନିର୍ଦ୍ଦୋଷ ହୋଇ ମଧ୍ୟ ଗୋବିନ୍ଦ ଦଣ୍ଡଭୋଗ କରିବା ଅବସ୍ଥାକୁ ଆସିଯାଉଛି। ଏହାହିଁ ହେଉଛି ଶୈତାନୀ ସ୍ନାୟୁର ଚମତ୍କାରିତା।

### (ଡ) ଶୈତାନୀ ଈର୍ଷା ଓ ତାହାର କାରଣ :

କ୍ରମାଗତ ଭାବରେ ଜଣେ ବ୍ୟକ୍ତି ଉପର ଆଲୋଚିତ ପର୍ଯ୍ୟାୟରେ ଗତି କଲେ, ତା'ର ସାମାଜିକ ସ୍ଥିତି ନିଶ୍ଚୟ କ୍ଷତିଗ୍ରସ୍ତ ହେବ ଏବଂ ସେ ଦରିଦ୍ର ଅବସ୍ଥାକୁ ଆସିଯିବ। ସେତେବେଳେ ତା'ର ମନରେ କ୍ରୋଧ, ପରଶ୍ରୀକାତରତା ସାଙ୍ଗକୁ ଈର୍ଷା ମଧ୍ୟ ସୃଷ୍ଟି ହୋଇଯିବ। ଧନୀବ୍ୟକ୍ତିର ଐଶ୍ୱର୍ଯ୍ୟ, ଆଭିଜାତ୍ୟପୂର୍ଣ୍ଣ ନୂତନବସ୍ତ୍ର ଓ ଅଳଙ୍କାର ଆଦି ଦେଖିବା ମାତ୍ରେ ତାର ମନରେ ଈର୍ଷା ଜନ୍ମ ହୋଇଯିବ। କାରଣ ଶୈତାନୀ ସ୍ନାୟୁର ପ୍ରଭାବରେ ସେ ପ୍ରଥମରୁ କେବଳ ଛଳନା, ବାକ୍‌ଚତୁରୀ ଓ ନିଷ୍ଠୁରତା ମଧ୍ୟ ଦେଇ ଆସିଛି। ଐଶ୍ୱର୍ଯ୍ୟ ଉପଭୋଗ କରିବାର ସୁଯୋଗ ପାଇନାହିଁ। ଆଭିଜାତ୍ୟଭରା ବସ୍ତ୍ର ବା ଅଳଙ୍କାର ମଧ୍ୟ ଦେଖିନାହିଁ। ତେଣୁ ଏ ସବୁ ଦେଖିବା ମାତ୍ରେ ପ୍ରଥମାବସ୍ଥାରେ ସେହି ବସ୍ତୁ ପ୍ରତି ତା'ର ମନରେ ଲୋଭ ସୃଷ୍ଟି ହୋଇଯାଉଛି। ଦର୍ଶନ କରିବା ଦ୍ୱାରା ଦର୍ଶନ ଇନ୍ଦ୍ରିୟ ଶୁଣଭୃଙ୍ଗ ସ୍ନାୟୁ ଦ୍ୱାରା ତମ ଶୈତାନୀ କ୍ରିୟାକୁ ମୁହୂର୍ତ୍ତକ ମଧ୍ୟରେ ସନ୍ଦେଶ ପଠାଇ ଦେଉଛି। ବ୍ୟକ୍ତିର ତମ+କ୍ରୋଧକୁ ଆୟତ୍ତ କରି ନିୟନ୍ତ୍ରଣ କରୁଥିବା ଶୁଣ ଶୈତାନୀ ସ୍ନାୟୁ ଏହି ସୂଚନା ପାଇବା ଦ୍ୱାରା ସଂଗେ ସଂଗେ ଜାଗ୍ରତ ହୋଇଯାଉଛି। ଜାଗ୍ରତ ହୋଇ କାର୍ଯ୍ୟକ୍ଷମ ହେବା ପରେ ଉଦ୍ରେକ ହୋଇଥିବା ଲୋଭ, ହିଂସା, ଈର୍ଷା ରୂପାନ୍ତରିତ କରାଇ ସ୍ଥୂଳଚେତାର ଗୃହକୁ ଆଣି ଠୁଳ କରିଦେଉଛି। ଏହାପରେ ବ୍ୟକ୍ତିର ମନରେ କେବଳ ହିଂସା, ଈର୍ଷା, ଘୃଣା ଓ ପ୍ରତିଶୋଧପରାୟଣତା ବ୍ୟତୀତ ଅନ୍ୟ କୌଣସି ବିଷୟ ରହେ ନାହିଁ। କୌଣସି କାରଣ

ନ ଥାଇ ସଦାସର୍ବଦା ହିଂସାରେ ଜଳିଯାଉଥାଏ। ତେଣୁ ସେ ବ୍ୟକ୍ତିର ଶୈତାନୀ ସ୍ନାୟୁ ସବୁ ସମୟରେ ଜାଗ୍ରତ ଅବସ୍ଥାରେ ରହି ବ୍ୟକ୍ତିକୁ ନିଶ୍ଚିତ ପତନ ଅବସ୍ଥାକୁ ଯିବା ପାଇଁ ବାଧ୍ୟ କରୁଥାଏ।

ଉପରବର୍ଣ୍ଣିତ ବିପର୍ଯ୍ୟୟରୁ ରକ୍ଷା ପାଇଁ ସାତ୍ତ୍ୱିକ, ପବିତ୍ର ଜୀବନ ବିତାଇବାର ଉପାୟ ମଧ୍ୟ ବ୍ୟକ୍ତିର ଅଧୀନ। ଯେତେବେଳେ ମନରେ ଏହି ସବୁ ଭାବର ଉଦ୍ରେକ ହେବ, ସେତେବେଳେ ବୁଝିବାକୁ ହେବ ଯେ, ଶୈତାନୀସ୍ନାୟୁ ଜାଗ୍ରତ ହୋଇଯାଇଛି। ସେ ଅବସ୍ଥାରେ ଅନ୍ତଃକରଣରେ ସୃଷ୍ଟି ହେଉଥିବା କୁଭାବକୁ ଦମନ କରି ନୀରବ ରହିବା ଅଭ୍ୟାସ କରିବାକୁ ହେବ। ତା ସହିତ ନିଜର ବାହ୍ୟ ଆଚରଣକୁ ସଂପୂର୍ଣ୍ଣ ରୂପେ ପରିବର୍ତ୍ତନ କରି ସତ୍, ସରଳ ଭାବ ଗ୍ରହଣ କରିବାକୁ ହେବ। ଏହି ଭାବକୁ କେନ୍ଦ୍ର କରି ନମନୀୟ, ଧୀର ଆଚରଣ ଅଭ୍ୟାସକୁ ବ୍ୟାପକ କରିବାକୁ ହେବ। ଜୀବ ପ୍ରତି ଦୟା ଭାବ ପୋଷଣ କରି ବିନା ସର୍ତ୍ତରେ ପ୍ରତ୍ୟେକଙ୍କୁ ସ୍ନେହ, ଶ୍ରଦ୍ଧା, ବିଶ୍ୱାସ ଜ୍ଞାପନ କରି ସର୍ବଦା ସତ୍‌ଚିନ୍ତାରେ ମଗ୍ନ ହେବାକୁ ହେବ। ସଦ୍‌ଗୁରୁ ଗ୍ରହଣ କରି ଉକ୍ତ ବାହ୍ୟ ଆଚରଣ ସାଧନ କରିବା ଦ୍ୱାରା ବୁଦ୍ଧି, ବିବେକର ବିଚକ୍ଷଣତା ବୃଦ୍ଧି ପାଇବ।

ବାରମ୍ବାର ଏହି ଅଭ୍ୟାସକୁ ଗତିଶୀଳ କରାଇଲେ ସେ ସମ୍ବାଦ ସ୍ଥୁଳ ଚେତାରୁ ଅନ୍ତକରଣକୁ ଯାଇ ଶୋଧନ କରାଇ ଦିଏ। ଫଳରେ ବ୍ୟକ୍ତି ଉକ୍ତ ଶୈତାନୀ ସ୍ନାୟୁର କୁପ୍ରଭାବରୁ ମୁକ୍ତ ହୋଇ ଶୁଦ୍ଧ, ସାତ୍ତ୍ୱିକ ଜୀବନ ଅତିବାହିତ କରି ସତ୍ୟ, ସିଦ୍ଧାନ୍ତରେ ପହଞ୍ଚି ପାରିବ। ନଚେତ୍ ଜନ୍ମ ବୃଥା ହୋଇ ସର୍ବଦା ଅନ୍ଧକାରରେ ରହିବା ହିଁ ସାର ହେବ।

କ୍ରମଶଃ.....

ସହୁଛୁ, ବାହୁଛୁ କହୁଛୁ କିଆଁ।
ଦେଖୁନୁ; ପାଖରେ ଜଳୁଛି ନିଆଁ ?

ନିଜ ବଡ଼ପଣେ କହି ଦେଉଛୁ।
ନିଆଁରେ ପୁଣ୍ୟକୁ ପୋଡ଼ି ଦେଉଛୁ ।

-ଶ୍ରୀଶ୍ରୀଶ୍ରୀ ଠାକୁର

# କେଶବ କୈବଲ୍ୟ କଣିକା

*ପରମ ପ୍ରେମମୟ ଭକ୍ତବତ୍ସଳ ଠାକୁରେ ପ୍ରତିଦିନ ଯଥା ସମୟରେ ଅଗଣିତ ଭକ୍ତ ଏବଂ ଅନୁଗତମାନଙ୍କୁ ଦର୍ଶନ ଦେଇ ସେମାନଙ୍କର ସମସ୍ୟାର ସମାଧାନ ଦିଅନ୍ତି। ସନ୍ଦେହ ମୋଚନ କରନ୍ତି। ଜିଜ୍ଞାସାର ଉତ୍ତର ଦିଅନ୍ତି। ଠାକୁରଙ୍କ ଶ୍ରୀମୁଖ ନିସୃତ ବାକ୍ୟମାନ ସଂଗୃହୀତ ହୋଇ ଯତ୍ନର ସହିତ ରକ୍ଷିତ ଅଛି। ''ଚରମ''ର ପ୍ରତି ସଂଖ୍ୟାରେ ''କେଶବ କୈବଲ୍ୟ କଣିକା'' ଶୀର୍ଷକରେ ତାହା ପରିବେଷ୍ଟ ହୋଇ ପାଠକପାଠିକାମାନଙ୍କୁ ଆନନ୍ଦ ପ୍ରଦାନ କରୁଅଛି। ସେହି ଧାରାର ଅନୁଶ୍ରୁତିରେ ଏଥର ମଧ ଠାକୁରଙ୍କର କତିପୟ ସୁନିର୍ବାଚିତ ଶ୍ରୀମୁଖ ନିସୃତବାଣୀ ପରିବେଷ୍ଟ ହେଉଅଛି। ଏଥିରୁ ସତ୍‌ଶିକ୍ଷା ଲାଭ କଲେ, ଆମର ଉଦ୍ଦେଶ୍ୟ ସଫଳ ହେବ।*

❖

ଏଠାରେ ସମସ୍ତେ ଅନୁସନ୍ଧିତ୍ସୁ ଓ ପରୀକ୍ଷାନିରୀକ୍ଷାରେ ରତ ରହୁଥିବାରୁ ଓ ସେମାନଙ୍କ ମଧ୍ୟରୁ ଅନେକେ ଆମର ବାଲ୍ୟସଖା ହୋଇ ଅନେକ ବିଷୟ ଅଙ୍ଗେ ନିଭାଇ ଥିବାରୁ, ଆମର ବହୁତ କଥା ସେମାନଙ୍କୁ ଜଣାଅଛି। ମାତ୍ର କ୍ରମାନୁସାରେ ସମସ୍ତ କଥା କେହି ଲିପିବଦ୍ଧ କରିନାହାନ୍ତି। ଅନ୍ୟାନ୍ୟ ବାବା, ସାଧୁସନ୍ଥ, ମୁନିଋଷି, ଅବତାରଙ୍କ କଥା ଅଲଗା; ଆମ କଥା ସେପରି ନୁହେଁ। (ଉଦାହରଣ: ରାମଚନ୍ଦ୍ରଙ୍କ ସମ୍ପର୍କରେ ଲକ୍ଷ୍ମଣଙ୍କର ଅନୁସନ୍ଧିତ୍ସା ରହିଥିଲା। କାରଣ ବନବାସ ଯିବା ପୂର୍ବରୁ, ସୀତାଙ୍କ ଅଗ୍ନିପରୀକ୍ଷା ସମୟରେ, ସୀତା ବନବାସ ଘଟଣା ଇତ୍ୟାଦିରେ ଲକ୍ଷ୍ମଣ ରାମଙ୍କ ସହିତ ଯୁକ୍ତିତର୍କ, କ୍ରୋଧ, ଅଭିମାନ କରିଥିଲେ। ରାମଚନ୍ଦ୍ରଙ୍କର କ'ଣ ଇଚ୍ଛା ଥିଲା, ଲକ୍ଷ୍ମଣ କ'ଣ ଜାଣି ଯାଇଥିଲେ ? ଲକ୍ଷ୍ମଣ ଭକ୍ତ ଅଙ୍ଗରେ ଆସି ମଧ୍ୟ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ଅନ୍ତରର ଇଚ୍ଛା ଜାଣି ପାରି ନ ଥିଲେ। ଏତ ତ୍ରେତୟା ସଂସ୍କୃତିର କଥା। କଳି ସଂସ୍କୃତି ତ ଆହୁରି ଭିନ୍ନ ପ୍ରକାର। ନୁହେଁ କି ? ?)

❖

ଶସ୍ତ୍ର ବିଦ୍ୟାଠାରୁ ଶାସ୍ତ୍ର ବିଦ୍ୟା ବ୍ୟବହାରିକ ଦୃଷ୍ଟିକୋଣରୁ ନିମ୍ନ କୋଟିର ।

❖

ଯେଉଁ ବ୍ୟକ୍ତି ଅସ୍ତ୍ରଶସ୍ତ୍ରରେ ଅଭ୍ୟସ୍ତ ରହି ତା'ର ଯଥାର୍ଥ ବିନିଯୋଗରେ ପ୍ରବୀଣ ଥାଏ, ସେହି ବ୍ୟକ୍ତି ହିଁ ଶସ୍ତ୍ରବିଦ୍ୟ ରୂପେ ଖ୍ୟାତ।

❖

ଯେଉଁ ବ୍ୟକ୍ତି ଅନେକ ଶାସ୍ତ୍ର ଅଧ୍ୟୟନ କରି, ତାହାର ଯଥାର୍ଥ ଭାବାର୍ଥ ବୁଝି, ତର୍କଶାସ୍ତ୍ର ଓ ତନ୍ତ୍ର ଶାସ୍ତ୍ରରେ ପାରଙ୍ଗମ ହୁଏ, ତାଙ୍କୁ ଶାସ୍ତ୍ରବିଦ୍ୟ କୁହାଯାଏ।

❖

ଯେଉଁ ବ୍ୟକ୍ତି ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ ଓ ଛନ୍ଦଶାସ୍ତ୍ର-ଏହି ଷଡ଼ାଙ୍ଗ ବେଦ ଅଧ୍ୟୟନ କରି ଥାଆନ୍ତି, ତାଙ୍କୁ ବେଦବିଦ୍ୟ କୁହାଯାଏ।

❖

ଯେଉଁ ବ୍ୟକ୍ତି ଶାସ୍ତ୍ର ବିଦ୍ୟା ବ୍ୟତିରେକେ ଲୌକିକ ବିଦ୍ୟାରେ କୁଶଳୀ ହୁଅନ୍ତି, ତାଙ୍କୁ ଲୋକବିଦ୍ୟ କୁହାଯାଏ।

❖

ଅର୍ଥବଳ ବା ଲୋକବଳ ନ ଥାଇ ବୁଦ୍ଧି ବଳରେ ସିଦ୍ଧିପ୍ରାପ୍ତ ହେବାହିଁ ଲୌକିକ ବିଦ୍ୟା।

❖

ଯେଉଁ ବ୍ୟକ୍ତିର ବୁଦ୍ଧି ବେଦ ଅଧ୍ୟୟନରେ ବିଶଦ ବା ନିର୍ମଳ ଏବଂ ଲୌକିକ କର୍ମରେ ନିପୁଣ ବା କୁଶଳ, ତାହାଙ୍କୁ ଉଭୟବିଦ୍ୟ ବୋଲି କୁହାଯାଏ।

❖

ଚଉଦପ୍ରକାର ଶସ୍ତ୍ରବିଦ୍ୟା, ଇନ୍ଦ୍ରଜାଲ ଏବଂ ନୃତ୍ୟ ପ୍ରଭୃତି ଉପବିଦ୍ୟା ମଧ୍ୟ ରହିଛି। ଯେଉଁବ୍ୟକ୍ତି ଏହି ଉପବିଦ୍ୟାରେ କୁଶଳୀ ଅଟନ୍ତି; ତାଙ୍କୁ ଉପବିଦ୍ୟ କୁହାଯାଏ।

❖

ଚିକିତ୍ସା ଶାସ୍ତ୍ରବିତ୍ ଯେପରି ଚିକିତ୍ସାବିଦ୍ୟା ଦ୍ୱାରା ରୋଗ ଆରୋଗ୍ୟ କରି ଯଶସ୍ୱୀ ହୋଇଥାଏ, ସେହିପରି ଚିତ୍ରବିଦ୍ୟା ବା ସଙ୍ଗୀତ ବିଦ୍ୟାଦ୍ୱାରା ମଧ୍ୟ ମନୁଷ୍ୟ ଯଶ ପ୍ରତିଷ୍ଠା କରିପାରେ।

❖

ବୈଦିକ ମନ୍ତ୍ର ତ ଅନେକ ଅଛି। ସେସବୁର ଯଥାର୍ଥ ଅର୍ଥରେ ବ୍ୟବହାର ହେଉଛି କି ? ହେଉନାହିଁ। ତେଣୁ ସେଗୁଡ଼ିକ ଆବଶ୍ୟକତା କ୍ରମଶଃ ଲୋପ ପାଇଯାଉଛି।

❖

ପୂଜାରେ ଠାକୁର ଏବଂ ଜୀବବ୍ରହ୍ମଙ୍କର ଆବଶ୍ୟକତା ରହିଛି।

❖

ପ୍ରତୀକଗୁରୁ ବା ପ୍ରତ୍ୟକ୍ଷଗୁରୁ ଉପସ୍ଥିତି ଥିବା ହେତୁ ବିସର୍ଜନ କରିବା ନିଷେଧ କରାଯାଇଛି। ପ୍ରତୀକଗୁରୁ ନ ଥିଲେ, ଆବାହନ ଓ ବିସର୍ଜନ ପୂଜା କରାଯିବାର ବିଧାନ ରହିଛି।

❖

ଶାସ୍ତ୍ରପାଠ ନିମନ୍ତେ ଅନ୍ୟୁନ ତିନିଜଣ ବ୍ୟକ୍ତି ନିତାନ୍ତ ପକ୍ଷରେ ଆବଶ୍ୟକ। ଜଣେ ପାଠକ, ଜଣେ ଶ୍ରୋତା ଓ ଜଣେ ଜିଜ୍ଞାସୁ। ଭାଗବତରେ ଅଛି ପରା-'ଶ୍ରୋତା ବକତା ଯେ ପଚାରି। ଏହି ତିନିହେଁ ଯା'ନ୍ତି ତରି।'

❖

ଶାସ୍ତ୍ର ମତାନୁସାରେ ପୂଜା ଉପାସନାର ନାନା ପଦ୍ଧତି ଓ ବିଧିବିଧାନ ବାହାରିଅଛି । ଏହି ପଦ୍ଧତିରେ ପୂଜା କରିବା ସମୟରେ ଶୁଦ୍ଧ, ପବିତ୍ର ବସ୍ତୁ ଉପଯୋଗ କଲେ ପଦ୍ଧତି ପ୍ରକ୍ରିୟା ଓ ପୂଜା ନିବେଦନ ସଂସ୍କାରିତ ହୋଇ ପୂଜାଫଳ ସହଜରେ ପ୍ରାପ୍ତ ହୋଇଥାଏ ।

❖

ତୁମ ବିଚାର ବୁଦ୍ଧିରେ, ଭାବନା ଭୁଲ୍ ଠିକ୍ ହିଁ ଆସିବ । ଲୟ ମଧ୍ୟ ଦୃଢ଼ କରିବା ଉଚିତ୍ ।

❖

ଲୟ ବେଳେ ବେଳେ ବିଚ୍ୟୁତ ହୁଏ । ହେଉ ପଛକେ; ଯୋଗୀ ଜପାମାଳା ଶକ୍ତ ଧରିଥାଏ । ତେବେ ଯାଇ ଲୟ ପଥରେ ଫଳବତୀ ହୁଏ ।

❖

ଯୋଗ ଅବସ୍ଥାରେ ଯୋଗୀର ଭାବ ଚହଲା ଥିଲେ ମଧ୍ୟ, ସେ ବିଷୟାବୋଳା ଚହଲା ଭାବରେ ନାମ, ଲୟ, ଗତିବିଧିର ଭାବଧାରାକୁ ଚତୁର ହୋଇ ବଦଳାଏ । ସମୟ ଆସେ; ସେ ସିଦ୍ଧିପ୍ରାପ୍ତ ହୋଇ ଯାଇଛି ।

❖

ତା'ର ପୂର୍ବରୁ ସଂସ୍କାର ଅଛି, ମୋର ନାହିଁ । ତା'ର ହେଉଛି, ମୋର ହେଉନାହିଁ । ଏପରି ଭାବ ରଖିବା ଠିକ୍ ନୁହେଁ । ପିଣ୍ଡ ପୁରୁଷ-ସୂତ୍ରରେ କେଉଁ ମୁହୂର୍ତ୍ତରେ ତୁମର ସଂସ୍କାର ତୋଳିବ, ତାହା ତୁମେ ଜାଣିପାରିବ । ତେଣୁ ମୁହୂର୍ତ୍ତ ବିଳମ୍ବ କରିବ ନାହିଁ ।

❖

ଜୀବନ କାଳ ମଧ୍ୟରେ ଭାବ ଦୁର୍ବଳ ଆସୁଛି, ସବଳ ମଧ୍ୟ ଆସୁଛି । ଆସୁ; ଭୟ କରିବାର ନାହିଁ । ତା'ରି ଭିତରେ ସଂସାର କର୍ମ (ଗୃହସ୍ଥକର୍ମ) କରୁଛ । ସେହିଭଳି ପରମାର୍ଥ ସଂସାରରେ ଗୁରୁଧାରା ମଧ୍ୟ ବାହି ନେବ । ଧର୍ମଧାରା ବନ୍ଦ କରିବ ନାହିଁ । ଫଳ ଅବଶ୍ୟ ଭୋଗ କରିବ ।

❖

ଅତୀତ ପାଇଁ ମନସ୍ତାପ କର ନାହିଁ, ବର୍ତ୍ତମାନ ସମସ୍ୟାରେ ବିବ୍ରତ, ବିଚଳିତ, ବିବଶ ହୁଅ ନାହିଁ, ଭବିଷ୍ୟତ ପାଇଁ ବ୍ୟାକୁଳ ହୁଅ ନାହିଁ । କେବଳ କର୍ମ କରି ଚାଲ ଏବଂ କର୍ମ ଫଳ ସହିତ ସମର୍ପଣ କରି ଶିଖ । ଦେଖିବ, ତୁମେ ସବୁ ପାଇଯାଇଛ । ପୂର୍ଣ୍ଣାଙ୍ଗ ହୋଇ ଯାଇଛ ।

❖❖❖



# କଲ୍ୟାଣ ଦେଲି ତୋତେ

'ଚରମ' ପୁସ୍ତକରେ "କଲ୍ୟାଣ ଦେଲି ତୋତେ" ବାସ୍ତବରେ ଚରମପୁରୁଷ ଙ୍କର କରୁଣା ଓ କଲ୍ୟାଣର ବାର୍ତ୍ତାଧରି ଅଗଣିତ ଭକ୍ତ, ଶିଷ୍ୟ, ଅନୁଗତ ଶରଣାଗତ ପାଠକ ପାଠିକା ଙ୍କର ତ୍ରିତାପ ହରଣ କରେ । ଭକ୍ତବତ୍ସଳ, ସତ୍ୟଗ୍ରାହୀ ଠାକୁର ଙ୍କର କରୁଣାସିନ୍ଧୁ "କଲ୍ୟାଣ ଦେଲି ତୋତେ" କଳିହତ ଅସଂଖ୍ୟ ହୃଦୟଙ୍କର ଆଧ୍ୟାତ୍ମିକ ଓ ପରମାର୍ଥିକ ଉନ୍ନୟନର ପଥ ଉନ୍ମୋଚନ କରେ । ତୃଷିତ ଚାତକେ ସ୍ୱାତୀ ନକ୍ଷତ୍ରରେ ଆକାଶର ବାରିଦପକୁ ଅନେଇ ରହିଥିବା ପରି ପାଠକ ପାଠିକାମାନେ 'ଚରମ' ପୁସ୍ତକରେ ଚରମପାଦ ପରମପୁରୁଷଙ୍କର "କଲ୍ୟାଣ ଦେଲି ତୋତେ" ପାଠ କରିବାପାଇଁ ଉଦ୍‌ଗ୍ରୀବ ହୋଇ ରହିଥାନ୍ତି । ଏହା ଆମେ ଜାଣୁ । ତେଣୁ, ପୂଜ୍ୟପାଦ ଗୁରୁସ୍ୱାମୀ ଙ୍କର ପବିତ୍ର ପଦ୍ମପାଦ ପୀଠରେ ବିନମ୍ର ଅଳି କରି ପ୍ରତିଥର ପାଇଁ "କଲ୍ୟାଣ ଦେଲି ତୋତେ" ଲିଖା କରୁଁ । ଏ ପାଳିଟା ପାଇଁ ..................

---

> କଲ୍ୟାଣ ତୋପେ ପାଇବା ପାଇଁକି
> ଅଳିକରୁଅଛି ଭକ୍ତ ।
> କରୁଣା ସାଗର କଲ୍ୟାଣ କର
> ତୁଣ୍ଡ କର ମୋର ସିକ୍ତ ॥

ଚରମରେ ,

ଭାବୁଥିବୁକି ମୁଁ ତୋତେ ପାଶୋରି ଗଲିଣି ? ତୋ ପକ୍ଷରେ ସେପରି ଭାବିବା ସ୍ୱାଭାବିକ ହୋଇପାରେ ; ମାତ୍ର ମୋ କଥା ଭିନ୍ନ । ଏହା କ'ଣତୁ ଜାଣି ନାହୁଁ ? ମୁଁ ଜାଣେ ତୁ ଜାଣି ଅଜଣା ହୋଇ ରହୁଛୁ । ଅଲୌକିକତା ପ୍ରତି ଅତିମାତ୍ରାରେ ଆକୃଷ୍ଟ ହୋଇ ଯାଉଛୁ । ଏହା ଭଲ ଲକ୍ଷଣ ନୁହେଁ । କାରଣ ମଧ୍ୟ ତୋତେ ଜଣା । ଧରାପୃଷ୍ଠରେ ସବୁକିଛି ସ୍ୱାଭାବିକ ଭାବରେ ଘଟିଲେ, ତାହା ସୁଖକର ଓ ଆନନ୍ଦ ଦାୟକ ହୋଇଥାଏ । ପୁଣି,

ବିଧିର ବିଧାନ ମଧ୍ୟ ରହିଛି । ସେହି ବିଧାନକୁ ବିଧି ମଧ୍ୟ ଲଂଘନ୍ତି ନାହିଁ । ସୃଷ୍ଟିକ୍ରିୟା, ପାଳନକ୍ରିୟା ଓ ପ୍ରଳୟକ୍ରିୟା ମଧ୍ୟ ଶୃଙ୍ଖଳାର ସହିତ ଚାଲିଛି, ଚାଲୁଛି । ଏହି ଶୃଙ୍ଖଳିତ ବିଧାନକୁ ଭାଙ୍ଗି ବିଶୃଙ୍ଖଳ ଭାବରେ ଅଲୌକିକତା ପ୍ରଦର୍ଶନରେ ଜଗତର କଲ୍ୟାଣ ହୁଏ ନା ହେବ ? ସଂକ୍ଷେପରେ ଏତକ ଜଣାଇଲି, ବୁଝି ପାରୁଥିବୁ ନିଶ୍ଚୟ ।

ଜଗତରେ ପ୍ରତ୍ୟେକ ପ୍ରାଣୀର ପର୍ଯ୍ୟାୟ କ୍ଷେତ୍ରରେ ଭଲମନ୍ଦ, ସୁଖଦୁଃଖ, ରୋଗଶୋକ ଆଦି ଲାଗିରହେ । ଏସବୁ ଗୋଟିଏ ଗୋଟିଏ ବିକାର । ବିକାର ତ ଜୀବର ଦେହ ଓ ମନକୁ ବିକୃତ କରେ । ସୃଷ୍ଟିର ନିଗୂଢ଼ ରହସ୍ୟ ଏଥିରେ ନିହିତ । ଏହି ନିୟମକୁ ସୁନାପିଲା ପରି ମାନି ଚଳିଲେ, ଜୀବର ମଧ୍ୟ ମଙ୍ଗଳ–ଜଗତର ମଧ୍ୟ ମଙ୍ଗଳ । ମଙ୍ଗଳମୟ ଭଗବାନ ଜୀବ ଜଗତର ମଙ୍ଗଳ ପାଇଁ ସବୁ ବିଧାନ ଖଞ୍ଜି ଦେଇଛନ୍ତି । ସେ କେବେ କାହାରି ଅମଙ୍ଗଳ କରନ୍ତିନାହିଁ । ଜୀବ ଅତିମାତ୍ରାରେ ସ୍ୱାର୍ଥପର ଓ ନିର୍ବୋଧ ହୋଇ ମଙ୍ଗଳମୟଙ୍କର ମଙ୍ଗଳ ବିଧାନକୁ ବୁଝି ନପାରି ତାଙ୍କୁ ହିଁ କେବଳ ଦୋଷ ଦେଇଥାଏ । ତଥାପି ସେ ନୀରବରେ ସବୁ ସହିଯାଆନ୍ତି, ଧୈର୍ଯ୍ୟର ସହ ଅପେକ୍ଷା କରନ୍ତି ଜୀବର ଭୁଲ ବୁଝାମଣା ଭାଙ୍ଗିଯିବା ପର୍ଯ୍ୟନ୍ତ । ପ୍ରକୃତି ଯନ୍ତ୍ରରେ ଓ କାଳ ଚକ୍ରରେ ଅବସ୍ଥାର ପରିବର୍ତ୍ତନ ଘଟେ, ସବୁପ୍ରାଣୀ ଯଥାରୀତି ଚଳେ ।

ପାପପୁଣ୍ୟର ହିସାବ କରିବା ସମୟରେ ଏଠାରେ ବିଚାର ହୁଏ ଭକ୍ତି ଆଉ ନିଷ୍ଠାର । ତ୍ୟାଗ ଆଉ ସେବାର । ତ୍ୟାଗ, ସେବା, ନିଷ୍ଠା, ଦାନ ଆଦି ଗୋଟିଏ ଗୋଟିଏ ବ୍ରତ । ଏହି ବ୍ରତ ଗୁଡ଼ିକୁ ପାଳନ ଓ ଧାରଣ କରିବୁରେ ଚରମ ! ଚରିତ୍ରବାନ ହୋଇ ଭ୍ରାତୃତ୍ୱ ସ୍ନେହରେ ଅବଗାହି ହେବୁ । ଭାଇ ଭଉଣୀ ମାନଙ୍କୁ ଅନାଦର କରିବୁ ନାହିଁ । ଚରମ ପ୍ରାପ୍ତି ପଥରେ ସେମାନଙ୍କୁ ଆଗେଇ ଯିବା ପାଇଁ ପ୍ରେରଣା ଦେବୁ । ନିଜେ ଦାନ ଦେବୁ, ଅନ୍ୟମାନଙ୍କୁ ଦାନ ଦେବା ପାଇଁ ପ୍ରବର୍ତ୍ତାଇବୁ । ଦାନରାଶି ଉପରେ ପ୍ରତ୍ୟେକ ଧର୍ମ କ୍ଷେତ୍ର ପରିଚାଳନା ଏବଂ ଉନ୍ନୟନ ଓ ଗଠନମୂଳକ କାର୍ଯ୍ୟକ୍ରମ ସବୁ ନିର୍ଭର କରୁଛି ପରା ! ସବୁ ସ୍ଥାନରେ ଶୃଙ୍ଖଳା ରକ୍ଷାକରି ଚଳିବୁ । ମାନସିକ, ଶାରୀରିକ, ଆର୍ଥିକ, ସାଙ୍ଗଠନିକ, ବାଚନିକ ଶୃଙ୍ଖଳାରକ୍ଷା କରିବା ତୋ ପାଇଁ ଏକାନ୍ତ ପ୍ରୟୋଜନ । ଏତକ ମନେରଖି ଚଳିବୁ । ଅନ୍ୟାନ୍ୟ ଶୁଦ୍ଧ ଆଚରଣ ସହିତ ଏତିକ ଯଦି ପାଳନ କରି ଚାଲିବୁ, ତେବେ ପାପ, ପୁଣ୍ୟ ବିଚାରରେ ଜୟଲାଭ କରିବୁ ।

ଚରମରେ, ଧନମୋର ! ଆଜିପାଇଁ ଏତିକି । ମୋତେ ଭୁଲ ବୁଝିବୁନାହିଁ । ତୋତେ ମୁଁ ଠିକ୍ ବୁଝିଛି । ତୋ ପାଇଁ କଲ୍ୟାଣ ଦେଲି । ସୁଖୀହେବୁ ।। ଇତି।।

ତୋର ମଙ୍ଗଳାକାଂକ୍ଷୀ ପିତା "

# "ଅନାମରୁ ନାମ ଜନମ"ର ସରଳ ବ୍ୟାଖ୍ୟା

*ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତଙ୍କର ରଚନା ଆଧ୍ୟାତ୍ମିକ ଚେତନାରେ ଉଦ୍ଭାସିତ। ତାଙ୍କ ରଚନାର ବ୍ୟାଖ୍ୟା କରିବା ସାଧାରଣ ବ୍ୟକ୍ତିଙ୍କ ପକ୍ଷରେ ଧୃଷ୍ଟତା ବ୍ୟତୀତ ଅନ୍ୟ କିଛି ନୁହେଁ। ଯୋଗସିଦ୍ଧ ଯୋଗୀମାନଙ୍କ ପକ୍ଷରେ ମଧ୍ୟ ଏହା କ୍ଷେତ୍ର ବିଶେଷରେ କଷ୍ଟକର ବ୍ୟାପାର। ଯୁଗପୁରୁଷ ଠାକୁରେ ସକଳ ଯୋଗମାର୍ଗର ପଥପ୍ରଦର୍ଶକ। ତାଙ୍କରି ପ୍ରଦର୍ଶିତ ମାର୍ଗରେ ''ଚରମ''ର ଷଷ୍ଠପୁଷ୍ପ: ପ୍ରଥମ ପାଖୁଡ଼ା: ୨୬ ସଂଖ୍ୟାରେ ଅଚ୍ୟୁତଙ୍କର ଲେଖନୀ ନିସୃତ 'ଅନାମରୁ ନାମ ଜନମ' କବିତାଟି ପତ୍ରସ୍ଥ ହୋଇଥିଲା। ସେହି କବିତାଟିର ସଂକ୍ଷିପ୍ତ ସରଳ ବ୍ୟାଖ୍ୟା ଏଠାରେ ପାଠକ / ପାଠିକାମାନଙ୍କର ଆଧ୍ୟାତ୍ମିକ ଉନ୍ନତି ଆଶାରେ ପତ୍ରସ୍ଥ କରାଯାଇଅଛି।*

**ଅନାମରୁ ନାମ............... ଅନାମ କହି ॥୧॥**

ନ ନାମ = ଅନାମ। ଯାହାର ନାମ, ଧାମ, ଗୁଣ, ଗ୍ରାମ, ଉପାଧି ଆଦି କିଛି ନାହିଁ ସେ ହିଁ ଅନାମ। ସେହିଁ ନିରାକାର, ନିରାମୟ ଅବ୍ୟକ୍ତବ୍ରହ୍ମ। ନ ଅକ୍ଷର= ଅଣଅକ୍ଷର। ଯାହାକୁ ପୃଥିବୀର କୌଣସି ଭାଷାର ଲିପି/ଅକ୍ଷରରେ ଲିପିବଦ୍ଧ କରାଯାଇ ପାରିବ ନାହିଁ, ତାହାହିଁ ଅଣଅକ୍ଷର । ସେହି ଅଣଅକ୍ଷର ଅନୁଚ୍ଚାରିତ ଅଟେ। ତାହାକୁ ଅନାମ କୁହାଯାଏ। ସେହି ଅବ୍ୟକ୍ତ ଅକ୍ଷୟ ଅନାମ ଅଣାକାର ଅଣଅକ୍ଷରରୁ ନାମ ଜନ୍ମ ହୋଇଥାଏ। ନାମ ବୋଇଲେ ବ୍ୟକ୍ତବ୍ରହ୍ମ। ବ୍ୟକ୍ତ ବ୍ରହ୍ମଙ୍କର ମଧ୍ୟ ଦୁଇ ଅବସ୍ଥା। ଏହି ଦୁଇ ଅବସ୍ଥା ଏକକାଳରେ ପ୍ରକାଶିତ। ଗୋଟିଏ ଅବସ୍ଥାରେ ସେ ବ୍ୟକ୍ତ ହେଲେ ମଧ୍ୟ ଅବ୍ୟକ୍ତ। ଅନ୍ୟ ଗୋଟିଏ ଅବସ୍ଥାରେ ସେ ଅବ୍ୟକ୍ତ ହୋଇ ମଧ୍ୟ ବ୍ୟକ୍ତ। ପ୍ରଥମାବସ୍ଥାରେ (ବ୍ୟକ୍ତ ହେଲେ ମଧ୍ୟ ଅବ୍ୟକ୍ତ) ସେ ଅନାମ, ନିର୍ଗୁଣ, ନିରୁପାଧି, ନିରାକାର, ନିରାମୟ, ଅଣାକାର ବା ନିରାକାର ବ୍ରହ୍ମ ଅଟନ୍ତି। ଦ୍ୱିତୀୟ ଅବସ୍ଥାରେ (ଅବ୍ୟକ୍ତ ହେଲେ ମଧ୍ୟ ବ୍ୟକ୍ତ) ସେ ନାମଧାରୀ, ସଗୁଣ, ଉପାଧିଯୁକ୍ତ, ତାଙ୍କର ଆକାର ଆକୃତି ଆଦି ଅଛି। ପ୍ରଥମ ଅବସ୍ଥାରେ ସେ ଶୂନ୍ୟ ହୋଇ ମଧ୍ୟ ପୂର୍ଣ୍ଣ। ଦ୍ୱିତୀୟ ଅବସ୍ଥାରେ ସେ ପୂର୍ଣ୍ଣ, ଶୂନ୍ୟ ନୁହଁନ୍ତି।

**ନାମଟି ଅଟଇ ....................... ଏକଥା ସାର ॥୨॥**

ଅବ୍ୟକ୍ତମଣ୍ଡଳରୁ ଅଣଅକ୍ଷରରୁ ଅନାମରୁ ସୂକ୍ଷ୍ମଜଗତ ବା ଓଁକାରମଣ୍ଡଳରେ ନାମ ସୂକ୍ଷ୍ମତଃ ବ୍ୟକ୍ତ ହୁଅନ୍ତି। ସେତେବେଳେ ତାହା ଏକ ଅକ୍ଷର (ଏକାକ୍ଷର ନାମ) ରୂପରେ ବ୍ୟକ୍ତ ହୋଇ ଥାଆନ୍ତି। ଏ ତତ୍ତ୍ୱ ଗୀତା ଭାଗବତ ଆଦିର ସାରତତ୍ତ୍ୱ ଭାବରେ ସର୍ବଦା ବିଦିତ।

**ତହିଁ ଜନମିଛି....................... ସଙ୍ଗତେ ଘେନି ॥୩॥**

ଅନାମରୁ ଯେତେବେଳେ ନାମ ଏବଂ ଅଣଅକ୍ଷରରୁ ଅକ୍ଷର ଜନ୍ମ ହୋଇଛି, ସେତେବେଳେ ସେହି ନାମ ଏବଂ ଅକ୍ଷରକୁ 'ଓଁ' ବୋଲି ଚିହ୍ନିତ କରାଯାଇଛି। ଅଣାକାରକୁ ଆକାର ଦିଆଯାଇ 'ଅଣାକାର ଯନ୍ତ'ର ଉତ୍ପତ୍ତି ହୋଇଅଛି। ଓଁକାର ତତ୍ତ୍ୱରେ ଅକାର, ଉକାର, ମକାର ଏବଂ ଅର୍ଦ୍ଧମାତ୍ରା। ତତ୍ ସହିତ ସଂଯୁକ୍ତ ହୋଇ ତିନି ତତ୍ତ୍ୱ ଚାରିଅକ୍ଷରକୁ ଏକତ୍ର ସନ୍ନିଶ୍ରିତ, ସମାଶ୍ରିତ କରି ବ୍ୟକ୍ତ, ନାମ ଓ ଅକ୍ଷର ତତ୍ତ୍ୱରେ ସୂକ୍ଷ୍ମଜଗତ ବା ଓଁକାରମଣ୍ଡଳରେ ସତତ ବିରାଜିତ ହେଲେ ମଧ୍ୟ ଅନାମ, ଅବ୍ୟକ୍ତ ଓ ଅଣାକ୍ଷର ସହିତ ସତ ସଂଯୁକ୍ତ ଅଟନ୍ତି; ତେଣୁ ନ ଚ୍ୟୁତ=ଅଚ୍ୟୁତ ଭାବରେ ସେ ଯୋଗୀଙ୍କର ଯୋଗଦର୍ଶନରେ ପ୍ରତିଭାତ ହୋଇଥାନ୍ତି।

ବୈଦିକ ମତରେ ''ଓଁ'' ପରମାତ୍ମା ବା ଅବ୍ୟକ୍ତବ୍ରହ୍ମଙ୍କର ବାଚକ ଓ ମୁଖ୍ୟ ନାମ। ଏହି ନାମରେ ପରମାତ୍ମା ପରଂବ୍ରହ୍ମଙ୍କର ସମସ୍ତ ପ୍ରମୁଖ ଗୁଣ ପ୍ରକାଶିତ ହୋଇଅଛି। ଯୋଗୀଋଷିମାନଙ୍କର ଏହା ସାଧନାର ମୂଳମନ୍ତ୍ର। ଓଁ ଇତି ବ୍ରହ୍ମ; ଓଁ ଇଦଂ ସର୍ବମ୍। ଓମିତି ଧ୍ୟାୟାଥ। ଏକାକ୍ଷରଂ ପରଂବ୍ରହ୍ମ। 'ଓଁ' ରେ ଅ+ଉ+ମ ଏହି ଯେଉଁ ତିନି ଅକ୍ଷର, ତାହା ତିନି ମହା ବ୍ୟାହୃତିର ଦ୍ୟୋତକ ଅଟେ। ଏହି ବ୍ୟାହୃତିରେ ପରମାତ୍ମାଙ୍କର ବିବିଧଗୁଣର ସମାବେଶ ହୋଇଅଛି। ଅ,ଉ,ମ ଏବଂ ଅର୍ଦ୍ଧମାତ୍ରା ଏହା ଓଁକାରର ଚାରିପାଦ। ପୁନଶ୍ଚ ଜୀବାତ୍ମାର ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଏବଂ ତୁରୀ-ଏହି ଚାରିଅବସ୍ଥା। ସାଧାରଣତଃ ପ୍ରତ୍ୟେକ ଜାଗ୍ରତ ଏବଂ ସ୍ୱପ୍ନ ଅବସ୍ଥାକୁ ଅନୁଭବ କରିପାରନ୍ତି। ଯୋଗ ସାଧକମାନେ ଜାଗ୍ରତ, ସ୍ୱପ୍ନ ଏବଂ ସୁଷୁପ୍ତି ଏହି ତିନି ଅବସ୍ଥାକୁ ଅନୁଭବରେ ଆଣିପାରନ୍ତି। ଯୋଗସିଦ୍ଧ ଯୋଗୀମାନେ ପୂର୍ବକଥିତ ତିନିଅବସ୍ଥା ସହିତ ତୁରୀୟ ଅବସ୍ଥାକୁ ମଧ୍ୟ ଅନୁଭବ କରିପାରନ୍ତି। ଜୀବନ୍ମୁକ୍ତ ବ୍ୟକ୍ତି ଏହି ଅବସ୍ଥାରେ ଉପନୀତ ହୁଅନ୍ତି। ସମାଧି ଅବସ୍ଥାରେ ଏହି ତୁରୀୟ ଅନୁଭୂତି ସିଦ୍ଧ ସାଧକ ଯୋଗୀକୁ ସୁଷୁପ୍ତି ପରି ଆନନ୍ଦ ପ୍ରଦାନ କରିଥାଏ। ଓଁକାରର ଅକାର ମାତ୍ରାରେ ଜୀବାତ୍ମାର ଜାଗୃତି ଅବସ୍ଥା ଓ ପରମାତ୍ମାଙ୍କର ବୈଶ୍ୱାନର ଅବସ୍ଥା, ଉକାର ମାତ୍ରାରେ ଜୀବାତ୍ମାର ସ୍ୱପ୍ନ ଅବସ୍ଥା ଏବଂ ପରମାତ୍ମାଙ୍କର ତେଜସ୍ ଅବସ୍ଥା, ମକାର ମାତ୍ରାରେ ଜୀବାତ୍ମାର ସୁଷୁପ୍ତି ଅବସ୍ଥା ଏବଂ ପରମାତ୍ମାଙ୍କର ପ୍ରାଜ୍ଞ ଅବସ୍ଥା, ଅର୍ଦ୍ଧମାତ୍ରାରେ ଜୀବାତ୍ମାର ତୁର୍ଯ୍ୟା ଅବସ୍ଥା ଏବଂ ପରମାତ୍ମାଙ୍କର ମଙ୍ଗଳମୟ 'ଶିବଂ' ଅବସ୍ଥା।

**ଚଉଷଠୀ ବୀଜ ........... ଦ୍ୱାଦଶ ବିଚାର ।।୫।।**

ଆଠ ଅକ୍ଷର ବୋଇଲେ ହ୍ଲୀଂ, ଧ୍ଲୀଂ, ଶ୍ଲୀଂ, କ୍ଲୀଂ, ପ୍ଲୀଂ, ଇଳଂ, ଅଂ ଓ ଇଂ। ଏଥି ମଧ୍ୟରୁ ହ୍ଲୀଂ, କ୍ଲୀଂ ଓ ଶ୍ଲୀଂ ମହାମାୟାଙ୍କର ଏବଂ ଅବଶିଷ୍ଟ ପାଞ୍ଚଗୋଟି ଯୋଗମାୟାଙ୍କର ଅଟେ। ଅଥର୍ବ ବେଦାନୁସାରେ ଯୋଗୀକୁ ଆଠଗୋଟି ଚକ୍ର-(୧) ମୂଳାଧାର, (୨) ସ୍ୱାଧିଷ୍ଠାନ, (୩)ମଣିପୁର, (୪୦ ଅନାହତ (୫) ବିଶୁଦ୍ଧ, (୬)ଆଜ୍ଞା, (୭) ସହସ୍ରାର ଏବଂ (୮)ହୃଦୟ (ସହସ୍ରାର ଏବଂ ବ୍ରହ୍ମରନ୍ଧ୍ର ମଧ୍ୟସ୍ଥଳ)ରେ ଉପରଲିଖିତ ଆଠଗୋଟି ବୀଜକୁ ସାଧନ କରିବାକୁ ହୁଏ। ତେଣୁ ୮ବୀଜ X ୮ ଚକ୍ର =୬୪ବୀଜ ବୋଲି ମହାପୁରୁଷ ଅଚ୍ୟୁତ ଏଠାରେ ସଙ୍କେତ ଦେଇଅଛନ୍ତି। ବେନି ଷୋଡ଼ଶ ବୋଇଲେ ୧୬+୧୬=୩୨। ଓଁକାରମଣ୍ଡଳରୁ ଶକଟକମଣ୍ଡଳକୁ ଓଁ କାର ଆଠ ଅକ୍ଷର ହୋଇ ଯୋଗମାର୍ଗୀମାନଙ୍କର ଯୋଗ ସାଧନାରେ ଚକ୍ରଭେଦ କାଳରେ ସହାୟକ ସ୍ୱରୂପ ଅବତରଣ କରିଅଛି। ସେହିପରି କଳିର କଳିହତ ଜୀବଗଣଙ୍କୁ ଉଦ୍ଧାର ନିମିତ୍ତ ନାମ ପୁନଶ୍ଚ ଏହି ଧରାପୃଷ୍ଠରେ ମହାମନ୍ତ୍ର (ହରେ କୃଷ୍ଣ ହରେ କୃଷ୍ଣ.... ରାମ ରାମ ହରେ ହରେ।) ରେ ଥିବା ଷୋଡ଼ଶ (୧୬)+ଷୋଡ଼ଶ (୧୬) ନାମକୁ ସଂକୀର୍ତ୍ତନ କରିବା ପ୍ରସଙ୍ଗ ମହାପୁରୁଷ ଏଠାରେ ସାଙ୍କେତିକ ଭାଷାରେ ପ୍ରକାଶ କରିଅଛନ୍ତି। ଦ୍ୱାଦଶ ବୋଇଲେ ୧୨। ଏଠାରେ ମହାପୁରୁଷ ବାର ମଣ୍ଡଳକୁ ସଙ୍କେତ ଦେଇଅଛନ୍ତି। ଯୋଗରେ ବାର ମଣ୍ଡଳ ଅତିକ୍ରମ କଲେ ପୁନଶ୍ଚ ଜୀବ, ଅନାମଙ୍କ ସହିତ ସଂଯୋଗ ସ୍ଥାପନ କରିବା ସମ୍ଭବ ହୋଇ ପାରିବ।

ମତାନ୍ତରରେ-ଗୋଲୋକମଣ୍ଡଳକୁ ଚଉଷଠି ବୀଜ ଚଉଷଠି ଦଳରେ ବେଢ଼ି ଅଛନ୍ତି। ସେହିଠାରେ ନିତ୍ୟ ତ୍ରିପୁରା ଦେବୀ ବିରାଜି ଅଛନ୍ତି। ତାଙ୍କ ଚଉପାଶରେ ଗୋପାଳ ଓ ଗୋପୀମାନେ ରାହାସ କରୁଅଛନ୍ତି। ସେଠାରେ ଦ୍ୱାଦଶ ରାହାସ ଚାଲିଅଛି। ତାକୁ ଗୋଲୋକ ରାହାସ କୁହାଯାଏ। ତା'ର ଚାରିଗୋଟି ଦ୍ୱାର। ଚାରିଦ୍ୱାରରେ ଚାରିବେଦ ରହି ଶିଶୁବେଦକୁ ଧ୍ୟାନ କରୁଅଛନ୍ତି। ସେଠାରେ ପର୍ବତ ଶୀର୍ଷରେ ଗୋଲୋକ ହାଟ ଲାଗିଅଛି । ତା' ଉପରେ ଶୂନ୍ୟମଣ୍ଡଳରେ ଭ୍ରମରା ନାଚ କରୁଅଛି । ତା'ତଳେ ଚଉଷଠି ଦଳ ରହିଅଛି। ପ୍ରତ୍ୟେକ ଦଳରେ ଗୋଟିଏ ଗୋପୀକୁ ଗୋଟିଏ ଗୋପାଳ ରହି ପରମପୁରୁଷ ନିତ୍ୟ କୃଷ୍ଣ ସ୍ୱରୂପ ଶୂନ୍ୟପୁରୁଷଙ୍କୁ ସେବା କରୁଅଛନ୍ତି। ଏହାକୁ ପରମ ରାହାସ କୁହାଯାଏ।

''ସର୍ବ ସୌଖ୍ୟଂ ପରଂ ସାରଂ ଚତୁଃଷଷ୍ଠି ଗୋପିକା ଯଥା ।
ମନ ପଶ୍ୟତି ସର୍ବଦା ଜପନଂ ପରମ ଜ୍ଞାନଙ୍କଂ ।।''

ଅଚ୍ୟୁତଙ୍କ ମତରେ ଏହା ଅନୁଭବର ଜ୍ଞାନ। ଏହାକୁ ଶବ୍ଦରେ / ବାକ୍ୟରେ / ଭାଷା ଦ୍ୱାରା ବ୍ୟକ୍ତ କରିବା ସମ୍ଭବ ନୁହେଁ। ଯୋଗ ମାଧ୍ୟମରେ ଯୋଗୀମାନେ ଏହାକୁ ଅନୁଭୂତିରେ ଆଣି ପାରନ୍ତି। ପିଣ୍ଡତତ୍ତ୍ୱ ମତରେ ଆଠ ଅକ୍ଷର ବୋଲିଲେ ମୂଳାଧାର ଠାରୁ ବ୍ରହ୍ମରନ୍ଧ୍ର ପର୍ଯ୍ୟନ୍ତ ଆଠଚକ୍ର। ପ୍ରତିଚକ୍ରରେ 'ପରରଜ ସଶବଦ' ଏହି ଆଠ ଅକ୍ଷର ଜପ କଲେ ୮X୮=୬୪ ବୀଜରେ ତାହା ପରିଣତ ହେବ ଇତ୍ୟାଦି।

**ଛଢ଼ ଚାରିକ୍ଷର........ ବୁଝ ଯେ ମାନ ॥୬॥**

ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଏଠାରେ ସ୍ପଷ୍ଟ ବ୍ୟକ୍ତ କରିଅଛନ୍ତି ଯେ, ଏହା ଗୁରୁଦତ୍ତ ବିଦ୍ୟା ଅଟେ ଏବଂ ଗୁରୁ ଗ୍ରହଣ ପୂର୍ବକ ଶ୍ରୀଗୁରୁଙ୍କୁ ସେବା ଦ୍ୱାରା ସନ୍ତୁଷ୍ଟ କଲେ, ସେ ପରମ ସନ୍ତୋଷରେ ଏକାନ୍ତରେ ''ଛଢ଼ (ଷଡ଼) ଚାରିକ୍ଷର ବିନ୍ଦୁ''ର ତତ୍ତ୍ୱ ପ୍ରିୟଶିଷ୍ୟଙ୍କୁ ଅବଗତ କରାଇ ଦେବେ। (ତେଣୁ ସର୍ବସାଧାରଣରେ ଏ ତତ୍ତ୍ୱର ପ୍ରକାଶ ନିଷେଧ।)

**ପୂର୍ବ ଜନମର ............... ମିଳଇ ସିନା ॥୭॥**

ପୂର୍ବଜନ୍ମର ସାଧନାର ବାସନା ବା ଇଚ୍ଛାଶକ୍ତି ଜୀବଠାରେ ଇହଜନ୍ମରେ ପ୍ରତିଫଳିତ ହୋଇ ଶକ୍ତିଶାଳୀ ହେଲେ ଯାଇ ଏହି ଜନ୍ମରେ ଜୀବ ସଦ୍‌ଗୁରୁ ଲାଭ କରିପାରେ। ସେହି ସଦ୍‌ଗୁରୁଙ୍କୁ ଗ୍ରହଣ କରି ନିଷ୍କାମ ସେବା ଦ୍ୱାରା ତାଙ୍କୁ ସନ୍ତୁଷ୍ଟ କରିପାରିଲେ, ପୂର୍ବପଦରେ ଥିବା ସାଙ୍କେତିକ ଭାଷା ''ଛଢ଼ ଚାରିକ୍ଷର ବିନ୍ଦୁ''ର ତତ୍ତ୍ୱଜ୍ଞାନ ଶ୍ରୀଗୁରୁଙ୍କର ଶ୍ରୀମୁଖରୁ ଶିଷ୍ୟ ଶୁଣି ଅବଗତ ହୋଇପାରେ।

**ନାମର ମହିମା................. ଅଚ୍ୟୁତ ଦାସ ॥୮॥**

ନାମର ମହିମା ଗାନ କରିବା ନିମନ୍ତେ ମହାପୁରୁଷ ଏହି କବିତାର ଶେଷପଦରେ କଳିହତ ଜୀବମାନଙ୍କୁ ଆହ୍ୱାନ ଓ ପ୍ରେରଣା ଦେଇଅଛନ୍ତି ଏବଂ କବିତାର ଶେଷ ପାଦରେ ଭଣିତା ନିଜେ ମହାପୁରୁଷ ଅଚ୍ୟୁତ ନାମରେ ଶରଣ ନେଇ ଅଛନ୍ତି ବୋଲି ପ୍ରକାଶ କରିଅଛନ୍ତି ।

୦୦୦

''ଶପଥ କରିଲୁ ଦେବୁ ତୋର ମନ
ରଚିବାକୁ ବୃନ୍ଦାବନ।
ଦେହରେ ମଜ୍ଜିଲୁ ଅଭାବେ ବୁଡ଼ିଲୁ
ପାଶୋରିଲୁ ମୋତେ ଧନ ?''

- *ଶ୍ରୀଶ୍ରୀଶ୍ରୀ ଠାକୁର*

(ଚରମ-ନଂ୨୬ରେ ପ୍ରକାଶିତ)

## ପୁରାଣ ପୃଷ୍ଠାରୁ : ଗଦ୍ୟାଂଶ-'ପିଣ୍ଡବ୍ରହ୍ମାଣ୍ଡ ଜ୍ଞାନ' ର ମୀମାଂସା ଖଣ୍ଡ

ଏଠାରେ ପିଣ୍ଡମତରେ ରାଜା ସୁରଥ ବୋଇଲେ ଜୀବ (ବା) ମନ ଏବଂ ମହାମୁନି ମାର୍କଣ୍ଡ ଅର୍ଥାତ୍ ଚୈତନ୍ୟକୁ ବୁଝାଯାଏ। ଆତ୍ମା ଅର୍ଥାତ୍ ହେତୁ କେନ୍ଦ୍ର, ଆତ୍ମାକୁ ଚିହ୍ନିବା କହିଲେ ହେତୁ ଗ୍ରହଣ କରିବା, ପିଣ୍ଡ ଅର୍ଥ ଜୀବର ସ୍ଥୂଳ ଶରୀର, ପରମାତ୍ମା ବୋଇଲେ ଜୀବର ଶିର ଦେଶସ୍ଥ ସହସ୍ରାର ଚକ୍ର ଉପରେ ଅବସ୍ଥାନ କରୁଥିବା ଶାଶ୍ୱତ ଶକ୍ତିକୁ ବୁଝାଯାଏ। ତେଣୁ ଏହି ପୌରାଣିକ ଗଦ୍ୟାଂଶର ପ୍ରାରମ୍ଭରେ ଦର୍ଶାଇ ଦିଆଯାଇଛି ଯେ, ଜୀବ ଜିଜ୍ଞାସାର ଭୂମିକାରେ ଅବତୀର୍ଣ୍ଣ ହୋଇ ମନ ସ୍ୱରୂପରେ ରହି ଚୈତନ୍ୟକୁ ହେତୁକେନ୍ଦ୍ରକୁ ଚିହ୍ନି ହେତୁ ଗ୍ରହଣ କରିବାର ଉପାୟ ପଚାରୁଛି। ସବୁ ବ୍ୟକ୍ତି ସବୁ ଅବସ୍ଥାରେ ଜିଜ୍ଞାସୁ ନୁହନ୍ତି। ଗୁରୁଗ୍ରହଣ କରି ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ ପଥରେ ପରିଚାଳିତ ହୋଇ ସାଧନା କରୁଥିଲେ, ଶ୍ରୀଗୁରୁ କୃପାରୁ ସାଧନାରତ ସାଧକ ଯଥାକାଳରେ ଜିଜ୍ଞାସୁ ହୁଏ। ସେତେବେଳେ ସୃଷ୍ଟିର ରହସ୍ୟ ଭେଦ କରିବା ଇଚ୍ଛାରୁ ତା'ମନ ନାନାଦି ପ୍ରଶ୍ନ ପଚାରିଥାଏ। ଏହି ପ୍ରଶ୍ନର ଉତ୍ତର ମଧ୍ୟ ଶ୍ରୀଗୁରୁଙ୍କ ଅପାର କୃପାରୁ ସ୍ୱତଃ ସେ ନିଜର ଚୈତନ୍ୟ କେନ୍ଦ୍ରରୁ ଯଥା ସମୟରେ ଚେତନ ଅବସ୍ଥାରେ ପାଇଥାଏ। ଚୈତନ୍ୟ ମନର ସକଳ ପ୍ରଶ୍ନର ଉତ୍ତର ଓ ସମାଧାନ ଦେଇଥାଏ। ପିଣ୍ଡତତ୍ତ୍ୱରୁ ସମସ୍ତ ଜ୍ଞାନ ଜାଣିବାର ଜିଜ୍ଞାସା ସୃଷ୍ଟି ହୁଏ ଓ ଗୈତୁରୀ ସ୍ନାୟୁକୋଷରୁ ବ୍ରହ୍ମାଣ୍ଡ ଜ୍ଞାନ କ୍ଷରିତ ହୁଏ। ଜାଗତିକ ମାୟାର ପ୍ରଥମ ବନ୍ଧନ ହେଉଛି ଶାରୀରିକ ମାୟା। ପିଣ୍ଡ ବ୍ରହ୍ମାଣ୍ଡ ଦୁହେଁ କିପରି ଏକମତ ତାହା ଜୀବ ଜାଣିଗଲା ପରେ ପ୍ରଥମେ ଶାରୀରିକ ମାୟା ଛିନ୍ନ ହୁଏ। ତପ୍ତରେ ଗୋଟିଏ ପରେ ଗୋଟିଏ ବନ୍ଧନ କ୍ରମେ ଛିନ୍ନ ହୋଇଥାଏ। ସାଧକ ଯୋଗୀ ଯୋଗମାର୍ଗରେ ଗତି କରୁକର୍ ଏହା ପର୍ଯ୍ୟାୟକ୍ରମରେ ସାଧିତ ହୋଇଥାଏ। ବ୍ରହ୍ମଜ୍ଞାନ ଉଦୟ ପର୍ଯ୍ୟାୟରେ ସାଧକ ଉପନୀତ ହେଲେ, ଯୋଗୀର ଗୈତୁରୀ ସ୍ନାୟୁକୋଷ ପରିପକ୍ୱ ହୋଇଯାଏ ଏବଂ ସେଥିରୁ ବ୍ରହ୍ମାଣ୍ଡ ଜ୍ଞାନ ବା ବ୍ରହ୍ମଜ୍ଞାନ ଉଦୟ ହୁଏ।

ବିଷ୍ଣୁ ବୋଇଲେ, 'ସର୍ବସ୍ୟ ଚାହଂ ହୃଦେ ସନ୍ନିବିଷ୍ଟ' ହୃଦୟ ଦେଶରେ ଅବସ୍ଥାନ କରୁଥିବା ବ୍ରହ୍ମ। ଶ୍ୱେତାଶ୍ୱେତ ଉପନିଷଦ (ଉ.ନି.୩/୧୩)ରେ ଲିଖିତ ଅଛି-

''ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା ସଦା ଜନାନାଂ ହୃଦୟେ ସନ୍ନିବିଷ୍ଟଃ।

ହୃଦା ମନ୍ୱୀଶୋ ମନସାଭିକ୍ଳୁପ୍ତୋ ଯ ଏତଦ୍ୱିଦୁରମୃତାସ୍ତେ ଭବନ୍ତି ।।''

ଅର୍ଥାତ୍ ଅଙ୍ଗୁଷ୍ଠ (ବୁଢ଼ା ଆଙ୍ଗୁଳି) ମାତ୍ର ପୁରୁଷ ରୂପେ ବ୍ରହ୍ମ ଆମ ହୃଦୟ ଦେଶରେ ରହି ଅଛନ୍ତି ବୋଲି ସମସ୍ତେ କହି ଥାଆନ୍ତି, ମାତ୍ର ତାହା ପ୍ରକୃତ ତଥ୍ୟ ନୁହେଁ। ସେହି ପରମବିଷ୍ଣୁ ପରମାତ୍ମାଙ୍କ ସ୍ଥାନ ଆମ୍ଭମାନଙ୍କ ଶିରଦେଶସ୍ଥ ସହସ୍ରାର ଉପରେ। ସେ ସହସ୍ରାର ଚକ୍ର ଉପରେ ଅବସ୍ଥାନ କରୁଥିଲେ ସୁଦ୍ଧା ଜୀବର ସମସ୍ତ ଅଙ୍ଗରେ ପ୍ରାଣରୂପେ ପରିବ୍ୟାପ୍ତ ଓ ବୈଶ୍ୱାନର ରୂପରେ ଶରୀର ମଧ୍ୟରେ ରହି ଶରୀରକୁ ଉତ୍ତାପ ପ୍ରଦାନ କରୁଛନ୍ତି। ଖାଦ୍ୟପେୟ ପରିପାକ କରାଇ ଶରୀରକୁ ସୁସ୍ଥସବଳ ଓ ତେଜୋମୟ କର୍ମକ୍ଷମ କରାଉଅଛନ୍ତି। ଏଠାରେ ମନେ ରଖିବାକୁ ହେବ ଯେ, ହୃଦୟ ଶବ୍ଦ ମନ ପର୍ଯ୍ୟାୟର ଅନ୍ତର୍ଭୁକ୍ତ। ଅମରକୋଷରେ ଅଛି- 'ସ୍ୱାନ୍ତଂହୃତ୍ ମାନସଂ ମନଃ'। ତେଣୁ, ହୃତ୍ ବା ହୃଦୟ ମନ ଶବ୍ଦର ଅନ୍ତର୍ଭୁକ୍ତ। ମନର ସ୍ଥାନ ଆମର ଶିରଦେଶ। ଏହି କାରଣରୁ ହୃଦୟରେ ଅର୍ଥ ଶିର ଦେଶରେ ପରମାତ୍ମା ବିଷ୍ଣୁ ଅବସ୍ଥାନ କରୁଅଛନ୍ତି।

ମାୟାରୂପ ଧାରଣ କରିବାର ଅର୍ଥ ସୌଧିନୀ ସ୍ନାୟୁକୋଷରୁ ମାୟା ଗୁଣ ଉତ୍ପତ୍ତି ହୋଇ ଜୀବକୁ ଭ୍ରମରେ ପକାଇବା। ଅନନ୍ତକାଳର ଅର୍ଥ କଳନ୍ତୀ ସ୍ନାୟୁକୋଷ। ଏହା ଯୋଗୀକୁ କାଳ ନିର୍ଣ୍ଣୟରେ ସାହାଯ୍ୟ କରେ। ଯୋଗୀ କାଳର ପରିବର୍ତ୍ତନ ସହିତ କେଉଁ କେଉଁ ଅବସ୍ଥା ଦେଇ ଗତି କରିବ, ତାହା ଏହି ସ୍ନାୟୁକୋଷରୁ ଜଣାଯାଏ। ଜୀବ ଦେହରେ ପ୍ରାଣ ସଞ୍ଚାର ପର ଠାରୁ ତ୍ରିଗୁଣାତ୍ମିକା ସୂତ୍ରରେ ପର୍ଯ୍ୟାୟ କ୍ରମରେ ଗତି କରୁ କରୁ ସ୍ତ୍ରୀ (ମାୟା) ଏବଂ ପୁରୁଷ (ମାୟାଧର)ର ଭାବତରଙ୍ଗରେ ଚଳମାନ ରହିଥାଏ। ରଜ (ମାୟା) ବୀର୍ଯ୍ୟ (ବ୍ରହ୍ମ)କୁ ଆଶ୍ରୟ କରି ଜୀବ (ମନ) ଅଚେତନ ଅବସ୍ଥାରୁ ଯୋଗାଭ୍ୟାସ ବଳରେ ଚୈତନ୍ୟ ଅବସ୍ଥାକୁ ପ୍ରାପ୍ତ ହୁଏ। ଦୁର୍ଗା(ଯୋଗମାୟା) ଚିତ୍ତରେ ଅବସ୍ଥାନ

କରି ଜ୍ୟୋତିଃବ୍ରହ୍ମଙ୍କ ସହାୟତାରେ ପିଣ୍ଡଗଠନ ଆଶିଷ ଦ୍ୱାରା ଏବଂ ଜରାୟୁଜ ସ୍ନାୟୁ କୋଷ ଦ୍ୱାରା ମାତୃଗର୍ଭରେ ବିନ୍ଦୁସ୍ଥାପନ ହୁଏ। ଶୈଶବ୍ରଜ ସ୍ନାୟୁକୋଷ ଦ୍ୱାରା ସ୍ୱୟଂଚାଳିତ ହୋଇ ଜୀବ ପୂର୍ବଜନ୍ମର କୃତକର୍ମର ଫଳ ଅନୁଯାୟୀ ରୂପ ଓ ଆକୃତିର ପରିବର୍ତ୍ତନ ହୋଇଥାଏ। ପିଣ୍ଡମତରେ ବିନ୍ଦୁସ୍ଥାପନ ମୁହୂର୍ତ୍ତଠାରୁ ଚାରିମାସ ଗର୍ଭ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଭ୍ରୁଣ ନିର୍ଜୀବ ଅବସ୍ଥାରେ ଥାଏ ଏବଂ ପାଞ୍ଚମାସ ପ୍ରବେଶ କଲେ, ଜୀବାତ୍ମାର ପ୍ରବେଶ ହୁଏ। ପାଞ୍ଚମାସରୁ ଭୂମିଷ୍ଠ ହେବା ସମୟ ପର୍ଯ୍ୟନ୍ତ ଜୀବାତ୍ମା ସଚେତନ ଥାଏ ଓ ପରମାତ୍ମାଙ୍କୁ ପ୍ରାର୍ଥନା କରୁଥାଏ। ଧରାପୃଷ୍ଠରେ ଅବତୀର୍ଣ୍ଣ ହେବା ମାତ୍ରେ ପରମାତ୍ମା ପିଣ୍ଡରେ ପ୍ରବେଶ କରି ହୃଦପଦ୍ମ (ସହସ୍ରାର ସହସ୍ରଦଳ ପଦ୍ମ)ରେ ରହନ୍ତି। ଯେପରି ସୂର୍ଯ୍ୟ ଉଦୟ ହେଲେ ଅନ୍ଧକାର ଲୁଚିଯାଏ ସେହିପରି ପରମାତ୍ମା ପିଣ୍ଡରେ ପ୍ରବେଶ କରିବା ମାତ୍ରେ ଜୀବାତ୍ମା ଅଚେତନ ହୁଏ, ପୂର୍ବଜନ୍ମର ସ୍ମୃତି ଲୋପ ପାଇଯାଏ। ନୂତନ ଦେହ ଧରି ମାୟାମୋହରେ ପଡ଼ି ଜାଗତିକ ବିଷୟ ନେଇ ଜୀବାତ୍ମା ଭେକେ ଅର୍ଥାତ୍ ସଂସାର ଯାତ୍ରା କରେ।

**********************************

**********************************

**ମୁକ୍ତି** ପଥ ରହସ୍ୟ ହେଉଛି ଜୀବାତ୍ମା ପୁନଶ୍ଚ ଅଚେତନ ଅବସ୍ଥାରୁ ଚୈତନ୍ୟ ଲାଭ କରିବାର ରହସ୍ୟ। ମନକୁ ସଂସାରର ସକଳ କର୍ମଚେଷ୍ଟାରୁ ବିରତ କରିବାର ଅର୍ଥ କୌଣସି ବିଷୟରେ ମନ ନ ବଳେଇ ଶ୍ରୀଗୁରୁଙ୍କର ନିର୍ଦ୍ଦେଶରେ ପରିଚାଳିତ ହେବା। ଆତ୍ମଦର୍ଶନ ବୋଇଲେ ଠୁଳବ୍ରହ୍ମ। ଯୋଗୀ ଯୋଗାଭ୍ୟାସରେ ରହି ଚୈତନ୍ୟବ୍ରହ୍ମ ଅବସ୍ଥାରେ ପହଞ୍ଚିଲେ ଆତ୍ମଦର୍ଶନ ଲାଭ କରେ। ନିଗମସ୍ଥାନ କହିଲେ, ନିରାକାର ମଣ୍ଡଳକୁ ବୁଝାଏ। ଯୋଗାରୂଢ଼ ଯୋଗୀ ଯଥାକାଳରେ କୁଣ୍ଡଳିନୀ ସାଧନା ଦ୍ୱାରା ଆଜ୍ଞାଚକ୍ର ସାଧନ କଲେ, ଜୀବବ୍ରହ୍ମ ପରଂବ୍ରହ୍ମଙ୍କ ସହିତ ଏବଂ ଜୀବାତ୍ମା ପରମାତ୍ମାଙ୍କର ସାକ୍ଷାତକାର ଲାଭ କରେ। ଦଶଦ୍ୱାର କହିଲେ, ଇନ୍ଦ୍ରିୟାଦି ନବଦ୍ୱାର ଏବଂ ବ୍ରହ୍ମରନ୍ଧ୍ର। ଯୋଗୀ ଯୋଗାବସ୍ଥାରେ ଏହା ସଂଯମ କଲେ, ଆତ୍ମାନୁଭବ ଲାଭ କରେ। ମୂଳକମଳ କହିଲେ, ମୂଳାଧାର ଚକ୍ରସ୍ଥ ପଦ୍ମ। ଏଠାରେ ପଦ୍ମସୁରୀ ସ୍ନାୟୁକୋଷ ରହି ଯୋଗୀକୁ ପିଣ୍ଡ ସଂଚାଳନରେ ସାହାଯ୍ୟ କରେ। ଚଞ୍ଚଳ ପ୍ରକୃତି କହିଲେ, ଶ୍ୱାସପ୍ରଶ୍ୱାସର ଚଞ୍ଚଳଗତି ଓ ତଜ୍ଜନିତ ଚଞ୍ଚଳ ମନା ବିଧୁରୀ କୋଷ ଦ୍ୱାରା ପିଣ୍ଡରେ ଚଞ୍ଚଳ ପ୍ରକୃତି କାର୍ଯ୍ୟଶୀଳ ହୋଇଥାଏ। ଯୋଗୀ ପ୍ରାଣ ନିୟନ୍ତ୍ରଣ ସୂତ୍ରରେ ସାଧନା କରି ନିଜ ଭିତରେ ପଶି ନିଜକୁ ଚିହ୍ନି ପାରିଲେ, ସମସ୍ତ ଶରୀର ଭେଦ ଜ୍ଞାନ ଆୟତ୍ତ କରିପାରେ। ଅମନରେ ମନ ଦେବାର ଅର୍ଥ ଜୀବ ଆତ୍ମାକୁ ପରମାତ୍ମା ସହିତ ଭେଟାଇ ଯୋଗାବସ୍ଥାରେ ଅମନକେନ୍ଦ୍ରରେ ଆତ୍ମିକ ମିଳନ କରାଇ ପାରିଲେ, ଅଜ୍ଞାନ ତମସାରୁ ଜ୍ଞାନ ଓ ସତ୍ୟରୂପକ ଦିବ୍ୟଜ୍ୟୋତିଃ ଦର୍ଶନ କରେ। ଏହି ଦିବ୍ୟଜ୍ୟୋତିଃ ଦର୍ଶନ ପୂର୍ବରୁ ଯୋଗୀ ଯୋଗାବସ୍ଥାରେ ଆତ୍ମାକୁ ପରମାତ୍ମା ସହିତ ଯୋଗ କରି ଅମନ କେନ୍ଦ୍ରରେ ମନ ଓ ଚିତ୍ତକୁ ଏକ କରି ଅନୁଭବ କଲେ (ଶରୀରରେ ଖୋଜିଲେ) ପରଂବ୍ରହ୍ମ ସଂଯୋଗ ଦର୍ଶନ କରିଥାଏ।

**ପିଣ୍ଡତତ୍ତ୍ୱ** ମତାନୁସାରେ ଅଣ୍ଟାଠାରୁ ପାଦତଳ ଯାଏ ସପ୍ତପାତାଳ। ଏହା ମଧ୍ୟରେ ଭୈରାଜଧ୍ୱ ସ୍ନାୟୁକୋଷ ସାତପାତାଳ କ୍ଷରିତ ହୋଇଅଛି। ଅଷ୍ଟକୁଳା ନାଗ-ଶମୁକୀ, କୃର୍ତ୍ତଳ, ବାଶୁକୀ, ନମୁରି, ଶରମଟ, ଅରଟକ, ନୂର୍ଭର ଓ ଶମ୍ବର। ଏହି ନାଗମାନେ ଐଶ୍ୱର୍ଯ୍ୟ ପ୍ରାପ୍ତିରେ ସାହାଯ୍ୟ କରନ୍ତି। ଏଠାରେ ମୂଳକମଳ କହିଲେ, ସହସ୍ରାର ସହସ୍ରଦଳ ବିଶିଷ୍ଟ ପଦ୍ମ। ଏହା ପିଣ୍ଡ ବା ଶରୀରରେ ଚାରିଭାଗ ଅର୍ଥାତ୍ ଚାରିଯୁଗ (ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି)ରେ ପରିଣତ ହୋଇଅଛି। ଯୋଗୀ ପ୍ରାଣାୟାମ ସୂତ୍ରରେ ପ୍ରାଣପବନକୁ ସତ୍ତ୍ୱ, ରଜ, ରଜ ଓ ତମ ମିଶ୍ରିତ ଏବଂ ତମ ଗୁଣରେ ଚଳାଇ ଚାରିଯୁଗରେ ଭୋଗ କରାଏ ଏବଂ ପ୍ରତ୍ୟେକ ଯୁଗାନ୍ତରେ ପ୍ରଳୟ ସଂଘଟିତ କରାଏ। ଯୋଗୀ ଯୋଗ ସାଧନା ପର୍ଯ୍ୟାୟରେ କୁଣ୍ଡଳିନୀ ଯୋଗ କାଳରେ ଷଡ଼ଚକ୍ର (ମୂଳାଧାର ଚକ୍ର, ଲିଙ୍ଗଚକ୍ର, ନାଭିଚକ୍ର, ହୃଦୟଚକ୍ର, କଣ୍ଠଚକ୍ର ଓ ଆଜ୍ଞାଚକ୍ର) ଭେଦ କରି ନିରାକାର ମଣ୍ଡଳ ବା ଶୂନ୍ୟମଣ୍ଡଳ (ସହସ୍ରାର)ରେ ଜୀବବ୍ରହ୍ମକୁ ପରଂବ୍ରହ୍ମ ସହିତ ଭେଟ କରାଏ ଓ ପୁନର୍ବାର ଆଜ୍ଞାଚକ୍ର ଠାରୁ ମୂଳାଧାର ପର୍ଯ୍ୟନ୍ତ ପ୍ରତ୍ୟେକ ଚକ୍ରକୁ ଅବରୋହଣ କରି ଦ୍ୱାଦଶଚକ୍ର ଭେଦ କରେ। ମୂଳାଧାର ଚକ୍ରରେ ଷଡ଼ଚକ୍ରର ମୂଳଦୁଆ ରହିଛି। ଏହା କୁଣ୍ଡଳିନୀ ଯୋଗର ପ୍ରଥମ ପର୍ଯ୍ୟାୟରେ ସାଧନ କରାଯାଏ। ଲିଙ୍ଗଚକ୍ରରେ କାମ ବା କାମନାକୁ ବିନାଶ କରିବାର ସାଧନ କରାଯାଏ। ନାଭିଚକ୍ରରେ

ଜଳ (ରସ)କୁ ଶରୀର ରକ୍ଷା ପାଇଁ ନିୟୋଜିତ କରାଯାଏ। ଷୋଳଡମ୍ବରୁ ମଧ୍ୟରେ ବତିଶ ପାଖୁଡ଼ା ବୋଇଲେ ମହାମନ୍ତ୍ର (ହରେ କୃଷ୍ଣ.....ରାମ ରାମ ହରେ ହରେ)ର ଷୋଳ ନାମ ଓ ବତିଶ ଅକ୍ଷରକୁ ବୁଝାଏ। ମହାମୀନ ଶରୀର ଅର୍ଥାତ୍ ନିର୍ମଳ ବିବେକକୁ ବୁଝାଯାଏ। ଏହା ସୁଧାକ୍ଷ ସ୍ନାୟୁକୋଷ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏହି ନିର୍ମଳ ବିବେକ ଜୀବ ଦେହରେ କୂର୍ମ ଅର୍ଥାତ୍ ଗର୍ବ, ଦମ୍ଭ, ଅହଂକାର ଅର୍ଥାତ୍ ମାର୍ତ୍ତଣ୍ଡ ସ୍ନାୟୁକୋଷ ଏବଂ ମଣ୍ଡୁକ ଅର୍ଥ ଚତୁରତା, ଧୂର୍ତ୍ତତା ଅର୍ଥାତ୍ କାର୍ତ୍ତିକ ସ୍ନାୟୁକୋଷକୁ ଆଶ୍ରୟ କରି ରହିଅଛି। ନାଭିମଣ୍ଡଳ ସାଧନାକାଳରେ ଯୋଗୀ ଜଠର ଅନଳରେ ହଂସାଦି ରାକ୍ଷସୀ ଗୁଣ ସକଳକୁ ଆହୁତି ଦେଇ ଧ୍ୱଂସ କରେ। ହୃଦଚକ୍ରରେ ପଞ୍ଚାକ୍ଷର ମନ୍ତ୍ର (ଓଁ ନମଃ ଶିବାୟ, ଓଁ ନମଃ ଦୁର୍ଗାୟୈ ଇତ୍ୟାଦି) ସାଧନ କରାଯାଏ। କଣ୍ଠଚକ୍ରରେ ପରଂବ୍ରହ୍ମ ନାରାୟଣ ଏବଂ ବାକ୍‌ଦେବୀ ସରସ୍ୱତୀଙ୍କୁ ଆରାଧନା କରି ସ୍ୱର, ସାହିତ୍ୟ, ସଙ୍ଗୀତାଦି ସାଧନା କରାଯାଏ। କଣ୍ଠଚକ୍ର ପଛକୁ ତ୍ରିଭଙ୍ଗିମା ବା ତ୍ରିକୂଟ (ଆଜ୍ଞାଚକ୍ରର ସ୍ଥାନ)ରେ ବଙ୍କୁନାଳ ଅର୍ଥାତ୍ ଗଙ୍ଗା, ଯମୁନା, ସରସ୍ୱତୀ ଅର୍ଥାତ୍ ଇଡ଼ା, ପିଙ୍ଗଳା, ସୁଷୁମ୍ନାର ସ୍ରୋତ ପ୍ରବାହିତ ହେଉଛି। ସେଠାରେ କାମଦେବଙ୍କୁ ପୂଜା କରି, ତତ୍ପରେ ଚନ୍ଦ୍ରଦର୍ଶନ କରାଯାଏ। ଚନ୍ଦ୍ର ବିନ୍ଦୁ ମଧ୍ୟରେ ବିନ୍ଦୁସାଗର ବୋଇଲେ କାମର କ୍ଷରିତ ଅଂଶ ଅର୍ଥାତ୍ ବିନ୍ଦୁକୁ ବୁଝାଏ। ଏହା ଅରନ୍ଧ୍ରୀ କେନ୍ଦ୍ରର ସ୍ନାୟୁକୋଷ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ସରସ୍ୱତୀ ପାଟଣା ଅର୍ଥାତ୍ ଗୋଲହାଟ। ଏହା ଧୀଶକ୍ତିର କେନ୍ଦ୍ରସ୍ଥଳ, ଯୋଗାବସ୍ଥାରେ ଆଜ୍ଞାଚକ୍ର ସାଧନ କାଳରେ ଏହି ଧୀଶକ୍ତି ଦ୍ୱାରା ଐକ୍ୟ ଶକ୍ତିକ୍ରିୟା ଚାଳନ କରେ। ଏଠାରେ ଯୋଗୀ ଇଡ଼ା, ପିଙ୍ଗଳା, ସୁଷୁମ୍ନା ରସକୁ ଯୋଗବନ୍ଧ ଦ୍ୱାରା ଆୟତରେ ରଖି ଅବର୍ଣ୍ଣାକ ଶକ୍ତି (ଚନ୍ଦ୍ରକଳା)କୁ କ୍ଷୟ ନ କରି ସଞ୍ଚିତ କରି ରଖେ। ଅବର୍ଣ୍ଣାକ ଶକ୍ତି କ୍ଷୟରେ ଜୀବର ଭାବ ଓଲଟପାଲଟ ହୋଇଯାଏ ଓ ଜୀବ ଅଭାବରେ ପଡ଼େ। ଜୀବ ଅଭାବରେ ପଡ଼ିଲେ ପରଂବ୍ରହ୍ମଙ୍କ ନିକଟରୁ ଦୂରେଇ ଯାଏ। କାରଣ; ଭାବକୁ ନିକଟ, ଅଭାବକୁ ଦୂର। ଜୀବ ଭାବରେ ରହିଲେ ଧୈର୍ଯ୍ୟଶୀଳ ହୋଇ ରହେ। ଭେଳା ବୁଡ଼େ ନାହିଁ ଅର୍ଥାତ୍ ବିପଦଆପଦ ମାଡ଼ି ଆସେ ନାହିଁ।

କାଉଁରୀମଣ୍ଡଳ ବୋଇଲେ, ଇନ୍ଦ୍ରିୟାଦିର ବନ୍ଧନଶକ୍ତି। ଏହି ଶକ୍ତିବଳରେ ଜୀବ ଧରାପୃଷ୍ଠରେ କାମ, ମଦ, ମାତ୍ସର୍ଯ୍ୟ, ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତିର ବନ୍ଧନରେ ପଡ଼ିଯାଏ। ବନ୍ଧନରେ ପଡ଼ିଲେ ମୁକ୍ତି, ମୋକ୍ଷ, ନିର୍ବାଣ, ଚରମପ୍ରାପ୍ତି ସମ୍ଭବ ହୁଏ ନାହିଁ। ଯୋଗୀ ସ୍ୱଶରୀର ବା ପିଣ୍ଡରେ ଇନ୍ଦ୍ରିୟାଦିର ବନ୍ଧନ ଶକ୍ତିକୁ ଦୁର୍ବଳ ଓ ଶିଥିଳ କରିବା ପାଇଁ ଯୋଗସାଧନା ଦ୍ୱାରା ତ୍ରିପୁରା ବା ଯୋଗମାୟାଙ୍କୁ ସେବାପୂଜା କରି ପ୍ରାଣାୟାମ ସୂତ୍ରରେ କୁଣ୍ଡଳିନୀ ଯୋଗ କ୍ରିୟା ଦ୍ୱାରା ଚୈତନ୍ୟ ରାଜ୍ୟକୁ ଭେଦ କରି ଅନାହତ ଚକ୍ରରେ ପ୍ରବେଶ କରେ। ଏହାପରେ ଯୋଗୀ ବିଭିନ୍ନ ପର୍ଯ୍ୟାୟରେ ଯୋଗସୋପାନ ଅତିକ୍ରମ କରି ତ୍ରିକୂଟସ୍ଥ ହଂସ ବା ସୋଽହଂ (ସଃ+ଅଂ)ର ରହସ୍ୟ ଭେଦ କରେ। 'ମରଣଂ ବିନ୍ଦୁ ପାତେନ, ଜୀବନଂ ବିନ୍ଦୁ ଧାରଣାତ୍'- ବିନ୍ଦୁ ସରୋବର ବା ବିନ୍ଦୁସାଗରରେ ଜଳ (ରସ) ପୂର୍ଣ୍ଣଭାବରେ ରକ୍ଷା କରିପାରିଲେ ପରମହଂସ (ପରଂବ୍ରହ୍ମ ପରମପୁରୁଷ) ପିଣ୍ଡରେ ଶାନ୍ତିରେ ନିଦ୍ରା ଯାଇଥାଆନ୍ତି। ଶାସ୍ତ୍ର ମତରେ ପୁରୁଷ ସେହିଁ ଯେ ପୁର ବା ପିଣ୍ଡରେ ସୁପ୍ତ ଅବସ୍ଥାରେ ରହିଥାଆନ୍ତି। ସରୋବରର ପାଣି (ରସ) ଶୁଖିଗଲେ, ପରମହଂସଙ୍କ ନିଦ ଭାଙ୍ଗି ଯାଏ, ପରମହଂସ ପିଣ୍ଡରୁ ପ୍ରାଣପବନକୁ ନେଇ ଉଡ଼ିଯାଏ। ଆମେ କହୁଁ, ପ୍ରାଣବାୟୁ ଉଡ଼ିଗଲା। ହଂସା ଉଡ଼ିଗଲା ଇତ୍ୟାଦି। ଏହିଠାରେ ହିଁ ମୃତ୍ୟୁ।

**ମାତୃଗର୍ଭର** ଜରାୟୁରେ ବିନ୍ଦୁସ୍ଥାପନ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସକଳ ତତ୍ତ୍ୱ ପିଣ୍ଡବ୍ରହ୍ମାଣ୍ଡ ଏଠାରେ ସଂକ୍ଷେପରେ ସୂଚେଇ ଦିଆଯାଇଛି। ପୂର୍ବଜ୍ଞାନକୁ ଆଧାର କରି ଏହା ବୁଝିବାକୁ ହେବ।

୦୦୦

''କର୍ମଧାରା କରି ଗଳାର ମାଳି।
ସତ୍ୟର ଚନ୍ଦନ ଭାବରେ ବୋଳି ॥
ସହିଯିବୁ ଯେତେ ଦୁଃଖ ଆସିବ।
ତେବେ ଯାଇ ଧନ ଦେହ ବାସିବ ॥

-ଶ୍ରୀଶ୍ରୀଶ୍ରୀ ଠାକୁର



# ନୀଳଚକ୍ର ଚରମର ସଂକେତ

## ଧାରା ଗ୍ରହଣ ପରେ.........

'ଚରମ' ୨୬ସଂଖ୍ୟାର ଅନୁଶ୍ରୁତିର

**ପୂର୍ବ** ସଂଖ୍ୟାରେ ଧାରା ଗ୍ରହଣ ପରେ ତୁମ୍ଭମାନଙ୍କର କେତେକ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ବନ୍ଧରେ ଧାରଣା ଦିଆ ଯାଇଥିଲା । ଆଶା କରୁଛି, ତୁମ୍ଭେମାନେ ତାହା ପଢ଼ିବା ପରେ ଅବଶ୍ୟ ନିଜେ ନିଜକୁ ସଜାଡ଼ି ନେଇ ସଂଜେ ସକାଳେ ଅଭ୍ୟାସ କର୍ମରେ ଲାଗିପଡ଼ିଥିବ । ଯଦି କୌଣସି କାରଣରୁ ତାହା କରୁ ନ ଥାଅ, ତେବେ ଏବେଠାରୁ ଲାଗିପଡ଼ । କୌଣସି କ୍ଷତି ନାହିଁ, ବରଂ ଲାଭ ଅଛି ପ୍ରଚୁର । ହେଳା କର ନାହିଁ । ହେଳା କଲେ ପରା ଭେଳା ବୁଡ଼େ ! ଆଉ କିଏ କରୁଛି ନ କରୁଛି, ସେଥିପ୍ରତି ଦୃଷ୍ଟି ନ ଦେଇ ନିଜେ କର, ଦୃଢ଼ ବିଶ୍ୱାସର ସହିତ କର, ନିୟମିତ ନିଷ୍ଠାର ସହିତ କର, ଆମେ କହୁଛୁ, ତୁମେ ଅବଶ୍ୟ ତୁମର ଅଭ୍ୟାସ କର୍ମଯୋଗର ଫଳ ନିଶ୍ଚିତ ଭାବରେ ପାଇବ ହିଁ ପାଇବ । ଆମ ଉପରେ ବିଶ୍ୱାସ ରଖ, ଦୃଢ଼ ବିଶ୍ୱାସ ରଖ-କର୍ମଯୋଗ ଓ ଧର୍ମଧାରାର ଫଳ ଅଯଥାରେ ଯାଏ ନାହିଁ, ଯଥାର୍ଥ ଭାବରେ ଯଥା ସମୟରେ ମିଳେ । ସେହି ସମୟ ପହଞ୍ଚିବା ପର୍ଯ୍ୟନ୍ତ ଧୈର୍ଯ୍ୟ ସହ ଅପେକ୍ଷା କର । 'ଫଳ ମିଳୁନାହିଁ' କହି ଅଧୈର୍ଯ୍ୟ ହୋଇ ଅଳ୍ପଦିନରେ କର୍ମଯୋଗ ଓ ଧର୍ମଧାରା ଛାଡ଼ିଦିଅ ନାହିଁ ।

ତମେ ନିଜେ ଭାବିଲ ଦେଖି, ଯେ କୌଣସି କର୍ମର ଫଳ କ'ଣ ତତ୍‌କ୍ଷଣାତ୍ ମିଳିଯାଏ ? ଶରୀର ମଧ୍ୟକୁ ରୋଗ ଜୀବାଣୁ ପ୍ରବେଶ କରିବା ମାତ୍ରେ କିଏ କ'ଣ ସଙ୍ଗେ ସଙ୍ଗେ ରୋଗାକ୍ରାନ୍ତ ହୁଏ ନା ରୋଗୀ ଶଯ୍ୟାଶାୟୀ ହୋଇଯାଏ ? ପ୍ରଥମେ ସୂକ୍ଷ୍ମରେ ସେ ରୋଗଗ୍ରସ୍ତ ହୁଏ, ତା'ପରେ ଧୀରେ ଧୀରେ ରୋଗାକ୍ରାନ୍ତ ହୋଇ ହୋଇ ରୋଗୀରେ ପରିଣତ ହୁଏ । ରୋଗର ପ୍ରକୋପ ବଢ଼ିଲେ ରୋଗୀ ଶଯ୍ୟାଶାୟୀ ହୁଏ । ସେହିପରି ମଞ୍ଜିଟିଏ ପୋତିଲେ, ସଙ୍ଗେ ସଙ୍ଗେ ଫସଲ ଅମଳ କରାଯାଏ ନାହିଁ ବା ଫଳ ତୋଳି ଅଣାଯାଏ ନାହିଁ । ଶାଗ ମଞ୍ଜି ପଟାଳିରେ ବୁଣିଲେ, ମାସକରେ ଶାଗ ତୋଳି ଅଣାଯାଇପାରେ । ଜହ୍ନି, ଭେଣ୍ଡି ମଞ୍ଜି ପୋତିଲେ ଦୁଇତିନି ମାସରେ ଫଳ ତୋଳାଯାଇ ପାରେ । ମାତ୍ର ଆମ୍ବ, ପଣସ, ନଡ଼ିଆ ଚାରା ରୋପିଲେ, ଦୀର୍ଘବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହୁଏ, ନୁହେଁ କି ? ଏ ସବୁ ତ ତୁମେ ତୁମର ପରିବେଶରୁ ପ୍ରକୃତି ପର୍ଯ୍ୟବେକ୍ଷଣରୁ ଶିଖି ସାରିଛ । ଆମେ କେବଳ ତୁମକୁ ମନେ ପକାଇ ଦେଉଛୁ ।

ସେହିପରି ଏ ଆଧ୍ୟାତ୍ମିକ ଜଗତର ନ୍ୟାୟ । ବରଂ ଏ ପଥ ବଡ଼ କଠିନ । ପ୍ରକୃତରେ କିନ୍ତୁ ସତ୍ୟ, ତ୍ରେତୟା, ଦ୍ୱାପର ଯୁଗର ଧର୍ମଧାରା ଓ ଯୋଗ ସାଧନା, ଧ୍ୟାନଧାରଣା, ତପଜପ ଅପେକ୍ଷା ଏହି କଳିଯୁଗରେ-କଳିର ଅନ୍ତିମ କାଳରେ ତୁମପାଇଁ ସବୁଠାରୁ ସହଜ ସାଧନାର ପଥ ଦିଆଯାଇଛି । ମନପ୍ରାଣ ଲଗାଇ; ବିଶ୍ୱାସ, ଭକ୍ତି, ନିଷ୍ଠାର ସହିତ ଏତକ ନିୟମିତ କରିବାରେ ତୁମର କୌଣସି ଅସୁବିଧା, କ୍ଷତି ବା ଅଡୁଆ ହେବନାହିଁ ବୋଲି ଆମର ବିଶ୍ୱାସ । କ'ଣ ସତ ନୁହେଁ? ତେବେ ତୁମେ ତୁମର ନିଜ ଇଚ୍ଛାରେ ଧାରା ଓ ସନ୍ଦେଶପତ୍ର ଗ୍ରହଣ କରି କିଛି ନ କରି ଚୁପ୍‌ଚାପ୍

ଧିର୍‌ଧାର୍ ବସି ରହୁଛ ଯେ ! ଧାରାଧରି ଧରା ନ ଦେଇ ଘରକୋଣରେ ଚୁପ୍‌ଚାପ୍ ବସି ରହିଲେ ଉଭୟ ମାନସିକ ଓ ଶାରୀରିକ ରୋଗଗ୍ରସ୍ତ ହୋଇଯିବ ଯେ ! ତ୍ରିତାପରୁ ରକ୍ଷା ପାଇବାର ରକ୍ଷାକବଚ ତୁମ୍ଭଙ୍କୁ ଦିଆଯାଇଛି । ଶ୍ରଦ୍ଧାଶୀଳ ଓ ନିଷ୍ଠାବାନ୍ ହୋଇ ତାହା ଅଭ୍ୟାସ ନ କଲେ, ଲାଭ ଫଳ ତ ପାଇବ ନାହିଁ, ତା' ବଦଳରେ ପ୍ରଭୂତ କ୍ଷତି ସହିବାକୁ ପଡ଼ିପାରେ । ତେଣିକି ଆମକୁ ଦାୟୀ କରିବନି ।

ମନେ ପକାଇଲ, ଧାରା ଓ ଦୀକ୍ଷାଗ୍ରହଣ ସମୟରେ ତୁମ୍ଭେ ଆମକୁ ଚାହିଁ ଆମ ନାମରେ ଶପଥ କରି ନ ଥିଲ ? ଶପଥ ବା ପ୍ରତିଜ୍ଞା କଲେ, ତାହା ରକ୍ଷା କରିବାକୁ ହୁଏ, ନୁହେଁ କି ? କଥା ଦେଇ କଥା ନ ରଖିଲେ, ସତ୍ୟ ରକ୍ଷା ନ କଲେ, ମହାପାପ ହୁଏ । ପାପ ଫଳ ଭୋଗ କରିବାକୁ ହୁଏ । ଆମେ କହୁଛୁ, ତୁମେ ସେପରି ହୁଅ ନାହିଁ । ଧନଟା ପରା ! ଆମ କଥାରେ ବିଶ୍ୱାସ ରଖି ଧର୍ମଧାରା ଓ କର୍ମଯୋଗରେ ଆଜିଠାରୁ ଦୃଢ଼ତାର ସହିତ ଲାଗିଯାଅ । ତଥାପି ବେଳ ଅଛି, ଆମର ମଧ୍ୟ ଧୈର୍ଯ୍ୟ ଅଛି । ତୁମେ ଆମ ଆଡ଼କୁ ପାଦଟିଏ ଆଗେଇ ଆସ, ଆମେ ତୁମକୁ କୋଳେଇ ନେବା ପାଇଁ ଦଶପାଦ ଆଗେଇ ଯିବୁ । ବିଶ୍ୱାସ, ଦୃଢ଼ତା, ନିଷ୍ଠା, ତ୍ୟାଗ, ଧୈର୍ଯ୍ୟ ରଖି ପାରିଲେ, ଧାରା ଠିକ୍‌ଠିକ୍ ନିୟମିତ କରୁଥିଲେ, ଆମେ ତୁମକୁ ସବୁ ଆପଦବିପଦରୁ ରକ୍ଷା କରିବୁ । ତୁମ ବାଟ ପରା ଆମେ ଚାହିଁ ବସିଛୁ । କେବେ ଆସିବ ?

କେତେ ଯୁଗଯୁଗାନ୍ତର, ଜନ୍ମଜନ୍ମାନ୍ତରର ଗୃହୀତ କର୍ମଫଳ ଧରି ତୁମେ ଏ ଧରାଧାମରେ ଜନ୍ମ ଗ୍ରହଣ କରିଛ । ବାଲ୍ୟକାଳରୁ ଧାରାଧରି କର୍ମଯୋଗ ଅଭ୍ୟାସ କରୁଥିଲେ, ଆଜକୁ ତୁମେ ନିର୍ମଳ, ପବିତ୍ର ହୋଇ ସାରନ୍ତଣି । ଏତେ ବିଳମ୍ବରେ, ଏତେ ବୟସରେ ଧାରା ନେଇଛ । ତାହା ପୁଣି ନିୟମିତ କରୁନାହିଁ; ମାତ୍ର ପାଇବା ପାଇଁ ସବୁବେଳେ କେତେ ପ୍ରାର୍ଥନା କରୁଛ, କେତେ ଅଳି କରୁଛ, କେତେ ବିକଳ ହେଉଛ । କୃପା ପାଇବା ପାଇଁ, କିଛି ତ କରିବାକୁ ହୁଏ । ଯେଉଁମାନେ କୃପା ପାଇଛନ୍ତି, ପାଉଛନ୍ତି; ସେମାନେ କିଛି ନା କିଛି କରିଛନ୍ତି, କରୁଛନ୍ତି । ଯେଉଁମାନେ ଆମକୁ ଦୟାସାଗର, କୃପାସାଗର, କରୁଣାସାଗର ବୋଲି ସମ୍ବୋଧନ କରୁଛନ୍ତି, ସେମାନେ ତାହାହିଁ ପାଇଛନ୍ତି । ପାଇବା ପୂର୍ବରୁ କେତେ ତ୍ୟାଗ, କେତେକର୍ମ ସେମାନେ ନ କରିଛନ୍ତି !

ଏବେ ବି ଆମେ ତୁମକୁ କହୁଛୁ, ତୁମେ ଧାରା କର । ପାଇବ ନିଶ୍ଚୟ । ପାଇବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଧାରା କର । ପାଣି ପାଇଁ ଭୂମିରେ ଗାତ ଖୋଳ । ଅଳ୍ପ ଖୋଳି ନିରସ୍ତ ହୋଇ ରହିଗଲେ, ପାଣି ପାଇବ କୁଆଡୁ ? ପାଣି ସ୍ତର ପର୍ଯ୍ୟନ୍ତ ଗାତ ଖୋଳି ଯିବାକୁ ହୁଏ । ତୁମେ ତାହାହିଁ କର । ନିଶ୍ଚୟ ପାଇବ ।

**(୧) ପ୍ରତିଦିନ ସକାଳେ ଓ ସଞ୍ଜରେ ସାଷ୍ଟାଙ୍ଗ ପ୍ରଣାମ, ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ମହାମନ୍ତ୍ର ଓ 'ଚରମ' ପାଠ କର ।**

**(୨) ପ୍ରତିଦିନ ଏତକ କରିବା ପରେ ଅର୍ଘ୍ୟଫଳ ଧୌତଜଳ ପାନ କରି ପୁଣି ସାଷ୍ଟାଙ୍ଗ ପ୍ରଣାମ କର ।**

**(୩) ପ୍ରତିଦିନ ଯେତେ ପାର ସେତେ ବୀଜମନ୍ତ୍ରକୁ ମାନସ ଜପ କର ।**

**(୪) ପ୍ରତିଦିନ ଅର୍ଘ୍ୟଫଳ ଧାରଣ କର ।**

**(୫) ଅର୍ଘ୍ୟତିଥିରେ ଯଥାବିଧି ଅର୍ଘ୍ୟ ନିବେଦନ କର ।**

**(୬) ଶାଖା ସତ୍‌ସଙ୍ଗ ଅଧିବେଶନରେ ଉପଯୁକ୍ତ ବସ୍ତ୍ର ପରିଧାନ କରି ନିଷ୍ଠାର ସହିତ ନୀରବରେ ବସି ଆମର ସୂକ୍ଷ୍ମ ସତ୍ତାକୁ ଅନୁଭବ କର ।**

**(୭) କ୍ଷେତ୍ରକୁ ଆସି କ୍ଷେତ୍ର ଉତ୍ସବରେ ଯୋଗଦାନ କର ।**

-ତୁମର ଠାକୁର ॥

# ଫଲଗୁ, ସୌରୀ ଗତିତୀର୍ଥ

**୧୪୦୫ ସାଲ, ମିଥୁନ ଦି୧୮ନ, ବ୍ୟାସ ପୂର୍ଣ୍ଣିମା, ଗୁରୁବାର, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର**

*ପଞ୍ଜିକାରେ ପ୍ରକାଶିତ ଉତ୍ସବସୂଚୀ ଅନୁକ୍ରମରେ ଏଥର 'ଚରମ'ର ଏହି ପାଖୁଡ଼ାରେ ଆମର ଅର୍ଘ୍ୟ: ''ଫଲଗୁ ସୌରୀ ଗତି ତୀର୍ଥ।'' ୧୯୯୮ ମସିହା ଜୁଲାଇ ମାସ ୯ ତାରିଖ, ଆଷାଢ଼ ପୂର୍ଣ୍ଣିମା, ଗୁରୁବାର ଦିନ ଭକ୍ତବନ୍ଧୁ ଠାକୁରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଏହି ଅନିର୍ବଚନୀୟ ଉତ୍ସବ ମହା ଆଡ଼ମ୍ବରରେ ବୈଦିକ ମତରେ ଯଥାବିଧି ପାଳିତ ହୋଇଯାଇଛି। ଆଶ୍ରମାଗତ ସହସ୍ରାଧିକ ଭକ୍ତ ଅନୁଗତ, ଅଧ୍ୟାତ୍ମପ୍ରେମୀ ଜନସାଧାରଣ, ଆଶ୍ରମର ଅନ୍ତେବାସୀଗଣ ଏବଂ ସ୍ଥାନୀୟ ଜନତା ଏହି ମହୋତ୍ସବରେ ଯୋଗ ଦେଇ ପ୍ରଭୁଙ୍କର କୃପା, କରୁଣା ଓ କଲ୍ୟାଣ ଲାଭ କରି ଧନ୍ୟ ହୋଇ ଅଛନ୍ତି। କଳ୍ପଯୁଗର ପୁନ୍ଦୋରଚି ଏବଂ ଇଏମାନେ ସତ୍ୟ, ତ୍ରେତୟା ଏବଂ ଦ୍ୱାପର ଯୁଗରେ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନଭିନ୍ନ ନାମ ଗ୍ରହଣ କରି ସାଧନାରତ ରହି ପ୍ରଭୁଙ୍କର ଆଶୀର୍ବାଦ ଓ ବରପ୍ରାପ୍ତ ହୋଇଥିଲେ। ସେହି ବରଦାନ କରିଥିବା ଠାକୁରେ ଆଜି କଳିର ଅନ୍ତିମ ପର୍ଯ୍ୟାୟରେ ଯଥା ଦିବସରେ ସେମାନଙ୍କର ମନୋଭିଷ୍ଟ ପୂର୍ଣ୍ଣ କରି ଅଛନ୍ତି। 'ଭକ୍ତ ବାଞ୍ଛା କଳ୍ପତରୁ' ଉପାଧିକୁ ସାର୍ଥକ କରି ଅଛନ୍ତି। ଧନ୍ୟ ମହାପ୍ରଭୁ ! ଧନ୍ୟ ତୁମର କର୍ମ କୌଶଳ !! ଧନ୍ୟ ତୁମର ଆଶ୍ରିତ ବତ୍ସଳତା !!! ଆଧାତ୍ମ ସାହିତ୍ୟପ୍ରେମୀ ପାଠକପାଠିକାଗଣ ଏହି ଅମର ଗାଥା 'ଚରମ' ପୁସ୍ତକରୁ ଶ୍ରଦ୍ଧା, ପ୍ରେମ ଓ ଭକ୍ତିର ସହିତ ପାଠ କରି ପ୍ରଭୁଙ୍କର ପବିତ୍ର ପଦ୍ମପାଦର ସୁକ୍ଷ୍ମାନୁଭୂତି ପ୍ରାପ୍ତ ହୁଅନ୍ତୁ। ଏତିକି ହିଁ ଆମର କାମନା ॥*

**ମ**ଧୁମକ୍ଷିକା ଜାଣେ, ସେ ଥରେ ମଧୁଭାଣ୍ଡରେ ପହଞ୍ଚିଗଲେ ଆଉ ଫେରିବ ନାହିଁ। ସେହିଠାରେ ହିଁ ସମାଧି ନେବ! ତଥାପି ମଧୁର ମୋହ ତ୍ୟାଗ ନ କରିପାରି ସେହି ଭାଣ୍ଡରେ ହିଁ ଲୀନ ହୋଇଯାଏ। ଜୀବ ଓ ପରମଙ୍କର ସମ୍ପର୍କ ଠିକ୍ ସେହିପରି। ଜୀବର ଉତ୍ସ ହେଉଛି ପରମ ବା ପରମାତ୍ମା। ତାଙ୍କରି ଅଙ୍ଗରୁ ସେ ଆସିଛି। ତାଙ୍କରି ଦିବ୍ୟସତ୍ତାକୁ ଗ୍ରହଣ କରି ବଞ୍ଚି ରହୁଛି। ତେଣୁ ସେହି ଦିବ୍ୟସତ୍ତାର ଅଣୁ ସାହାଯ୍ୟରେ ତାଙ୍କ ନିକଟରେ ପହଞ୍ଚି ତାଙ୍କ ସହ ଏକାକାର ହୋଇଯିବା ଆକାଂକ୍ଷାରେ ସେ ସଦା ବ୍ୟାକୁଳ ହେଉଥାଏ। ଯେତେବେଳେ ତା'ର ସ୍ୱପ୍ନ ସାକାର ହୁଏ ତା'ର ଉପସିତ ଇଷ୍ଟଙ୍କ ଦର୍ଶନ ଲାଭ କରି ତାଙ୍କରି ଅଙ୍ଗରେ ଲୀନ ହୋଇଯାଏ, ସେତେବେଳେ ତା'ର ପରମଗତି ଲାଭ ହୁଏ। ସେହି ମିଳନକୁ ହିଁ 'ଗତିପ୍ରାପ୍ତି'' ବୋଲି କୁହାଯାଏ। ଯେଉଁ ସ୍ଥାନରେ ମିଳିତ ହୁଏ, ସେହି ସ୍ଥାନକୁ ''ତୀର୍ଥ'' ନାମରେ ନାମିତ କରାଯାଏ।

ଉକ୍ତ ''ଗତି'' ଓ ''ତୀର୍ଥ'' ପ୍ରାପ୍ତି ଦୁଇ ପର୍ଯ୍ୟାୟ ବିଶିଷ୍ଟ। ସୂକ୍ଷ୍ମ ଏବଂ ସ୍ଥୁଳ। ସାଧକ (ମୁନି, ଋଷି, ଯୋଗୀ) ଯେତେବେଳେ କଠୋର କର୍ମଯୋଗ କରି ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ତରରେ ସିଦ୍ଧି ପ୍ରାପ୍ତ ହୋଇ ସାଧନର ଅନ୍ତିମ ଚରଣରେ ଗୋଲୋକାଧିପତିଙ୍କ ସହ ମିଳିତ ହୋଇଯାଏ ସେତେବେଳେ ସେ ସୂକ୍ଷ୍ମଗତି ପ୍ରାପ୍ତି ହୋଇ ବ୍ରହ୍ମଙ୍କ ଶରୀର (ମଣ୍ଡଳ)ର ଯେଉଁ ଅଂଶରେ ଅବସ୍ଥାନ କରେ ସେହି ସ୍ଥାନରେ ତୀର୍ଥ ପ୍ରତିଷ୍ଠା କରି ସେହିଠାରେ ସତ୍, ଚିତ୍, ଆନନ୍ଦର ନିତ୍ୟସ୍ନାନ କରୁଥାଏ। ଏହା ''ସୂକ୍ଷ୍ମତୀର୍ଥ''। ଏହାକୁ ଅନ୍ୟ କେହି ଦେଖି ବା ଅନୁଭବ କରିପାରେ ନାହିଁ। କିନ୍ତୁ ସାଧାରଣ ଜୀବ, ଯାହାଦ୍ୱାରା ସୂକ୍ଷ୍ମଗତି ବା ତୀର୍ଥ ପ୍ରାପ୍ତି ସମ୍ଭବ ନୁହେଁ ସେ ଧରାଧାମରେ ପ୍ରତିଷ୍ଠିତ ହୋଇଥିବା ସ୍ଥୁଳ ତୀର୍ଥରେ ସ୍ନାନ, ତର୍ପଣାଦି କରି ଜୀବନ୍ମୁକ୍ତ ହେବାପାଇଁ ପ୍ରାର୍ଥନା କରେ। ଯଥା- ''ଗୟାତୀର୍ଥ'', ''ପ୍ରୟାଗତୀର୍ଥ'', ''ମାନସରୋବର ତୀର୍ଥ'' ଇତ୍ୟାଦିରେ ସ୍ନାନକରି ସୂକ୍ଷ୍ମତୀର୍ଥର ଫଳ ପ୍ରାପ୍ତି ପାଇଁ କଳ୍ପନା କରେ।

ଆଜିର ଉତ୍ସବ ''ଫଲଗୁ, ସୌରୀ ତୀର୍ଥ ଗତି ଦିବସ'' ସେହିପରି ଏକ ମହାନ୍ ଯୁଗଳବନ୍ଦୀ ପୁଣ୍ୟାତ୍ମାଙ୍କ ଯୁଗଯୁଗାନ୍ତର ସାଧନର ନିର୍ଯ୍ୟାସ ଅଟେ। କଳ୍ପ ଯୁଗର କଥା। ବ୍ରହ୍ମର୍ଷି କୌନ୍ତଦକଙ୍କ ଔରସରୁ ଜନ୍ମ ନେଲେ ସୁପୁତ୍ର ପୁନ୍ଦୋରଚି। ପିତା ସର୍ବଦା ଚାହାଁନ୍ତି ପୁତ୍ର ତାଙ୍କଠାରୁ ଅଧିକ ଜ୍ଞାନୀ, ଯଶସ୍ୱୀ ହେଉ। ତେଣୁ ପ୍ରଥମରୁ ହିଁ ପିତା କୌନ୍ତଦକ, ପୁତ୍ରକୁ ବ୍ରହ୍ମଜ୍ଞାନ ଶିକ୍ଷା ଦେବାପାଇଁ ଇଚ୍ଛା ପ୍ରକଟ କଲେ। ତେଣୁ ସେ ନିଜେ ଦାୟିତ୍ୱ ନ ନେଇ ବ୍ରହ୍ମର୍ଷି ଉତ୍କଳଙ୍କ ଆଶ୍ରମରେ ପୁନ୍ଦୋରଚିଙ୍କୁ ଉତ୍ସର୍ଗ କରି ସେଠାରେ ବିଦ୍ୟା ଅଧ୍ୟୟନ କରିବାକୁ ନିଷ୍ପତ୍ତି ଦେଲେ। ଶ୍ରୀଗୁରୁଦେବଙ୍କ ଆଶ୍ରମରେ ବ୍ରହ୍ମବିଦ୍ୟା ଅଧ୍ୟୟନ କରିବା ସମୟରେ ପୁନ୍ଦୋରଚିଙ୍କର

ମାନସିକ ବିକୃତି ଆସିଗଲା । ସେହି ଆଶ୍ରମ ଅନ୍ତେଃବାସିନୀ ହୋଇ ଅଧ୍ୟୟନ କରୁଥିବା ଉଭଙ୍ଗଦ ଋଷିଙ୍କର ରୂପବତୀ କନ୍ୟା ଉଭମାନିଙ୍କ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇଗଲେ । ଋଷିକନ୍ୟା ଉଭମାନି ମଧ୍ୟ ଉକ୍ତ ମନୋବାଞ୍ଛାକୁ ସ୍ୱୀକୃତି ପ୍ରଦାନ କଲେ । ତେଣୁ ଶ୍ରୀଗୁରୁଦେବ ଉଭୟଙ୍କ ମନୋଭାବକୁ ଲକ୍ଷ୍ୟ କରି ଦୁହଁଙ୍କୁ ବିବାହ ବନ୍ଧନରେ ଆବଦ୍ଧ କଲେ ଓ କିଛିଦିନ ପାଇଁ ଅଧ୍ୟୟନ ସ୍ଥଗିତ ରଖି ସାଂସାରିକ ଜୀବନ ଅତିବାହିତ କରିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଉଭୟେ ଗୃହସ୍ଥାଶ୍ରମ ପାଳନ କରୁଥିବା ସମୟରେ ହଠାତ୍ ନିର୍ଦ୍ଦେଶ ଆସିଲା ''ମର୍ତ୍ତ୍ୟଭୂମିକୁ ସତ୍ୟଯୁଗ ଅବତରଣ କରିଛି । ତୁମେ ଉଭୟେ ସୂକ୍ଷ୍ମ ଶରୀର ତ୍ୟାଗ କରି ମର୍ତ୍ତ୍ୟଧାମକୁ ଗମନ କର ଓ ସ୍ଥୂଳ ଶରୀରରେ ଗୃହସ୍ଥାଶ୍ରମ ସ୍ଥାପନ କରି ସାଧନରେ ବ୍ରତୀ ହୁଅ ।''

ତଦନୁସାରେ ପୁନ୍ଦୋରଚି ଓ ଉଭମାନି, ଯଥାକ୍ରମେ ଶୁଦ୍ଧିଦାନ ଓ ପୂତମତି ନାମ ଧାରଣ କରି ସତ୍ୟଯୁଗରେ ପୃଥକ୍ ଭାବରେ ଜନ୍ମ ଗ୍ରହଣ କଲେ । ବିବାହ ବନ୍ଧନରେ ଆବଦ୍ଧ ହେବା ପୂର୍ବରୁ ଗୁରୁକୁଳାଶ୍ରମରେ ଉଭୟ ଶିକ୍ଷାଗ୍ରହଣ ଆରମ୍ଭ କଲେ । ଶ୍ରୀଗୁରୁଦେବଙ୍କ ଆଦେଶ ଓ ଆଶ୍ରମର ପ୍ରଥାନୁସାରେ ଉଭୟ ପ୍ରତିଦିନ ଭିକ୍ଷାଗ୍ରହଣ କରିବାକୁ ଯାଆନ୍ତି । ନିୟମାନୁଯାୟୀ ଯାହା ଭିକ୍ଷା ବା ଦାନ ମିଳେ ସେ ସମସ୍ତ ବସ୍ତୁକୁ ଶ୍ରୀଗୁରୁଙ୍କ ନିକଟରେ ସମର୍ପଣ କରନ୍ତି । କାରଣ ଗୁରୁକୁଳାଶ୍ରମର ଗୃହୀତ ପ୍ରଥାନୁସାରେ ଗ୍ରହଣ କରିଥିବା ଦାନ ଉପରେ ଶିଷ୍ୟର କୌଣସି ଅଧିକାର ନ ଥାଏ । ଶୃଙ୍ଖଳିତ ଶିଷ୍ୟ ଶିଷ୍ୟା ହିସାବରେ ସେମାନେ ପ୍ରତିଦିନ ଅନନ୍ୟ ନିଷ୍ଠା ପ୍ରକଟ କରି ଦାନ ଭିକ୍ଷା ଆକାରରେ ଗ୍ରହଣ କରନ୍ତି ଓ ସମସ୍ତ ଦାନାର୍ଥକୁ ଶ୍ରୀଗୁରୁଙ୍କ ଚରଣାରବିନ୍ଦରେ ଆନନ୍ଦରେ ସମର୍ପଣ କରନ୍ତି । ଦିନପରେ ଦିନ ଅତିବାହିତ ହେଲା । ଉଭୟଙ୍କର ଯୌବନ ଅବସ୍ଥା ଉପନୀତ ହେଲା । ଜନ୍ମରୁ ରହିଥିବା ଅପୂର୍ଣ୍ଣାଙ୍ଗ ବାସନା ତୀବ୍ରଭାବରେ ମାନସପଟରେ ଜାଗ୍ରତ ହୋଇଗଲା । କିନ୍ତୁ ସଂସାର କଲେ, ଭରଣପୋଷଣର ଦାୟିତ୍ୱ କିପରି ବହନ କରିବେ ? କ୍ରମଶଃ ବିବେକ ଲୋପ ପାଇଗଲା । ସଂଚୟ ମନୋବୃତ୍ତି ପ୍ରବଳରୁ ପ୍ରବଳତର ହେଲା । ତେଣୁ ପ୍ରତିଦିନ ଗ୍ରହଣ କରୁଥିବା ଭିକ୍ଷାରୁ କିଛି ଅଂଶ ଗୋପନ ଭାବରେ ସଞ୍ଚୟ କରିବାକୁ ଲାଗିଲେ । ଶ୍ରୀଗୁରୁଦେବ ଏମାନଙ୍କର ଅପକର୍ମ ଜାଣି ମଧ୍ୟ ମୌନ ରହିଲେ । ଉପଲବ୍ଧି କଲେ ଯେ, ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଗ୍ରହଣ କରୁଥିବା ଦାନକୁ ଆତ୍ମସାତ୍ କରି ଏମାନେ ''ବ୍ରହ୍ମସ୍ୱ ହରଣ'' ପାପରେ ଭାଗୀ ହୋଇଗଲେଣି । ତେଣୁ ସାଧନ ଆଉ ଏମାନଙ୍କ ଦ୍ୱାରା ସମ୍ଭବ ନୁହେଁ । ତେଣୁ ଆଶ୍ରମ ତ୍ୟାଗ କରି ବିବାହ କରି ଅନ୍ୟତ୍ର ସାଂସାରିକ କର୍ମରେ ବ୍ରତୀ ହେବାକୁ ନିର୍ଦ୍ଦେଶ ଦେଲେ । ସେ ସମୟରେ ଉଭୟଙ୍କ ମନରେ ଅପାର ଆନନ୍ଦ । ଅସତ୍ ଭାବରେ ସଂଚିତ ଅର୍ଥ ଧରି ପ୍ରେମୀଯୁଗଳ ଆଶ୍ରମ ପରିତ୍ୟାଗ କଲେ । କିନ୍ତୁ ସଂସାର ଚଳିବ କିପରି ? ପତ୍ନୀଙ୍କ ନିର୍ଦ୍ଦେଶରେ ଶୁଦ୍ଧିଦାନ ରାଜଦରବାରକୁ ଯାଇ ରାଜାଙ୍କ ମନ୍ଦିରରେ ପୂଜକ ଭାବରେ ନିଯୁକ୍ତ ହେଲେ ଏବଂ ସେଥିରୁ ପ୍ରାପ୍ତ ଆୟରେ ପରିବାର ଚଳାଇଲେ । ଜୀବ ଲୋଭର କୌଣସି ସୀମା ନାହିଁ । କ୍ରମଶଃ ଉକ୍ତ ସୀମିତ ଆୟରେ ନିଜର ଚାହିଦା ମେଣ୍ଟାଇବାକୁ ଅସମର୍ଥ ହେଲେ । ଶେଷରେ ରାଜା ଓ ରାଜକର୍ମଚାରୀଙ୍କର ଅଗୋଚରରେ ମନ୍ଦିରର ସଂପଦ ଅପହରଣ କଲେ । ଶ୍ରୀଗୁରୁଦେବ ସୂକ୍ଷ୍ମଦୃଷ୍ଟି ରଖିଥିବାରୁ ସେମାନଙ୍କର ଆଚରଣରେ ଅତ୍ୟନ୍ତ ଦୁଃଖ ପ୍ରକାଶ କଲେ ଓ ଚେତନା ଦେଇ ସେମାନଙ୍କୁ ସତର୍କ କରାଇଦେବାକୁ ମନସ୍ଥ କଲେ । ସ୍ଥୂଳରେ ସ୍ୱୟଂ ଉପସ୍ଥିତ ହୋଇ କହିଲେ, ''ଆଶ୍ରମ ରହଣି ସମୟରେ ଦାନକୁ ଆତ୍ମସାତ୍ କରି ''ବ୍ରହ୍ମସ୍ୱ ହରଣ'' ପାପରେ ଭାଗୀ ହୋଇଥିଲ । ବର୍ତ୍ତମାନ ମନ୍ଦିରର ସଂପତ୍ତି ଅପହରଣ କରି ''ଦେବସ୍ୱ ହରଣ''ରେ ଅଂଶୀଦାର ହେଲ । ଏ ଦୁର୍ଲ୍ଲଭ ଜନ୍ମ, ଜୀବନକୁ ବୃଥା କରିଦେଲ । ଏବେ ମଧ୍ୟ ସମୟ ଅଛି । ସତ୍‌ପଥ ଅବଲମ୍ବନ କରି ବ୍ରହ୍ମଦର୍ଶନ ସାଧନରେ ବ୍ରତୀ ହୁଅ'' । ଶ୍ରୀଗୁରୁଦେବଙ୍କର ସତର୍କବାଣୀରେ ଶିହରି ଉଠିଲେ ପଥହରା ଦମ୍ପତି । ମନରେ ବିକାର ଓ ବୈରାଗ୍ୟ ସୃଷ୍ଟି ହେବା ସଂଗେ ସଂଗେ ଶରୀର ପ୍ରତି ମଧ୍ୟ ବିତୃଷ୍ଣା ଭାବ ଆସିଗଲା । ସୁତରାଂ ଉଭୟ ସଂକଳ୍ପ କଲେ ପାପଯୁକ୍ତ ଶରୀର ତ୍ୟାଗ କରି ନୂତନ ଶରୀର ଧାରଣ କରିବେ ଓ ଜନ୍ମ ଆରମ୍ଭରୁ ହିଁ ଦୈହିକ ସୁଖ ପରିହାର କରି ବ୍ରହ୍ମ ଅନ୍ୱେଷଣରେ ସାଧନ ଆରମ୍ଭ କରିବେ । ଏହି ଭାବରେ ସତ୍ୟର ପ୍ରଥମ ଜନ୍ମ ସେମାନଙ୍କର ଅବସାନ ହେଲା ।

ଏହାପରେ ସେମାନେ ପୁନରାୟ ସେହି ସତ୍ୟଯୁଗରେ ଯଥାକ୍ରମେ ''ସାର୍ଥଦର ଓ ସତୀମତି ନାମ ନେଇ ଦ୍ୱିତୀୟ ଜନ୍ମ ଗ୍ରହଣ କଲେ । ପ୍ରଥମରୁ ହିଁ ଗୁରୁଙ୍କର ଆଶ୍ରିତ ହୋଇ ପରମାର୍ଥ ଜୀବନ ବିତାଇବାର ସଂକଳ୍ପ ନେଲେ । ଏଠାରେ କହିବା ବାହୁଲ୍ୟ ଯେ, ସତ୍ୟଯୁଗରେ ପ୍ରତ୍ୟେକ ମାନବ ଆଂଶିକ ଜାତସ୍ମର ରହୁଥିଲେ । ତେଣୁ ବାରମ୍ବାର ଜନ୍ମ ନେଲେ ମଧ୍ୟ ସେମାନଙ୍କର

ପୂର୍ବଜନ୍ମର ସମସ୍ତ ବୃତ୍ତାନ୍ତ ବିସ୍ମରଣ ହୁଏ ନାହିଁ। କିଛି ଅଂଶ ସ୍ମରଣ ଥାଏ। ଆଉ କିଛି ଅଂଶ ଶ୍ରୀଗୁରୁଦେବ ସ୍ମରଣ କରାଇ ଦିଅନ୍ତି। ତେଣୁ ଉଭୟେ ପୃଥକ୍ ଭାବରେ ଭିନ୍ନ ଭିନ୍ନ ସ୍ଥାନରେ ଜନ୍ମ ହେଉଥିଲେ ମଧ୍ୟ ପୂର୍ବ ଜନ୍ମର ସ୍ମରଣ ଓ ଶ୍ରୀଗୁରୁଦେବଙ୍କ କୃପାରେ ପୁନର୍ବାର ମିଳିତ ହେଉଥିଲେ ଓ ପରସ୍ପରକୁ ଚିହ୍ନି ପାରୁଥିଲେ। ସେହିକ୍ରମରେ ଏ ଜନ୍ମରେ ମଧ୍ୟ ଦୁହେଁ ଏକତ୍ର ହୋଇ ଗୁରୁକୁଳରେ ଅବସ୍ଥାନ କଲେ। ସେମାନଙ୍କୁ ଶ୍ରୀଗୁରୁଦେବ ଆଶ୍ରମରେ ଆଶ୍ରିତ ପ୍ରାଣୀମାନଙ୍କ ଦାୟିତ୍ୱ ନ୍ୟସ୍ତ କଲେ। ଶ୍ରୀଗୁରୁଦେବ ରାଜ୍ୟର ରାଜାଙ୍କୁ ଅନୁରୋଧ କରି ଆଶ୍ରମର କିଛି ଦୂରରେ ଏକ ଘଞ୍ଚବନାନୀ ସୃଷ୍ଟି ପାଇଁ ଏକ ସ୍ଥାନ ଦାନରୂପରେ ଗ୍ରହଣ କଲେ ଓ ସେଠାରେ ମୃଗବାଟିକା ସୃଷ୍ଟି କରି ମୃଗମାନଙ୍କର ଲାଳନ ପାଳନ ଦାୟିତ୍ୱରେ ଉଭୟଙ୍କୁ ସେହି ବାଟିକାରେ ରହିବାକୁ ନିର୍ଦ୍ଦେଶ ଦେଲେ। ସାର୍ଦ୍ଦଦତ୍ତ ଓ ସତୀମତି ଆଶ୍ରମ ପରିସର ତ୍ୟାଗ କରି ମୃଗବାଟିକାରେ ଅବସ୍ଥାନ କଲେ ଏବଂ ମୃଗମାନଙ୍କର ସେବାକାର୍ଯ୍ୟରେ ଲାଗିଗଲେ। ଜୀବର ସ୍ୱଭାବ ଅତି ବିଚିତ୍ର। ଜାତସ୍ମର ହୋଇ ପୂର୍ବଜନ୍ମର ସମସ୍ତ ଅପକର୍ମ ମାନସପଟରେ ଥାଇ ମଧ୍ୟ ଉଭୟେ ଇନ୍ଦ୍ରିୟଲାଳସାରୁ ମୁକ୍ତ ହୋଇ ପାରିଲେ ନାହିଁ। ପୁନଶ୍ଚ ମୋହଗ୍ରସ୍ତ ହୋଇ ଦାୟିତ୍ୱ ସମ୍ପର୍କରେ ଅଚେତନ ହୋଇଗଲେ। ଫଳରେ ମୃଗମାନଙ୍କର ସ୍ୱାସ୍ଥ୍ୟାବସ୍ଥା କ୍ଷୀଣରୁ କ୍ଷୀଣତର ହୋଇ ଅନେକ ମୃଗ ପ୍ରାଣ ହରାଇଲେ। ତଥାପି ସେମାନଙ୍କର ଚେତନା ଫେରିଲା ନାହିଁ। ପରନ୍ତୁ ମାୟାଗ୍ରସ୍ତ ହୋଇ ଅନ୍ୟ ଏକ ପାପରେ ବୁଡ଼ିଗଲେ। ମୃଗବାଟିକାରେ ମୃଗମାନଙ୍କ ପାଇଁ ଲାଳନପାଳନର ଦୁହାଇ ଦେଇ ଶ୍ରୀଗୁରୁଦେବଙ୍କ ନାମ ମିଥ୍ୟାରେ ଉଚ୍ଚାରଣ କରି ରାଜାଙ୍କ ନିକଟରୁ ପ୍ରଚୁର ଅନୁଦାନ ଗ୍ରହଣ କଲେ। ସେହି ଅନୁଦାନକୁ ନିଜସ୍ୱ ଉପଭୋଗରେ ବ୍ୟୟ କରି ମୃଗମାନଙ୍କର ଅବହେଳା କଲେ। ଏତିକିରେ ମଧ୍ୟ ସେମାନଙ୍କର ଆକାଂକ୍ଷା ପୂର୍ଣ୍ଣହେଲା ନାହିଁ। ମୃଗବାଟିକାର ଅନତିଦୂରରେ ଅନ୍ୟ ଏକ ରାଜସଂପତ୍ତିକୁ ''ଗୁରୁଙ୍କ ଇଚ୍ଛା'' ବୋଲି ମିଥ୍ୟାରେ ପ୍ରଚାରକରି ଦଖଲ କଲେ ଓ ସେହି ସ୍ଥାନରୁ ଆୟ ହେଉଥିବା ରାଜାଙ୍କର ସମସ୍ତ ଅର୍ଥ ନିଜେ ଆତ୍ମସାତ୍ କରି ପାର୍ଥିବ ସୁଖରେ ବୁଡ଼ିଗଲେ। ମୃଗସେବା ବହୁଦୂରରେ ରହିଗଲା। ଏଥିରେ କ୍ରୁଦ୍ଧ ହୋଇ ଶ୍ରୀଗୁରୁ ଅଭିଶାପ ଦେଲେ। ଅଭିଶପ୍ତ ହେବାପରେ ସେମାନଙ୍କର ମୋହ ଭଙ୍ଗ ହେଲା। ଅନୁତାପରେ ଜର୍ଜରିତ ହୋଇ ସ୍ୱଇଚ୍ଛାରେ ପୁନର୍ବାର ଦେହ ତ୍ୟାଗ କଲେ।

ଏହାପରେ ବ୍ରହ୍ମର୍ଷି ବ୍ରହ୍ମସୂତ୍ରୀଙ୍କ ଔରସରୁ ସାର୍ଦ୍ଦଦତ୍ତ 'ଫଲଗୁ' ଓ ମୃଦମଙ୍ଗଙ୍କ ଔରସରୁ ସ୍ତ୍ରୀ ସତୀମତି 'ସୌରୀ' ନାମ ନେଇ ଭୂମିଷ୍ଠ ହେଲେ। ଉଭୟଙ୍କ ପିତା ବ୍ରହ୍ମର୍ଷି ହୋଇଥିବାରୁ ସେମାନଙ୍କର ଅଭିଶାପ ସମ୍ପର୍କରେ ଅବଗତ ହେଲେ। ଅଭିଶାପରୁ ମୁକ୍ତ ହୋଇ ବ୍ରହ୍ମଜ୍ଞାନ ଆହରଣ ପୂର୍ବକ ବ୍ରହ୍ମଦର୍ଶନର ଆଶୀର୍ବାଦ ଦାନ କରି ବ୍ରହ୍ମର୍ଷି ''ବିଶ୍ୱବର୍ମା''ଙ୍କ ଆଶ୍ରମରେ ଉଭୟଙ୍କୁ ଛାଡ଼ିଦେଲେ। ଏଥରକ ପିତୃ ଆଶୀର୍ବାଦରୁ ସେମାନେ ପ୍ରଥମରୁ ହିଁ ସଂସାରର ସମସ୍ତ ବସ୍ତୁ, ପାର୍ଥିବ ଭାବକୁ ପରିହାର କରି କଠୋର ତପରେ ଲୀନ ହୋଇଗଲେ। ଶ୍ରୀଗୁରୁଦେବଙ୍କ କୃପା ଲାଭ କରି ପର୍ଯ୍ୟାୟକ୍ରମେ ବ୍ରହ୍ମ ଅଭିଶାପରୁ ମୁକ୍ତ ହୋଇ ଗୃହସ୍ଥଧର୍ମ ପାଳନ କଲେ। ଗୃହସ୍ଥଧର୍ମର ସମସ୍ତ କଠୋର ଅନୁଶାସନକୁ ପାଳନ କରି ସେହି ଗୋଟିଏ ଜନ୍ମରେ ଯମ, ନିୟମ, ଆସନ, ପ୍ରତ୍ୟାହାର, ପ୍ରାଣାୟାମରେ ସିଦ୍ଧି ଲାଭ କଲେ। ଶେଷରେ ସେହି ସିଦ୍ଧି ଶକ୍ତିର ସାହାଯ୍ୟରେ ସମାଧିସ୍ଥ ହୋଇ ପରମେଶ୍ୱରଙ୍କ ଦର୍ଶନ ଲାଭ କଲେ ଓ ଯୁଗତତ୍ତ୍ୱର ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହେଲେ। ଉକ୍ତ ଦିବ୍ୟଜ୍ଞାନ ବଳରେ ତ୍ରେତୟା, ଦ୍ୱାପର ଓ କଳିଯୁଗରେ ପରମବ୍ରହ୍ମଙ୍କର ଦେବଦୁର୍ଲ୍ଲଭ ସ୍ଥୂଳ ଶରୀର ଓ ସ୍ଥୂଳ ଲୀଳା ସମ୍ପର୍କରେ ଅବଗତ ହେଲେ। ତେଣୁ ପ୍ରଭୁଙ୍କ ସ୍ଥୂଳ ଶରୀର ଏବଂ ମର୍ତ୍ତ୍ୟଲୀଳା ପ୍ରତି ଆସକ୍ତ ହୋଇଗଲେ। ସମାଧି ସ୍ତରରେ ବରଭିକ୍ଷା କଲେ, ''ହେ ସ୍ୱାମୀ ! ଆଗାମୀ ତିନିଯୁଗରୁ ପ୍ରଥମ ଯୁଗରେ ଆମ୍ଭେ ସ୍ଥୂଳ ଶରୀର ଗ୍ରହଣ କରି ଆପଣଙ୍କ ନିତ୍ୟ ଲାବଣ୍ୟ ରୂପ ମାଧୁରୀ ଦର୍ଶନ କରିବୁ, ଉପଭୋଗ କରିବୁ। ଯେତେବେଳେ ଆପଣ କଳିଯୁଗ ଶେଷରେ ମର୍ତ୍ତ୍ୟାବତରଣ କରିବେ, ଆମ୍ଭେ ସୂକ୍ଷ୍ମ ସତ୍ତାରେ ରହି ସେହି ଦିବ୍ୟଲୀଳା ଅନୁଭବ କରିବୁ। ଆଜି ଆମ୍ଭ ଦୁହିଁଙ୍କ ଉପରେ ଆପଣଙ୍କର କୃପାନେତ୍ରର କରୁଣାଧାରା ପ୍ଲାବିତ ହୋଇଛି। ସତ୍ୟଯୁଗର ଯେତିକି ଅଂଶ ଆଜି ପର୍ଯ୍ୟନ୍ତ ଭୋଗ ହୋଇଛି କଳିର ସେତିକି ଅଂଶ ଭୋଗ ହେବାପରେ ଏହି ପବିତ୍ର ପୂର୍ଣ୍ଣଚନ୍ଦ୍ର ଅବସ୍ଥାନରେ ଆମର ଶେଷ ଅଳି ପୂର୍ଣ୍ଣ କରିବେ । ସେହି ଅଳି:- ପ୍ରତିଯୁଗର ଅବତାରରେ ଆପଣଙ୍କ ଶରୀରର ବିଭିନ୍ନ ଅଂଶରେ ''ମୁକ୍ତି, ମୋକ୍ଷ, ନିର୍ବାଣ''ର ସ୍ଥାନ ରହିଛି। କିନ୍ତୁ କଳିର ଅବତାରରେ ସମସ୍ତ ଶକ୍ତି, ଧାମ, ତୀର୍ଥ ଆପଣଙ୍କ ଶ୍ରୀପାଦପଦ୍ମରେ ରହିବ। ଆଜି ଆପଣଙ୍କ ଦର୍ଶନ ମାତ୍ରେ ଆମର ପରମଗତି ଓ ଚରମତୀର୍ଥ ପ୍ରାପ୍ତ ହୋଇଛି। କିନ୍ତୁ ଆଶୀର୍ବାଦକୁ କରୁଣା କରି କଳିଶେଷ ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ। ଆପଣଙ୍କ ଚାରିଯୁଗ ଲୀଳାର

ଶେଷପ୍ରାନ୍ତରେ ଏହି ପବିତ୍ର ଦିବସରେ ଆମ୍ଭେ ସୂକ୍ଷ୍ମ ସତ୍ତା ନେଇ ଆପଣଙ୍କର ସ୍ଥୂଳ ଶରୀରର ଶ୍ରୀପଦପଙ୍କଜରେ ଲୀନ ହୋଇ ପରମଗତି ପ୍ରାପ୍ତ ହେବୁ ଓ ଶ୍ରୀପଦର ଯେଉଁ ଅଂଶ (ସ୍ଥାନରେ)ରେ ଆମକୁ ସ୍ଥାନ ମିଳିବ, ସେହି ସ୍ଥାନଟି ହିଁ ଆମ୍ଭପାଇଁ 'ତୀର୍ଥ'ର ମର୍ଯ୍ୟାଦା ଲାଭ କରିବ। କଳ୍ପରୁ ଦ୍ୱାପର ଶେଷ ପର୍ଯ୍ୟନ୍ତ ଆମ୍ଭର ଜନ୍ମ, ଜୀବନ ଓ କର୍ମପ୍ରବାହର ଆଧାରରେ ଆପଣଙ୍କ ସ୍ଥୂଳ ଉପସ୍ଥିତିରେ ଯଜ୍ଞାହୁତି ଦେଇ ଶ୍ରୀପାଦରେ ଆମ୍ଭର ''ଗତି ତୀର୍ଥ'' ସୂକ୍ଷ୍ମରେ ପ୍ରତିଷ୍ଠା କରିବେ।

ଏହି ଦୁର୍ଲ୍ଲଭ ବରପ୍ରାପ୍ତି ପରେ ତ୍ରେତୟା ଯୁଗରେ ଏହି ଦମ୍ପତି ଉଭୟ ସ୍ୱଇଚ୍ଛାରେ ପୁରୁଷ ଅଙ୍ଗ ଧାରଣ କରିଥିଲେ। 'ଫଲଗୁ ସୁସ୍ତକ' ଆର୍ଯ୍ୟମୁନି ଓ 'ସ୍ୱୀ ସୌରୀ' ସ୍ୱସ୍ତିକ୍ଷକ ମୁନି ହୋଇ ପ୍ରଭୁଙ୍କର ନବଦୂର୍ବାଦଳ ମୁନିମନଭୁଲା ଶ୍ରୀରାମ ରୂପ ଦର୍ଶନ ପାଇଁ ଘଞ୍ଚ ଜଙ୍ଗଲରେ ଆଶ୍ରମ କରି ଅପେକ୍ଷା କରିଥିଲେ। ଭକ୍ତବତ୍ସଳ ପ୍ରଭୁ ଶ୍ରୀରାମ ବନବାସ ସମୟରେ ଷୋଳ ସହସ୍ର ମୁନିଙ୍କୁ ଦର୍ଶନ ଦେଇ ଦ୍ୱାପରର ହ୍ଲାଦିନୀ ଲୀଳା ସଂଗଠନ ସମୟରେ ଗୋପ, ଗୋପାଙ୍ଗନା ଭାବରେ ଲୀଳାଙ୍ଗ ହୋଇ ଜନ୍ମ ନେବାକୁ ବରଦାନ କରିଥିଲେ, ସେମାନଙ୍କ ମଧ୍ୟରେ ଏହି ଦୁଇମୁନି ମଧ୍ୟ ଥିଲେ। ଏହାପରେ ଦ୍ୱାପରରେ ପୁନର୍ବାର ପତି ପତ୍ନୀର ମର୍ଯ୍ୟାଦା ନେଇ ଗୋପରେ ଗୋପାଳ, ଗୋପାଳୁଣୀ ଭାବରେ ଜନ୍ମ ନେଇଥିଲେ। ସେତେବେଳେ ସେମାନଙ୍କର ନାମଥିଲା (ଫଲଗୁ) ପୁନ୍ଧ୍ୱଜ ଓ (ସୌରୀ) ପିନାକିନୀ। ଗୋପଲୀଳାରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ପ୍ରତ୍ୟକ୍ଷ ସାନ୍ନିଧ ଲାଭ କରି ଧନ୍ୟ ହୋଇଥିଲେ ।

ତ୍ରେତୟା, ଦ୍ୱାପରଯୁଗ ପରେ କଳିଯୁଗ ଆଜି ଅନ୍ତିମ ପର୍ଯ୍ୟାୟରେ ଉପନୀତ। ମୁନି ଦମ୍ପତିଙ୍କ ବରପ୍ରାପ୍ତିର ଶେଷଅଙ୍କ। ସତ୍ୟଯୁଗର ଯେତିକି ଅଂଶ ଅତିବାହିତ ପରେ ସେମାନେ ବରପ୍ରାପ୍ତ ହୋଇଥିଲେ କଳିର ଠିକ୍ ସେତିକି ଅଂଶ ଭୋଗ ହେବା ପରେ ଆଜି ସେହି ଦୁର୍ଲ୍ଲଭ ମୁହୂର୍ତ୍ତ। ଆଷାଢ଼ ପୂର୍ଣ୍ଣିମା। ମୁନିଦମ୍ପତି ଫଲଗୁ, ସୌରୀଙ୍କର ଜନ୍ମଜନ୍ମାନ୍ତରର କର୍ମପ୍ରବାହର ଆଧାରରେ ନିଜର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ଯଜ୍ଞାହୁତି ଦେଇ ଭକ୍ତଭୋଳା ଠାକୁରେ ଆଜି ସେମାନଙ୍କୁ ପରମ ଗତି ପ୍ରାପ୍ତ କରାଇଛନ୍ତି ଏବଂ ଦେଇଥିବା ବଚନ ଅନୁସାରେ ଶ୍ରୀପଦପଙ୍କଜରେ ସେମାନଙ୍କୁ ଲୀନ କରାଇ ଲୀନ ହେଉଥିବା ସ୍ଥାନରେ ଗତିର ପରମ ତୀର୍ଥ ସୂକ୍ଷ୍ମରେ ପ୍ରତିଷ୍ଠା କରି ସେମାନଙ୍କର ଅଭିଷ୍ଟ ପୂର୍ଣ୍ଣ କରିଛନ୍ତି। ଏହାହିଁ ଆଜି ଏ ଉତ୍ସବର ଇତିବୃତ୍ତି।

ଧନ୍ୟ ଏହି ଧରିତ୍ରୀ, ଧନ୍ୟ ଆମ୍ଭେ ମର୍ତ୍ତ୍ୟବାସୀ। ଯୁଗଯୁଗ ତପସ୍ୟା କରି ମୁନିମାନେ ଯେଉଁ ପରମପାଦରେ ଗତି, ତୀର୍ଥ ପାଇଁ ବରମାଗି ଆସିଛନ୍ତି ଆଜି ଆମ୍ଭେମାନେ ଅହରହ ସେହି ସ୍ଥୂଳ ପଦ୍ମପାଦ ଦର୍ଶନ କରି ଏ ଜନ୍ମ ଜୀବନ ଧନ୍ୟ କରୁଛୁ। କୃତାର୍ଥ କରୁଛୁ। ସତରେ କେତେ କୃପାମୟ ସେ। ଆମର କୌଣସି ସାଧନା, ସିଦ୍ଧି ନ ଥାଇ ଅଯାଚିତ ଭାବରେ ସେ ବର୍ଷଣ କରି ଚାଲିଛନ୍ତି କୃପାବାରି। ଭାଗବତରେ ଉଦ୍ଧବଙ୍କ ପ୍ରାର୍ଥନା ''ସକଳ ତୀର୍ଥ ତୋ ଚରଣେ। ବଦ୍ରିକା ଯିବି କି କାରଣେ''ର ସତ୍ୟତା ଆଜି ପ୍ରମାଣିତ ହୋଇଛି। ଆମ୍ଭମାନଙ୍କ ପରି ମୂଢ଼ମତି, ପାମରମାନଙ୍କୁ ସଚେତନ କରାଇ ଚିରନମସ୍ୟ ମୁନି ଦମ୍ପତି ''ଫଲଗୁ ଓ ସୌରୀ'' ପ୍ରମାଣ କରି ଦେଇଛନ୍ତି ଯେ ସେଇ ପଦ୍ମପାଦ ହିଁ ସକଳ ଗତିର କେନ୍ଦ୍ର ଓ ସର୍ବତୀର୍ଥର ସ୍ଥାନ। ଶେଷରେ ସେହି ମୁନି ଦମ୍ପତିଙ୍କ ଶ୍ରୀଚରଣରେ ପୁନଃପୁନଃ ପ୍ରଣାମ ଜଣାଇ ଦେବଦୁର୍ଲ୍ଲଭ ଶ୍ରୀପଦ୍ମପାଦରେ ପ୍ରାର୍ଥନା କରୁଛୁ ''ହେ ପ୍ରଭୁ ! ମାଗିବା ପୂର୍ବରୁ ପଦ୍ମପାଦ ସ୍ଥୂଳରେ ଦର୍ଶନ ଦେଇ ଅକାତରରେ ଆମକୁ ପୂର୍ଣ୍ଣ କରିଛ। ଆଜି ଏହି ପବିତ୍ର ଉତ୍ସବର ସ୍ମାରକରେ ଆଉ ଏକ ଅଳି କରୁଛୁ ଦେବ ! ମୁନି ଦମ୍ପତିଙ୍କ ତୀର୍ଥ ଗତିର ଏହି ଅମର ଗାଥା ଯିଏ ଶ୍ରଦ୍ଧା, ବିଶ୍ୱାସ, ପ୍ରେମ ଓ ଭକ୍ତିର ସହ ପାଠ କରିବ, କରାଇବ ଓ ଶ୍ରବଣ କରିବ ତାକୁ ସେହି ପଦ୍ମପାଦର ସୂକ୍ଷ୍ମ ଅନୁଭୂତି ପ୍ରାପ୍ତ ହେଉ।'

୦୦୦

ଶ୍ରୀପଦରେ ସିନା ଲୁଚାଇ ରଖିଛ ସକଳ ତୀର୍ଥ ଧାମ ।
ଶ୍ରୀମୁଖରୁ କିନ୍ତୁ ଉଜାଡ଼ି ଦେଇଛ ମୁକ୍ତିର ପବିତ୍ର ନାମ ॥
କରୁଣାକର ହେ କରୁଣା ସାଗର ସ୍ଥିର ହେଉ ଆମ ମତି ।
ଫଲଗୁ, ସୌରୀ ସମ ପ୍ରାପ୍ତ ହେଉ ଆମ ଜନମର ତୀର୍ଥଗତି ॥''

# ଆଶ୍ରମ ସନ୍ଦେଶ

ତା୦୫.୧୦.୯୮ରିଷ- **ସୋମବାର :** ଜଗତପୁରସ୍ଥ କେଶବ ଭବନ ପରିସରରେ 'ଚରମ'ର ମର୍ତ୍ତ୍ୟାବତରଣ ବାର୍ଷିକ ଉତ୍ସବ ଯଥାବିଧି ପାଳନ ଓ ସଂଧ୍ୟାରେ ସତ୍‌ସଂଗ ଅନୁଷ୍ଠାନ ହୋଇଅଛି ।

ତା୧୯.୧୦.୯୮ରିଷ- **ସୋମବାର :** କ୍ଷିତିଜ୍ୟୋତିଃ ଆଶ୍ରମରେ ଦୀପଦାନ ଉତ୍ସବ ପାଳିତ ହୋଇଅଛି ।

ତା୨୪.୧୦.୯୮ରିଷ- **ଶନିବାର :** ଆଜି କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ତିଥି, ଅପରାହ୍ନ ଘ.୩.୪୫ମି. ସମୟରେ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ପରମପୂଜ୍ୟା ଠାକୁମା' ସୁକାନ୍ତିଦେବୀ ଦେହରକ୍ଷା କରି ଅଛନ୍ତି । ଠାକୁମା'ଙ୍କର ମହାପ୍ରୟାଣ ସମ୍ବାଦ ବିଦ୍ୟୁତ୍‌ବେଗରେ ସର୍ବତ୍ର ପ୍ରଚାରିତ ହେବାମାତ୍ରେ ଶୋକାକୁଳ ଭାଇଭଉଣୀମାନେ ଅଶ୍ରୁଳ ନୟନରେ ବହୁଦୂର ଦୂରାନ୍ତରୁ ଆସି ଠାକୁମା'ଙ୍କର ଶେଷ ଦର୍ଶନ କରିଅଛନ୍ତି । ପରମପିତା ଠାକୁରଙ୍କର ନିର୍ଦ୍ଦେଶରେ ଠାକୁମା'ଙ୍କର ଅନ୍ତିମ ଯାତ୍ରା ବିଧିମତ ବ୍ୟବସ୍ଥା କରାଯାଇଅଛି ।

ତା୨୫.୧୦.୯୮ରିଷ- ରବିବାର : ପୂର୍ବାହ୍ନରେ ଠାକୁମା'ଙ୍କର ଅନ୍ତିମ ଯାତ୍ରା ନିମନ୍ତେ ଆଶ୍ରମାଗତ ସହସ୍ରାଧିକ ଗୁରୁ ଭାଇଭଉଣୀ, ଆଶ୍ରମର ଅନ୍ତେଃବାସୀ ଓ ସ୍ଥାନୀୟ ଜନସାଧାରଣଙ୍କର ଏକ ଶୋଭାଯାତ୍ରା ଯଥା ବିଧି ସମ୍ପନ୍ନ ହୋଇଅଛି । ଆଜିଠାରୁ ଏକୋଇଶ ଦିବସ ବ୍ୟାପୀ ଗୁରୁଭାଇଭଉଣୀମାନେ ଶୋକ ପାଳନ କରିବା ନିମନ୍ତେ ଘୋଷଣା କରାଯାଇଛି । ଏହି ସମୟରେ ପୂଜାର୍ଚ୍ଚନାଦି ସମସ୍ତ ଦେବନୀତି ନିଷେଧ କରାଯାଇଛି ।

ତା୧୨.୧୧.୯୮ରିଷ- **ଗୁରୁବାର : ପୂଜ୍ୟା ଠାକୁମା'ଙ୍କର ମହାପ୍ରୟାଣର ବିଂଶତିତମ ଦିବସରେ ଆଶ୍ରମ ନିକଟସ୍ଥ ଜରିଆ ନଦୀତଟରେ ଶ୍ରୀଗୁରୁସ୍ୱାମୀ, ସମବେତ ଗୁରୁଭାଇ ଭଉଣୀ, ଭକ୍ତ, ଅନୁଗତ ଏବଂ ଗ୍ରାମବାସୀମାନଙ୍କର ଶୌଚାଦିକ୍ରିୟା ଯଥାବିଧି ସମ୍ପନ୍ନ ହୋଇଅଛି । ସାଂଧ୍ୟ ଅବକାଶରେ ଠାକୁମା' ଓ ଠାକୁବା'ଙ୍କର ନବନିର୍ମିତ ସମାଧିପୀଠ ପରିସରରେ ଶ୍ରୀପାଦୁକାସ୍ଥାପନ, ପୂଜାର୍ଚ୍ଚନା ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଅଛି ।**

ତା୧୩.୧୧.୯୮ରିଷ- **ଶୁକ୍ରବାର : ରାତ୍ର ଘ.୩.୩୦ମି. ସମୟରୁ ବେହେଲାରେ ଧୁନ ପରେ ପରେ ବିଷ୍ଣୁ ସହସ୍ର ନାମ, ଅଷ୍ଟକ ଆବୃତ୍ତି ଓ ତପରେ ଶ୍ରୀପାଦୁକା ପୂଜାର୍ଚ୍ଚନା, ବନ୍ଦନା, ପ୍ରାର୍ଥନା, ମହାମନ୍ତ୍ର, ବେଦପାଠ ଓ ଏକାଦଶାହ କର୍ମ ସମାପନ ହୋଇଅଛି । ସାଂଧ୍ୟ ଅବକାଶରେ ଶ୍ରୀପାଦୁକା ପୂଜାର୍ଚ୍ଚନା, ବନ୍ଦନା, ପ୍ରାର୍ଥନା, ବୈଷ୍ଣବ**

| | |
|---|---|
| | ମଣ୍ଡଳୀଙ୍କ ଦ୍ୱାରା କୀର୍ତ୍ତନ ଓ ପ୍ରସାଦ ସେବନ କରାଯାଇଅଛି । ରାତ୍ର ଘ.୧୦ଟିକା ଯଜ୍ଞର ଶୁଭାଧିବାସ ଓ ଅଙ୍କୁରାରୋପଣ କରାଯାଇଅଛି । |
| ତା୧୪.୧୧.୯୮ରିଖ- | **ଶନିବାର :** ରାତ୍ର ଘ.୩.୩୦ମି. ସମୟରୁ ସମସ୍ତ ପୂଜାର୍ଚ୍ଚନାଦି ସହ ଅଭିଷେକ, ସମାଧି ପ୍ରତିଷ୍ଠା ଓ ଯଜ୍ଞାରମ୍ଭ ହୋଇଅଛି । |
| ତା୧୫.୧୧.୯୮ରିଖ- | **ରବିବାର :** ପ୍ରାତଃ କାଳୀନ ସମସ୍ତ ପୂଜାର୍ଚ୍ଚନାଦି ସହ ଯଜ୍ଞାନୁଷ୍ଠାନ କରାଯାଇଅଛି । ସଂଧ୍ୟାରେ ପୂଜାର୍ଚ୍ଚନା, ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ମହାମନ୍ତ୍ରାଦି ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । |
| ତା୧୬.୧୧.୯୮ରିଖ- | **ସୋମବାର :** ପ୍ରାତଃ ପୂଜାର୍ଚ୍ଚନାଦି ସହିତ ଯଜ୍ଞାନୁଷ୍ଠାନ ଓ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି । ସଂଧ୍ୟାରେ ସକଳ ଦେବନୀତି ସହିତ ସତ୍‌ସଂଗ ଅନୁଷ୍ଠିତ ହୋଇଅଛି । |
| ତା୨୪.୧୧.୯୮ରିଖ- | **ମଙ୍ଗଳବାର :** ଚାୟାଁପାଳର ଧନୁଭାଇ, ଅନୁଭାଇ, ରେନୁଭାଇଙ୍କ ବାସଭବନ ପରିସରରେ ପ୍ରତିବର୍ଷ ପରି ଗୀତାଯଜ୍ଞାନୁଷ୍ଠାନ ସମ୍ପନ୍ନ ହୋଇଅଛି । |
| ତା୩୦.୧୧.୯୮ରିଖ- | ସୋମବାର : କେନ୍ଦୁଝର ଜିଲ୍ଲାର ରାହାଙ୍କି ଶାଖାର କେତନ ବାର୍ଷିକୋତ୍ସବ ପାଳିତ ହୋଇଅଛି । |

ooo



ଆମର ଲକ୍ଷ୍ୟ : ଚରମପ୍ରାପ୍ତି